


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ



Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 217 | ଭାଗ ୩୨ | ସଂଖ୍ୟା ୨୧୭ | Bhubaneswar | Thursday 31 October 2024 | Page 8 Rs. 4.00 | ଭୁବନେଶ୍ୱର | ଗୁରୁବାର ୩୧ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ସ୍ରଷ୍ଟାଙ୍କ ନାମରେ ଜଙ୍ଗଲ ନାମକରଣ କଲା ବନ ବିଭାଗ

ନାରୀ ଶକ୍ତି ଯେକୌଣସି ଅସମ୍ଭବକୁ ସମ୍ଭବ କରିପାରେ। ତାହା ଘରେ ହେଉ କିମ୍ବା ବାହାରେ । ସବୁ ଆହ୍ୱାର ମୁକାବିଲା କରିବାକୁ ସେମାନେ ସକ୍ଷମ । ଆଉ ଏଭଳି ଏକ ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି ଆମ ରାଜ୍ୟର ଜଣେ ମହିଳା ସରୋଜିନୀ ମହାନ୍ତି। ଏକା ଏକା ସୃଷ୍ଟି କରିଛନ୍ତି ସବୁଜ ବନାନୀ । ଆଉ ତାଙ୍କର ଉଦ୍ୟମ, ଚେଷ୍ଟା, ଜଙ୍ଗଲକୁ ଭଲ ପାଇବାକୁ ସମ୍ମାନ ଦେଇ ସେହି ଜଙ୍ଗଲକୁ ହିଁ ତାଙ୍କରି ନାମରେ ନାମିତ କରିଛି ବନ ବିଭାଗ । ଏପରି ନାମକରଣ ବୋଧହୁଏ ବିରଳ ।




ବାସ୍ତବରେ ସେରୋଜିନୀ ହେଉଛନ୍ତି ପକୃତି ରାଣୀ । ଓଡ଼ିଶାର ବଣାଇ ବନଖଣ୍ଡରେ ଦିନ ମଜୁରିଆ ସରୋଜିନୀ ମହାନ୍ତି ୪.୭ ଏକର ଜମିକୁ ଏକ ସମୃଦ୍ଧ ସବୁଜ ଜଙ୍ଗଲରେ ପରିଣତ କରିଛନ୍ତି, ଯାହା ବର୍ତ୍ତମାନ 'ସରୋଜିନୀ ବନ' ନାମରେ ପରିଚିତ। ଗତ ୪ ବର୍ଷ ମଧ୍ୟରେ ସେ ଅଁଳା, ଆମ୍ବ, କଦଳୀ, ଫାସି ଓ ପିଜୁଳି ଆଦି ୩୦୦୦ ଦେଶୀ ଗଛକୁ ପାଳି ପୋଷି ବଡ କରିଛନ୍ତି। ଦିନକୁ ମାତ୍ର ୩୧୫ ଟଙ୍କା ରୋଜଗାର କରୁଥିବା ସରୋଜିନୀ କର୍ତ୍ତବ୍ୟର ଆହ୍ୱାନ ବାହାରେ ଯାଇଛନ୍ତି। ମାଟି ବିଶୋଧନ ଓ ନିୟମିତ ପାଣି ଦେବାଠାରୁ ଆରମ୍ଭ କରି ଗାଈଗୋରୁଙ୍କୁ ଦୂରେଇ ରଖିବା ଏବଂ ବାଡ଼ ଚୋରି ରୋକିବା ପାଇଁ ରାତିରେ ଜଗିବା ପର୍ଯ୍ୟନ୍ତ ପ୍ରତ୍ୟେକ ଚାରାକୁ ସେ ନିଜ ପିଲା ଭଳି ଅକ୍ଳାନ୍ତ ଯତ୍ନ ନେଉଛନ୍ତି। ନାଲି ମୋରମ୍ ମାଟି ଏବଂ ଗ୍ରାମବାସୀଙ୍କ ପ୍ରତିରୋଧ ସତ୍ତ୍ୱେ, ତାଙ୍କ ଦ୍ୱରା ଲଗାଯାଇଥିବା ଗଛଗୁଡ଼ିକର ୯୫-୯୯% ବଞ୍ଚିବା ହାର ସୁନିଶ୍ଚିତ କରିଥିଲା । ତାଙ୍କର ଏହି ଉଲ୍ଲେଖନୀୟ ପ୍ରୟାସ ବନ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି, ଯେଉଁମାନେ ତାଙ୍କ ନିଷ୍ଠାପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ତାଙ୍କ ନାମରେ ଏହି ଜଙ୍ଗଲର ନାମକରଣ କରିଛନ୍ତି। ସରୋଜିନୀ ମହାନ୍ତି କୁହନ୍ତି, "ଯେତେବେଳେ ମୋତେ ଏହି ଜମିର ଯତ୍ନ ନେବାର ସୁଯୋଗ ମିଳିଲା, ମୁଁ ଏହାକୁ ଗ୍ରହଣ କଲି।" ମୁଁ ପ୍ରମାଣ କରିବାକୁ ଚାହୁଁଥିଲି ଯେ ମହିଳାମାନେ ମଧ୍ୟ ଏହା କରିପାରିବେ।

## ଅଦିନିଆ ରଥଯାତ୍ରା ସଂସ୍କୃତି ବିରୋଧୀ

**ପୁରୀ, ୩୦।୧୦ (ସଂଚାର ବ୍ୟୁରୋ):** ଇସ୍କନର ଅଦିନିଆ ରଥଯାତ୍ରା ବିରୋଧରେ ବିଭିନ୍ନ ସ୍ତରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ଜନସାଧାରଣ, ଶ୍ରଦ୍ଧାଳୁ, ସେବାୟତ କେହି ଏଭଳି ନୀତି ବିରୋଧୀ ପଦକ୍ଷେପକୁ ସମର୍ଥନ କରୁନାହାନ୍ତି। ଏହା ଜଗନ୍ନାଥ ସଂସ୍କୃତି ପରିପନ୍ଥୀ ବୋଲି ମତପ୍ରକା ପାଇଛି। ଏହି ପରିପ୍ରେକ୍ଷୀରେ ଗତକାଲି ଗଜପତି ଶ୍ରୀ ଦିବ୍ୟସିଂହ ଦେବ ଅଦିନିଆ ରଥଯାତ୍ରା ବନ୍ଦ କରିବା ପାଇଁ ଇସ୍କନ ମୁଖ୍ୟଙ୍କୁ ଚିଠି ଲେଖିଥିଲେ। ଆଜି ଇସ୍କନର ଯୋଜନାକୁ କଡା ନିନ୍ଦା କରିଛନ୍ତି ପୁରୀ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଶଙ୍କରାଚାର୍ଯ୍ୟ ଦର୍ଶାଇଛନ୍ତି, ପରମ୍ପରା ଏବଂ ଭାବନା ମଧ୍ୟରେ ଏକ ସମନ୍ୱୟ ରକ୍ଷା କରିବାର ଆବଶ୍ୟକତା ରହିଛି। ଶ୍ରୀମଦ୍‌ଭଗବଦ୍ ଗୀତା ସଫଳତା ପାଇବା ପାଇଁ ସମନ୍ୱୟ ରକ୍ଷା କରିବାକୁ ସମସ୍ତଙ୍କୁ ଶିକ୍ଷା ଦିଅନ୍ତି। ଇସ୍କନ କର୍ତ୍ତୃପକ୍ଷ ରୀତିନୀତି ବିଷୟରେ ଭଲ ଭାବରେ ଜାଣିଛନ୍ତି। ହେଲେ ହ୍ୟୁଷ୍ଟନ୍ ୟୁନିଟ୍ ଦ୍ୱାରା ଏଭଳି ପଦକ୍ଷେପ କେବଳ ଲୋକପ୍ରିୟତା ହାସଲ କରିବା ଏବଂ ଦୃଷ୍ଟି ଆକର୍ଷଣ କରିବା ପାଇଁ ଏକ ଷ୍ଟଣ୍ଟ। ପରମ୍ପରାକୁ ଉଲ୍ଲଂଘନ କରି ଏପରି କାର୍ଯ୍ୟ କୌଣସି ପ୍ରକାରରେ ଲାଭଦାୟକ ହେବ ନାହିଁ ବୋଲି ସେ କହିଛନ୍ତି। ଶ୍ରୀମନ୍ଦିର ପରମ୍ପରା ମୁତାବକ ରଥଯାତ୍ରା କରିବାକୁ ପୂର୍ବରୁ ଇସ୍କନକୁ କୁହାଯାଇଥିଲା। ଏନେଇ ଇସ୍କନ ସହ ଅନେକ ଥର ଆଲୋଚନା ମଧ୍ୟ ହୋଇଥିଲା। ୨୦୧୬ରେ ଇସ୍କନ ପକ୍ଷରୁ ପୁରୀରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିର ନିର୍ମାଣ

➪ପୃଷ୍ଠା-୬



## ୨୦୩୬ରେ ହାସଲ ହେବ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ

# ମୋହନ ଭିଜନ: ବିକଶିତ ଓଡ଼ିଶା

- ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ରହିବ ମହତ୍ତ୍ୱପୂର୍ଣ୍ଣ ଅବଦାନ
- ଭିଜନ ଡକୁମେଣ୍ଟ ପ୍ରସ୍ତୁତି ପାଇଁ ପ୍ରସ୍ତାବ ଦେବାକୁ ଅନୁରୋଧ କଲେ ମୁଖ୍ୟମନ୍ତ୍ରୀ
- ୱେବ ପୋର୍ଟାଲ https://vision.odisha.gov.in/
- ଲୋକେ ପ୍ରସ୍ତୁତ କରିବେ ବିକଶିତ ଓଡ଼ିଶାର ରୂପରେଖ




**ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ):** ୨୦୩୬ରେ ଗଠିତ ହେବ ସମୃଦ୍ଧ ଓଡ଼ିଶା। ୨୦୪୭ର ବିକଶିତ ଭାରତ ପାଇଁ ଓଡ଼ିଶାର ରହିବ ମହତ୍ତ୍ୱପୂର୍ଣ୍ଣ ଅବଦାନ। ଏହି ଲକ୍ଷ୍ୟ ହାସଲ ପାଇଁ ଏକ ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଭିଜନ୍ ଡକୁମେଣ୍ଟ ପାଇଁ ଏକ ୱେବ ପୋର୍ଟାଲ ଉନ୍ମୋଚନ କରି ଜନସାଧାରଣଙ୍କୁ ସୁଚିନ୍ତିତ ମତାମତ ଦେବା ପାଇଁ ଆହ୍ୱାନ ଦେଇଛନ୍ତି। ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଓ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ମିଳିତ ପ୍ରଚେଷ୍ଟାରେ ପ୍ରସ୍ତୁତ କରାଯାଇଛି। ଜନସାଧାରଣ ଏହି ୱେବ ପୋର୍ଟାଲ ସହିତ ହ୍ୱାଟସ୍ ଆପ୍ ଚାଟ୍ ବଟ୍ +୯୧ ୬୩୭୦୯୫୧ ୯୨୦ ଏବଂ

➪ପୃଷ୍ଠା-୬

## ଏବେ ସମସ୍ତଙ୍କ ସଫ୍ଟ ଟାର୍ଗେଟ ବବି-ମାନସ

### ବିରୋଧରେ କହି ଚର୍ଚ୍ଚାରେ ରହିବାକୁ କୁଜିନେତାଙ୍କ ପ୍ରତିଯୋଗିତା

**ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ):** ବିଜେଡି ସାଂଗଠନିକ ପ୍ରଣବ ପ୍ରକାଶ ଦାସ ଓରଫ ବବି ଓ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କ ନାଁ ନେଇ ଚର୍ଚ୍ଚାରେ ରହିବାକୁ କିଛି କୁଜିନେତା ଏବେ ତତ୍ପର। ଏଥିପାଇଁ ଏବେ ମାଳ ମାଳ ଭାଇରାଲ ଅଡିଓ ପ୍ରସ୍ତୁତ ସହିତ ତାହାକୁ ଯୋଜନାବଦ୍ଧ ଭାବେ ବଜାରକୁ ଛଡାଯାଉଛି । ନିର୍ବାଚନ ପରେ ଯେହେତୁ ବିଜେଡିରେ ବବି ଓ ମାନସଙ୍କ ବିରୋଧରେ ଦଳୀୟ ଅସନ୍ତୋଷ ରହିଛି, ତାର ଫାଇଦା ନେଉଛନ୍ତି କିଛି କୁଜି ନେତା। ଯେଉଁମାନେ ଦିନେ ବବି ଓ ମାନସଙ୍କ ସମ୍ମାରେ ଛିଡା ହେବାକୁ ସାହସ କରୁନଥିଲେ ସେମାନେ ଏବେ ଏହି ଦୁଇ ନେତାଙ୍କ ବିରୋଧରେ ଅଡିଓ ଭାଇରାଲ କରି କିମ୍ବା କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ବିବୃତି ଦେଉଛନ୍ତି। ଏଭଳି ନେତା ବିଜେଡି ପାଇଁ କଣ କେଉଁ ଦଳ ପାଇଁ ବି ବିଶ୍ୱାସଯୋଗ୍ୟ ନୁହଁନ୍ତି ବୋଲି ଚର୍ଚ୍ଚା ହେଉଛି। ଏବେ ବଜାରରେ ବୁଲୁଥିବା ଅଡିଓରେ ବବି ଦାସ କୋଭିଡ ମୃତକଙ୍କ କ୍ଷତିପୂରଣରୁ ୩ଲକ୍ଷ ଟଙ୍କା ନେବେ ବୋଲି ଦୁଇ ଜଣ କଥାବାର୍ତ୍ତା ହେଉଛନ୍ତି । କିଏ କାହାକୁ କହୁଛି ତାହାର କିଛି ସତ୍ୟତା ନଥିବାବେଳେ ଏଥିରେ କିନ୍ତୁ ବବି ଦାସଙ୍କ ନାଁକୁ ଯୋଡି ଦିଆଯାଇଛି। ଏଭଳି କରି କିଛି ଲୋକ ଏବେ ଚର୍ଚ୍ଚାରେ ରହିବା ସହିତ ବବିଙ୍କୁ ବ୍ଲାକମେଲ୍ କରିବାପାଇଁ ଲାଗି ପଡିଛନ୍ତି । କୋଭିଡ ମୃତକଙ୍କ କ୍ଷତିପୂରଣ ରାଶିରୁ ବବି ଜଳଖିଆ ଖର୍ଚ୍ଚ ନେବା ଅତ୍ୟନ୍ତ ହାସ୍ୟାସ୍ପଦ ହେଉଥିଲେ ମଧ୍ୟ ତାହାକୁ ଅତ୍ୟନ୍ତ ସର୍ତକତାର ସହିତ ଭାଇରାଲ କରାଯାଉଛି । ସେହିଭଳି କିଛି ଜମି କେଳେଙ୍କାରୀରେ ସାଂସଦ ମାନସ ମଙ୍ଗରାଜଙ୍କ ନାଁକୁ ଯୋଡି ଦିଆଯାଇଛି। ଏଥିରେ ବି ସୁଚିନ୍ତିତ ଭାବେ

➪ପୃଷ୍ଠା-୬



### ଛୁଟି ଘୋଷଣା

ପବିତ୍ର ଦୀପାବଳି ଓ କାଳିପୂଜା ଉପଲକ୍ଷେ ୩୧ ତାରିଖ (ଗୁରୁବାର) 'ସଂଚାର' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨ ତାରିଖ (ଶନିବାର) ପ୍ରକାଶ ପାଇବ।

ପ୍ରକାଶକ

## ପ୍ରମିଳାଙ୍କୁ ଗୁରୁ କହିବାର ଫଳ ଭୋଗିଲେ



- ନିର୍ବାଚନ ବେଳେ ବିଜେପି ପାଇଁ ଖୋଲା ପ୍ରଚାର କଲେ
- ଏବେ ବବି-ଜିତୁଙ୍କୁ ଦାୟୀ କରୁଛନ୍ତି ସୁନନ୍ଦା

**ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ):** ବିଜେଡି ଛାଡିବା ପରେ ଦଳର ଗେହ୍ଲାପୁଅ ସାଜିଥିବା ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କ ଉପରେ ବର୍ଷିଛନ୍ତି ବରିର ପୂର୍ବତନ ବିଜେଡି ବିଧାୟିକା ସୁନନ୍ଦା ଦାସ। ଟିକେଟ କଟାର ଗୁମର ଖୋଲିବା ସହ ପରାଜୟର ପୋଲ୍ ଖୋଲିଲେ। ଟିକେଟ ବଣ୍ଟା ଦିନ ରାତିରେ ମୋତେ ଡାକି ବେଷ୍ଟ ଅଫ୍ ଲକ୍ ବୋଲି କହିଥିଲେ, ମାତ୍ର ସକାଳେ ଟିକେଟ କାଟିଦେଲେ କହିଛନ୍ତି ସୁନନ୍ଦା। ସେ କହିଛନ୍ତି, ନବୀନ ପଟ୍ଟନାୟକ ଯଦି ଟିକେଟ ବାଣ୍ଟିଥାନ୍ତେ, ତାହେଲେ ଦଳର ପରାଜୟ ଘଟି ନଥାନ୍ତା ବୋଲି କହି ବିଜେଡି ଉପରେ ବିଷୋଦଗାର କରିଛନ୍ତି ସୁନନ୍ଦା। କିନ୍ତୁ ରାଜନୈତିକ ସମୀକ୍ଷକଙ୍କ କହିବା କଥା, ଏକ ଖୋଲା ସଭାରେ ଯେଉଁଦିନ ସୁନନ୍ଦା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ତାଙ୍କ ରାଜନୈତିକ ଗୁରୁ ବୋଲି କହିଲେ ସେହିଦିନରୁ ତାଙ୍କ ପକ୍ଷ ଛେଦନ ଆରମ୍ଭ ହୋଇଥିଲା। ସେବେଠାରୁ ବିଶ୍ୱରଂଜନ ମଲ୍ଲିକଙ୍କୁ ବିଜେଡିକୁ ଆଣିବାକୁ ଯୋଜନା ହୋଇଥିଲା ଆଉ ଏଥିରେ ପ୍ରଣବ ପ୍ରକାଶ ଦାସ ସଫଳ ମଧ୍ୟ ହୋଇଥିଲେ। ତାସହ ଏଥର ବିଜେଡି ଟିକେଟ ବାଣ୍ଟିବା ବେଳେ ବ୍ଲକକୁ ଏକ କ୍ରାଇଟେରିଆ ରଖିଥିଲେ। ଯେଉଁଥିରେ ସୁନନ୍ଦା ସଫଳ ହୋଇନଥିଲେ। ଏମିତି ବି ଟିକେଟ ନମିଳିବାରୁ ସୁନନ୍ଦା ଓ ତାଙ୍କ ସ୍ୱାମୀ ଗତ ନିର୍ବାଚନରେ ବିଜେଡି ପ୍ରତି ଆନୁଗତ୍ୟକୁ ଭୁଲି ବିଜେପି ପାଇଁ ଖୋଲା ଖୋଲି କାମ କରିଥିଲେ। ଭୁଲିଗଲେ ଯେ ସେ ନବୀନ ପଟ୍ଟନାୟକଙ୍କ ପାଇଁ ଦୁଇଥର ସରପଞ୍ଚ ଓ ଦୁଇ ଥର ଜିଲ୍ଲା ପରିଷଦ ସଭ୍ୟା ହୋଇଥିଲେ ବୋଲି।

ଏବେ ବିଜେଡିରୁ ଇସ୍ତଫା ଦେଇ ସେ ଦଳରେ ପୂର୍ବରୁ ଚାଲିଥିବା ମନମୁଖୀ ଶାସନ ଓ ମନଇଚ୍ଛା ଟିକେଟ ବଣ୍ଟନକୁ ଦାୟୀ କରୁଛନ୍ତି। ସୁନନ୍ଦା ଆହୁରି କହିଛନ୍ତି, ବିଶ୍ୱାସରେ ବିଷ ଦେଇଥିଲେ ବବି। ମୋ' ଟିକେଟ କାଟିଥିଲେ। ଜଗନ୍ନାଥ ତାଙ୍କୁ ଶାସ୍ତି ଦେଉଛନ୍ତି। ୨୦୨୪ ନିର୍ବାଚନ ପୂର୍ବରୁ ବବି କହିଥିଲେ ଟିକେଟ ଦେବା ଲୋକ ମୁଁ, ଟିକେଟ କାଟିବା ଲୋକ ମଧ୍ୟ ମୁଁ। ଟିକେଟ କଟିବା ଚର୍ଚ୍ଚା ଭିତରେ ବି ବବି କହିଥିଲେ ମୁଁ ଅଶୋକ ଦାସଙ୍କ ପୁଅ, ପଛରୁ ଛୁରି ଭୁଷିବା ମୋ' ଅଭ୍ୟାସ ନୁହେଁ। କିନ୍ତୁ ଶେଷ ସମୟରେ ମୋ ଟିକେଟ କାଟିଦେଲେ। ଏମିତି କି ପଞ୍ଚାୟତ ନିର୍ବାଚନ ବେଳୁ ହିଁ ମୋ ବିରୋଧରେ ବବି ଓ ଜିତୁ ବରୀରେ ତିଆରି କରିଥିଲେ ପାରାଲାଲ୍ ସଙ୍ଗଠନ। ସେ ଆହୁରି କହିଛନ୍ତି, ମୁଁ

➪ପୃଷ୍ଠା-୬

## ୨୬ରୁ ଶୀତ ଅଧିବେଶନ

**ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ):** ବିଧାନସଭାର ଶୀତକାଳୀନ ଅଧିବେଶନ ନଭେମ୍ବର ୨୬ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନରେ ୩୦ଟି କାର୍ଯ୍ୟଦିବସ ରହିବ। ପ୍ରଥମ ଦିନ

- ରହିବ ୩୦ କାର୍ଯ୍ୟଦିବସ
- ପ୍ରଥମ ଦିନ ଅତିରିକ୍ତ ବଜେଟ୍

(ନଭେମ୍ବର ୨୬) ରେ ୨୦୨୪-୨୫ ପାଇଁ ସପ୍ଲିମେଣ୍ଟାରୀ ବଜେଟ୍ ଉପସ୍ଥାପିତ ହେବ ଏବଂ ଡିସେମ୍ବର ୫ରେ ବିନିଯୋଗ ବିଲ୍ ଉପସ୍ଥାପନ କରାଯିବ । ଅନୁଦାନ ଦାବି ଉପରେ ଡିସେମ୍ବର ୨, ୩ରୁ ୪ ପର୍ଯ୍ୟନ୍ତ ତିନି ଦିନ ଆଲୋଚନା ହେବ। ଗତ ବର୍ଷ ସେପ୍ଟେମ୍ବର ରେ ବିଜେଡି ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨୮,୨୦୦ କୋଟି ଟଙ୍କାର ସପ୍ଲିମେଣ୍ଟାରୀ ବଜେଟ୍ ବିଧାନସଭାରେ ଉପସ୍ଥାପନ କରିଥିଲେ। ଏଥର ଏହା ୩୦ ହଜାର କୋଟି ଟପିବ ବୋଲି କୁହାଯାଉଛି।

➪ପୃଷ୍ଠା-୬

## ପତ୍ନୀ ହତ୍ୟା ମାମଲା: ରାମମୂର୍ତ୍ତି ଗମାଙ୍ଗଙ୍କ ଦଣ୍ଡାଦେଶ କାଏମ



**କଟକ,୩୦।୧୦ (ସଂଚାର ବ୍ୟୁରୋ):** ପତ୍ନୀହତ୍ୟା ମାମଲାରେ ରାୟଗଡ଼ା ଜିଲ୍ଲା ଗୁଣୁପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କୁ ତଳକୋର୍ଟ ଦେଇଥିବା ଆଜୀବନ ଜେଲ ଦଣ୍ଡାଦେଶକୁ କାଏମ୍ ରଖିଛନ୍ତି ହାଇକୋର୍ଟ। ଗତ ବର୍ଷ ଭୁବନେଶ୍ୱରର ସ୍ୱତନ୍ତ୍ର ଏମପି-ଏମଏଲ୍ଏ ତଥା ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍-୩ ଦେଇଥିବା ଦଣ୍ଡାଦେଶକୁ ଚ୍ୟାଲେଞ୍ଜ କରି ହାଇକୋର୍ଟ ଯାଇଥିଲେ ରାମମୂର୍ତ୍ତି। ମାତ୍ର ସେଠାରୁ ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଅଭିଯୋଗ ଅନୁସାରେ, ୧୯୯୫ ମସିହା ଅଗଷ୍ଟ ୨୯ ତାରିଖ ଗଣେଶ ପୂଜା ଦିନ ରାମମୂର୍ତ୍ତି ଗମାଙ୍ଗଙ୍କ ସ୍ତ୍ରୀ ଶଶୀରେଖାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଖାରବେଳନଗରସ୍ଥିତ ଏମଏଲଏ କଲୋନୀରେ ଥିବା ସରକାରୀ ଘରୁ ଶଶୀରେଖାଙ୍କ ଦରପୋଡ଼ା ମୃତଦେହ ଉଦ୍ଧାର କରାଯାଇଥିଲା। ଘଟଣା ଦିନ ୧୦ଟା ୪୫ ମିନିଟରେ ରାମମୂର୍ତ୍ତି ପୁଲିସକୁ ଖବର ଦେଇଥିଲେ ଯେ ତାଙ୍କ ସ୍ତ୍ରୀ ଆତ୍ମହତ୍ୟା କରିଛନ୍ତି। ତଦନ୍ତ ବେଳେ ଏହା ଆତ୍ମହତ୍ୟା ନୁହେଁ ବରଂ ସୁଚିନ୍ତିତ ହତ୍ୟା ଏବଂ ଏଥିରେ ଗମାଙ୍ଗଙ୍କର ସଂପୃକ୍ତି ଥିବା ପ୍ରମାଣ ପାଇଥିଲା।

ସେ ଆଧାରରେ ପୁଲିସ ଘଟଣାରେ ପ୍ରଥମେ ଅପମୃତ୍ୟୁ ଓ ପରେ ହତ୍ୟା ମାମଲା ରୁଜୁ କରିଥିଲା। ସ୍ୱତନ୍ତ୍ର କୋର୍ଟ ଜଜ୍ ସସ୍ମିତା ପାଢ଼ୀ ୧୧ ଜଣ ସାକ୍ଷୀଙ୍କ ବୟାନ ଓ ୧୫ ଟି ଦସ୍ତାବିଜ

➪ପୃଷ୍ଠା-୬

## ପାଟନାରେ ୨ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

### ମୁଖ୍ୟମନ୍ତ୍ରୀଙ୍କ ସହାୟତା

**ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ):** ବିହାର ରାଜଧାନୀ ପାଟନାରେ ଗତ ୨୮ ରାତିରେ ନିର୍ମାଣଧୀନ ମେଟ୍ରୋ ରେଳ ପ୍ରକଳ୍ପରେ ଦୁର୍ଘଟଣା ଘଟି ଦୁଇ ଓଡିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି ଅଘଟଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

ସୂଚନାଯୋଗ୍ୟ, ନୟାଗଡ ଜିଲ୍ଲା ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ ଗୋଛାବାଡି ଗାଁର ମନୋଜ ବେହେରା ଏବଂ କାଦୁଆ ଗାଁର ବିଜୟ ବେହେରାଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀ ଦୁଇ ମୃତ ଶ୍ରମିକଙ୍କ ନିକଟତମ ଆତ୍ମୀୟଙ୍କ

➪ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

- ଅଯୋଧ୍ୟାରେ ଦୀପାବଳି ପାଳନ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଦୀପାବଳି ଦିନ ଏଠାରେ ଲକ୍ଷ ଲକ୍ଷ ଦୀପ ଜଳାଯାଏ। ଏହାରି ମଧ୍ୟରେ ଏଠାରେ ଥିବା ମାଙ୍କଡମାନଙ୍କ ଖାଦ୍ୟ ଦେବା ପାଇଁ ବଲିଉଡ୍ ଷ୍ଟାର୍ ଅକ୍ଷୟ କୁମାର ୧ କୋଟି ଟଙ୍କା ଦାନ କରିଛନ୍ତି।
- ବଲିଉଡ୍ ଅଭିନେତା ସଲମାନ ଖାନଙ୍କୁ ପୁଣି ହତ୍ୟା ଧମକ। ଧମକ ଦେଇଥିବା ଦୁର୍ବୃତ୍ତ ୨ କୋଟି ଟଙ୍କା ଦାବି କରିବା ସହ ମୁମ୍ବାଇ ପୋଲିସକୁ ଏକ ମେସେଜ ପଠାଇଛି।
- ପଶ୍ଚିମବଙ୍ଗର ଆର୍‌ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ସ୍ମୃତିରୁ ନ ଯାଉଣୁ ପୁଣି ସମାନ ଘଟଣା ସାମ୍ନାକୁ ଆସିଛି। ଉତ୍ତର ୨୪ ପ୍ରଗଣା ଜିଲ୍ଲା ହସନାବାଦରେ ରୋଗୀଙ୍କୁ ଟ୍ରାଙ୍କୁଲାଇଜ୍ କରି ଡାକ୍ତର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି।
- ଆନ୍ଧ୍ରର ପୁର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନ୍ ମୋହନ ରେଡ୍ଡୀ ଏବଂ ତାଙ୍କ ଭଉଣୀ ୱାଇଏସ୍ ଶର୍ମିଳାଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଚାଲିଥିବା ସମ୍ପତ୍ତି ବିବାଦ ମଧ୍ୟରେ ଝିଅ ସପକ୍ଷରେ ବାହାରିଲେ ମାଆ ୱାଇଏସ୍ ବିଜୟାମ୍ମା। କହିଲେ ଶର୍ମିଳା ପ୍ରତି ଅନ୍ୟାୟ ହୋଇଛି।
- ଉତ୍ତର ପ୍ରଦେଶର ଜଉନପୁରରେ ଜମି ବିବାଦରୁ ଜଣେ ୧୭ ବର୍ଷୀୟ ବାଳକର ମୁଣ୍ଡ ଗଣ୍ଡି ଅଲଗା କରି ରାସ୍ତାରେ ଫିଙ୍ଗି ଦେଲେ ବିରୋଧୀ ଗୋଷ୍ଠୀ। ପୁଅର କଟାମୁଣ୍ଡକୁ କୋଳରେ ଧରି ମାଆ ଦୀର୍ଘ ସମୟ ରାସ୍ତାରେ ବସିଥିଲେ। ଏଭଳି ଲୋମହର୍ଷଣକାରୀ ଦୃଶ୍ୟ ଭାଇରାଲ ହେବା ପରେ ପ୍ରଶାସନ ତଦନ୍ତ ନିର୍ଦ୍ଦେଶ ଦେଲା।
- ହିଜବୁଲ୍ଲା ଆକ୍ରମଣ ଭୟରେ ଇସ୍ରାଏଲ୍ ରାଷ୍ଟ୍ରପତି ବେଞ୍ଜାମିନ ନେତନ୍ୟାହୁ ପୁଅର ବିବାହ ସ୍ଥଗିତ ରଖିଲେ। ଗୁରୁବାର ମାର୍କିନ ରାଷ୍ଟ୍ରପତି ଜୋ ବାଇଡେନ ଏବଂ ପରାମର୍ଶଦାତା ବ୍ରିଟ୍ ମ୍ୟାକ୍‌ଗ୍ରଥ ଜେରୁଜେଲମ ଯାଇ ଯୁଦ୍ଧ ବନ୍ଦ ପାଇଁ ଆଲୋଚନା କରିବେ।

## ଖେଳ ଆରମ୍ଭ: ରାଜନୀତିକୁ ଆସିବେ ସୁଜାତା

**ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ):** ଆସନ୍ତା ପଂଚାୟତ ନିର୍ବାଚନ ପୂର୍ବରୁ ବିଜେଡି ବଡ ପ୍ଲାନ କରିଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପରେ କିଏ ଧରିବ ବିଜେଡିର ମଙ୍ଗ। ତାକୁ ନେଇ ଗତ କିଛି ବର୍ଷ ଧରି ଚର୍ଚ୍ଚା ଚାଲିଥିଲା ବେଳେ ଦଳୀୟ ସୂତ୍ରରୁ ମିଳୁଥିବା ସୂଚନା ଅନୁଯାୟୀ ପୁଅର ପାଠପଢା ପାଇଁ ଛୁଟିରେ ଯାଇଥିବା ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ ଫେରିବା ଆଉ ଦଳର ନେତୃତ୍ୱ ନେବେ। ଖୁବଶୀଘ୍ର ଏହି ଯୋଜନାକୁ ରୂପରେଖ ଦେବାକୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି।

୨୦୨୪ ନିର୍ବାଚନ ପୂର୍ବରୁ ସୁଜାତା ସରକାରୀ ପଦରେ ଥାଇ ବି ପରୋକ୍ଷରେ ବିଜେଡି ପାଇଁ ବଡ ଅସ୍ତ୍ର ହୋଇଥିଲେ। କାରଣ ସେ ମିଶନ ଶକ୍ତିର ନିର୍ଦ୍ଦେଶିକା ଓ ପରେ ସଚିବ ଭାବେ ରାଜ୍ୟରେ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ ଅହରଣ ଉଦ୍ୟମ କରୁଥିଲେ। ତାଙ୍କରି ଉଦ୍ୟମରେ ହିଁ ମିଶନ ଶକ୍ତିରେ ରାଜ୍ୟର ୭୦ ମହିଳା ଯୋଡି ହୋଇଥିଲେ। ଏହି ମହିଳାମାନେ ହିଁ ଥିଲେ ବିଜେଡିର ଶକ୍ତି । ୨୦୧୪ ନିର୍ବାଚନ ପରଠାରୁ ସବୁ ପଂଚାୟତ ଓ ପୌର ନିର୍ବାଚନରେ ମହିଳାମାନେ ବିଜେଡି ବିଜୟର ମାଧ୍ୟମ ମଧ୍ୟ ସାଜିଥିଲେ।




୨୦୨୪ରେ କିନ୍ତୁ ବିଭିନ୍ନ ଘଟଣା କ୍ରମରେ ବିଜେଡି ସରକାର ଗଠନ କରିପାରିଲା ନାହିଁ କି ମହିଳାଙ୍କ ପୂର୍ଣ୍ଣ ସମର୍ଥନ ପାଇଲା ନାହିଁ। କୁହାଯାଉଛି ନିର୍ବାଚନ ପୂର୍ବରୁ ବିଜେପି ନେତାମାନେ ବାରମ୍ବାର ତତ୍କାଳିନ ମିଶନ ଶକ୍ତି ସଚିବ ଅର୍ଥାତ ସୁଜାତାଙ୍କ ବିରୋଧରେ ପଦପଦବୀର ଦୁରୁପଯୋଗ ଅଭିଯୋଗ ଆଣିବା ପରେ କେନ୍ଦ୍ରରୁ ମଧ୍ୟ ଏନେଇ ରାଜ୍ୟ ସରକାରଙ୍କୁ ତାଗିଦ କରାଯାଇଥିଲା। ସରକାରୀ ଚାକିରିରେ ଥିବାରୁ ସୁଜାତା ମଧ୍ୟ କିଛିଟା ସଙ୍କୁଚିତି ହୋଇଯାଇଥିଲେ।

ଏବେ ବିଜେଡି ବିରୋଧୀ ଦଳକୁ ଆସିବା ପରେ ସୁଜାତା ମଧ୍ୟ ତାଙ୍କ ସ୍ୱାମୀ ଭି.କେ ପାଣ୍ଡିଆନଙ୍କ ଭଳି ସରକାରୀ ଚାକିରି ଛାଡ଼ି ପ୍ରତ୍ୟକ୍ଷ ରାଜନୀତିକୁ ଓହ୍ଲାଇବେ ବୋଲି ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ଆସନ୍ତା ନଭେମ୍ବର ୭ ପୂର୍ବରୁ ସେ ଏମିତି କିଛି ନିଷ୍ପତ୍ତି ନେଇପାରନ୍ତି। କାରଣ ନଭେମ୍ବରରେ ପୁଅ ପାଇଁ ନେଇଥିବା ଛୁଟି ସରୁଛି। ଆଉ ନଭେମ୍ବର ୭ରେ ହେବାକୁ ଥିବା ବିଜେଡି ତାଲିମ କାର୍ଯ୍ୟକ୍ରମରେ ତାଙ୍କୁ ଦଳ ତରଫରୁ ଇଣ୍ଟ୍ରୋଡ୍ୟୁସ କରିବାକୁ ଯୋଜନା କରାଯାଉଛି। ଭି.କେ ପାଣ୍ଡିଆନ ରାଜନୀତିରୁ ସନ୍ୟାସୀ ନେଇଯାଇଥିବା ଘୋଷଣା କରିଥିବାରୁ ସେ ଆଉ ସାମ୍ନାକୁ ଆସିବେ ନାହିଁ। ହେଲେ ସୁଜାତା ସିଧାସଳଖ ଭାବେ ବିଜେଡିର ନେତୃତ୍ୱ ନେବେ ଆଉ ବିରୋଧୀଙ୍କୁ ସବୁ ପ୍ରସଙ୍ଗରେ ଜବାବ ଦେବେ।

ନବୀନ ନରୀ ସଶକ୍ତିକରଣର ମଙ୍ଗ ଧରିଥିବାରୁ ସୁଜାତାଙ୍କୁ ସାମ୍ନା ଆଣି ସେ ମହିଳା ସଶକ୍ତିକରଣ ଉଦାହାରଣ ଦେବେ। ଆଉ ସୁଜାତା ମଧ୍ୟ ଓଡିଅ ଝିଅ ହୋଇଥିବାରୁ ରାଜ୍ୟରେ ତାଙ୍କର ଗ୍ରହଣୀୟତାକୁ ନେଇ ବିରୋଧୀ ପ୍ରଶ୍ନ କରିପାରିବେ ନାହିଁ। ଏମିତି ଏକ ରଣନତୀକୁ ନେଇ ବିଜେଡି କାମ କରୁଥିବା ବେଳେ ନଭେମ୍ବରରେ ସୁଜାତାଙ୍କ ଏଣ୍ଟ୍ରିକୁ ନେଇ ବିଜେଡି ମହଲରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳୁଛି।

# ନଭେମ୍ବର ୧ରୁ କଇଁଛ ପ୍ରଜନନ ଋତୁ

## ୭ମାସ ମାଛଧରା ଓ ଟ୍ରଲର ଉପରେ କଟକଣା

**ରାଜନଗର, ୩୦।୧୦ (ସଂଚାର ବ୍ୟୁରୋ):** ଆଉ ଗୋଟିଏ ଦିନ ପରେ ଅର୍ଥାତ୍ ନଭେମ୍ବର ୧ ତାରିଖ ଠାରୁ ଆରମ୍ଭ ହେଉଛି କଇଁଛ ଋତୁ। ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଏକ୍ଯୁଡିଶାଳ ଭାବେ ୧୪୩୭ ବର୍ଗ କିଲୋମିଟର ପରିମିତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସମେତ ଧାମରା ମୁହାଁଣରୁ ଦେବୀ ମୁହାଁଣ ଯାଏଁ ୧୬୦ କିଲୋମିଟର ପର୍ଯ୍ୟନ୍ତ ଲାଗିବ କଟକଣା। ନଭେମ୍ବର ୧ ତାରିଖରୁ ମଇ ମାସ ୩୧ ତାରିଖ ଯାଏଁ ୭ ମାସ ଧରି ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବର୍ଷ ତମାମ ଟ୍ରଲର ଚଳାଚଳ ଓ ମାଛଧରା ଉପରେ ସମ୍ପୂର୍ଣ୍ଣ ନିଷେଧାଜ୍ଞା ଥିବବେଳେ କଇଁଛ ଋତୁ ନିମନ୍ତେ ମତ୍ସ୍ୟବିଭାଗ ପକ୍ଷରୁ ଧାମରା ମୁହାଁଣରୁ ଦେବୀ ମୁହାଁଣ ପର୍ଯ୍ୟନ୍ତ ସମୁଦ୍ରକୂଳ ଠାରୁ ୨୦ କି.ମି. ଯାଏଁ ଯନ୍ତ୍ରଚାଳିତ ଟ୍ରଲର, ବୋଟ୍, ଭୁଟୁଭୁଟି ଚଳାଚଳ ବନ୍ଦ ସହିତ ମାଛ ଧରା ଉପରେ କଟକଣା ଜାରି କରାଯାଇଛି ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଏଥିସହିତ ଏହି ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ବାବୁବାଲି ଓ ଅଗରନାଶିରେ ଦୁଇଟି ଅଫିସର କ୍ୟାମ୍ପ କରାଯାଇଥିବା ବେଳେ ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଏକକୁଳା, ସାତଭାୟା, ଜଉଦିଆ, ଦୋବନ୍ଧି, ଶାସନପେଟା, ତାଲଙ୍ଗ, ଜଟାଧାର, ଷଣ୍ଢକୁଦ ୧, ୨, ହାଓ୍ୱାଖାନା, ରାମତାରା ଓ ବନ୍ଦର ଆଦି ୧୪ ଟି ସ୍ଥାନରେ ଟ୍ରଟଲ୍ ପ୍ରୋଟେକ୍ସନ୍ କ୍ୟାମ୍ପ କରାଯିବ। ଅଫିସର କ୍ୟାମ୍ପରେ ୫ ଜଣ ଲେଖାଏଁ କର୍ମଚାରୀ ଓ ଅନ୍ୟ ୧୪ଟି ଟ୍ରଟଲ ପ୍ରୋଟେକ୍ସନ କ୍ୟାମ୍ପରେ ୩ ଜଣ ଲେଖାଏଁ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ଏହାବାଦେ ବାବୁବାଲି ଓ ଶାସନପେଟାରେ ଗୋଟିଏ ସେକ୍ସନ୍ ଲେଖାଏଁ ଏ.ପି.ଆର୍. ଫୋର୍ସ ମୃତୟନ କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କୁ ଜଳଦସ୍ୟୁ ଓ ମାଛ ମାଫିଆଙ୍କ କବଳରୁ ରକ୍ଷା କରିବା ଓ ବେଆଇନ୍ ଟ୍ରଲର ଚଳାଚଳ ଉପରେ ଅଙ୍କୁଶ ରଖିବା ପାଇଁ ବନବିଭାଗ ସମେତ କୋଷ୍ଟଗାର୍ଡ, ମେରାଇନ୍ ପୋଲିସ୍, ମତ୍ସ୍ୟବିଭାଗ ପକ୍ଷରୁ ମିଳିତ ପାଟ୍ରୋଲିଂ କରିବେ।

ଏଠାରେ ସ୍ମରଣଯୋଗ୍ୟ ଯେ, ୧୯୭୪ ମସିହାରେ ଆମେରିକାର ବିଶିଷ୍ଟ ପ୍ରାଣୀବିଜ୍ଞାନୀ ଡଃ. ଏଚ୍.ଆର୍.ବଷ୍ଟାର୍ଡ ଭିତରକନିକାର ବଉଳା କୁମ୍ଭୀର ମାନଙ୍କ ଉପରେ ଗବେଷଣା କରିବାକୁ ଆସି ଗହୀରମଥାର ଏହି ବିରଳ କଇଁଛ ସମାଗମ ସ୍ଥଳ ଦେଖି, ଏହା ଅଲିଭ୍‌ରିଡ୍‌ଲେ ପ୍ରଜାତିର ବୋଲି ଚିହ୍ନଟ କରିଥିଲେ। ଏହାପରେ ଏହି ବିରଳ କଇଁଛଙ୍କ ସୁରକ୍ଷା ପାଇଁ ବିଭିନ୍ନ ଆଇନ୍ ପ୍ରଣୟନ ଓ କଟକଣା ଲାଗୁକରାଯାଇଛି। ୧୯୯୭ ସେପ୍ଟେମ୍ବର ୨୭ରେ ରାଜ୍ୟ ସରକାର ଗହୀରମଥାକୁ ରାଜ୍ୟର ପ୍ରଥମ ସାମୁଦ୍ରିକ ଅଭୟାରଣ୍ୟ ଘୋଷଣା କରିଛନ୍ତି।

# ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକଙ୍କ ଯାଜପୁର ଗସ୍ତ



**ଯାଜପୁର, ୩୦।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ତଥା ବରିଷ୍ଠ ସୂଚନା ସେବା ଅଧିକାରୀ ଶ୍ରୀଯୁକ୍ତ ହେମନ୍ତ କୁମାର ନାୟକ ଆଜି ଦିନିକିଆ ଯାଜପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରି ତାଙ୍କର ସୁଚିନ୍ତିତ ମତାମତ ଦେଇଥିଲେ।

ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ନାୟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ପ୍ରତିଷ୍ଠାନ ବିଭାଗର କାଗଜପତ୍ର, କ୍ୟାସ ରେଜିଷ୍ଟର, ସାଧାରଣ ଭଣ୍ଡାର, ଡ଼ାକବାଜି ଯନ୍ତ୍ର ଭଣ୍ଡାର, ସୂଚନା କେନ୍ଦ୍ର ପାଠାଗାର, ଯାଜପୁର ବିଷୟରେ ପଚାରି ବୁଝିବା ସହ କାର୍ଯ୍ୟକାରିତା ସୁପରିଚାଳନା ନିମନ୍ତେ ମାର୍ଗଦର୍ଶନ କରିଥିଲେ। କର୍ମଚାରୀ ମାନଙ୍କ ସେବା ପୁସ୍ତିକା, କାର୍ଯ୍ୟାଳୟର ବିଭିନ୍ନ ରେଜିଷ୍ଟର, ସୂଚନା ଅଧିକାର ଆଇନ ରେଜିଷ୍ଟର, ନିଉଜ ରେଜିଷ୍ଟର ଇତ୍ୟାଦି ଯାଞ୍ଚ କରିଥିଲେ। ପାଠାଗାର ଗୁଡ଼ିକୁ ପାଠକଙ୍କ ନିମନ୍ତେ ଉପଯୋଗ କରିବା ପାଇଁ ଖବର କାଗଜ ସହିତ ମାଗାଜିନ୍, ପ୍ରତିଯୋଗିତା ପରୀକ୍ଷା ସମ୍ବନ୍ଧିତ ପୁସ୍ତକ କିଣିବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ପୁରୁଣା ଖବର କାଗଜ ନିଲାମ ସମ୍ପର୍କରେ ତଦାରଖ କରିବା ସହ ଶ୍ରୀ ନାୟକ ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁର ବିକ୍ରି ସମ୍ପର୍କରେ ସମୀକ୍ଷା କରିଥିଲେ। ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଜିଲ୍ଲାରେ ଅନ୍ତର୍ଭୁକ୍ତ ହୋଇଥିବା ସମସ୍ତ ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟ ବୀମା କାର୍ଡ ବଣ୍ଟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୂଚନା କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ କରିବା ପାଇଁ ଜିଲ୍ଲାପାଳଙ୍କ ଜରିଆରେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମୋମେଣ୍ଟୋ ଦେଇ ଉପନିର୍ଦ୍ଦେଶକ ଶ୍ରୀ ନାୟକଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀଙ୍କ ମଧ୍ୟରେ ବରିଷ୍ଠ ରାଜସ୍ୱ ସହାୟକ ନିତ୍ୟାନନ୍ଦ ନାୟକ,ଭଣ୍ଡାର ରକ୍ଷକ ସତ୍ୟଜିତ ନାୟକ , କିରାଣୀ ତଥା ଗ୍ରନ୍ଥାଗାରିକ, ସୁଶ୍ରୀ ହରପ୍ରିୟା ସାହୁ, ରତିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ନାୟକ ଯାଜପୁର ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରି ନିଜର ସନ୍ତୋଷ ପ୍ରକାଶ କରିଥିଲେ।

# ଭଙ୍ଗା କୁଡ଼ିଆରେ ବିତୁଛି ଖୁଲଣାଙ୍କ ଜୀବନ

**ଖସିଲାଣି ଛପର, ଭାଙ୍ଗିଲାଣି କାନ୍ଥ**

**ଆବାସ ଦେଉନି ପ୍ରଶାସନ**



**କେନ୍ଦ୍ରାପଡ଼ା, ୩୦।୧୦ (ସଂଚାର ବ୍ୟୁରୋ):** ଅସହାୟ ବୃଦ୍ଧାଙ୍କ ପାଇଁ ଆବାସ ଗୃହ ପାଲଟିଛି ସାତସପନ । ଯେତେ ଗୁହାରି କଲେବି ଶୁଣୁନି ପ୍ରଶାସନ। ସେହି ଭଙ୍ଗା ଦଦରା କୁଡିଆରେ ବିତୁଛି ୭୬ ବର୍ଷୀୟ ବୃଦ୍ଧା ଖୁଲଣା ଦାସଙ୍କ ଜୀବନ। କେହି ନଥିବା ଖୁଲଣା ଏକ ବିପର୍ଯ୍ୟସ୍ତ ଚାଳ ଛପର ଘରେ ରହୁଛନ୍ତି। କାନ୍ଥ ଗଳି ପଡ଼ିଲାଣି, ଛପର ଉପରେ ଉଠିଲାଣି ଅନାବନା ଗଛ। ବର୍ଷା ହେଲେ ଛପରରୁ ଗଳୁଛି ପାଣି। ଦୟନୀୟ ଅବସ୍ଥାରେ ଭାଗ୍ୟକୁ ଆଦରି ସେହି ଭଙ୍ଗାରୁଜା କୁଡ଼ିଆରେ ଜୀବନ କାଟୁଛନ୍ତି। ଚାରିପଟ ମୁକୁଳା ହେତୁ ସାପ ବେଙ୍ଗ ମଧ୍ୟ ପଶି ଆସୁଛନ୍ତି।

ଏମିତି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ମଙ୍ଗଳପୁର ଗ୍ରାମର ଖୁଲଣା ଦାସଙ୍କ ନିକଟରେ । ବିଧବା ଖୁଲଣାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇସାରିଛି। ଦୁଇ ଝିଅଙ୍କ ବିବାହ ପରେ ଖୁଲଣା ଏବେ ଅସହାୟ ଜୀବନ କାଟୁଛନ୍ତି। ଛପର କରିବାକୁ କି କାନ୍ଥ ନଦିବାକୁ ସମ୍ବଳ ନଥିବାରୁ ଛପର କରିବା ମଧ୍ୟ ସମ୍ଭବ ହୋଇ ପାରୁନାହିଁ। ସମସ୍ତଙ୍କୁ ଘରଟିଏ ପାଇଁ ଗୁହାରି କରି କରି ତାଙ୍କ କଥା କେହି ଶୁଣୁ ନାହାଁନ୍ତି। ସବୁ ଆଡୁ ନିରାଶା ହେବା ପରେ ନିଜ ଭାଗ୍ୟକୁ ଆଦରି ଭଙ୍ଗା କୁଡ଼ିଆରେ ଭୟଭୀତ ଅବସ୍ଥାରେ ବଞ୍ଚୁଛନ୍ତି।

ଯଦି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରି ଖୁଲଣା ଦାସଙ୍କୁ ସରକାରୀ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦିଅନ୍ତେ ତେବେ ସିଏ ଅବସିଷ୍ଟାଂଶ ଜୀବନ ଅତିବାହିତ କହିପାରନ୍ତେ। ଏହି ଯୋଜନାରୁ ବଞ୍ଚିତ ଥିବାରୁ ଅସହାୟ ବୃଦ୍ଧାଙ୍କୁ ସରକାରୀ ଆବାସ ଯୋଗାଇ ଦେବାଲାଗି 'ମହାକାଳପଡ଼ା ୟୁଥ୍ ଗ୍ରୁପ୍' ତରଫରୁ ଦାବି ହେଉଛି।

## ରାଷ୍ଟ୍ରୀୟ ଏକତା ଦିବସ ପାଳିତ




**କେନ୍ଦ୍ରାପଡ଼ା, ୩୦।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଡାକ ବିଭାଗ ତରଫରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ ହୋଇଯାଇଛି । ଡାକ ବିଭାଗର ଅଧ୍ୟକ୍ଷ ରଞ୍ଜନ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରା ରେ ଅତିରିକ୍ତ ଅଧିକ୍ଷକ ବିଜୟ କୁମାର ପ୍ରଧାନ, ମୁଖ୍ୟ ଡାକଘର ପୋଷ୍ଟ ମାଷ୍ଟର ସୁରେଶ ଚନ୍ଦ୍ର ସ୍ୱାଇଁଙ୍କ ସହିତ ଅନ୍ୟ କର୍ମଚାରୀ ମାନେ ଏହି ଶୋଭାଯାତ୍ରା ରେ ସାମିଲ ହୋଇ ମୁଖ୍ୟ ଡାକଘରୁ ବାହାରି ସହର ପରିକ୍ରମା କରି ରାଷ୍ଟ୍ରୀୟ ଏକତା ସଂପର୍କରେ ବିଭିନ୍ନ ସ୍ଲୋଗାନ ଦେଇ ଗରାପୁର ଡାକ ବଙ୍ଗଳା ପର୍ଯ୍ୟନ୍ତ ଯାଇଥିଲେ । ଏହି ଶୋଭାଯାତ୍ରା ସହର ପରିକ୍ରମା କରିବା ସମୟରେ ବିଭିନ୍ନ ଛକ ମାନଙ୍କରେ ଏମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇ ଥିଲା ।

# ବିପନ୍ନ ପରିବାରଙ୍କୁ ସହାୟତା ଦେଲେ ବିଜେପି ନେତ୍ରୀ



**କେନ୍ଦ୍ରାପଡ଼ା, ୩୦।୧୦ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ବାତ୍ୟା ଦାନାର ପ୍ରଭାବ ଦେଖିବାକୁ ମିଳିଥିଲା । ବାତ୍ୟା ପାଇଁ ଅନେକ ଚାଳ ଛପର ଘର ନଷ୍ଟ ହୋଇଥିବା ଦେଖିବାକୁ ମିଳିଥିଲା। ପବନ ଯୋଗୁଁ କିଛି ଅସହାୟ ବ୍ୟକ୍ତିଙ୍କ ଘର ଛପର ଉଡାଇ ନେଇଛି । ଯାହାପାଇଁ ଅସହାୟ ଅବସ୍ଥାରେ କାଳତିପାତ କରୁଛନ୍ତି ଏହି ପରିବାର ।

ଏହି ପରିପ୍ରେକ୍ଷୀରେ ବୁଧବାର ବିଜେପି ନେତ୍ରୀ ଉଷା ରାଣୀ ମିଶ୍ର ବିପନ୍ନ ପରିବାରଙ୍କୁ ନିଜସ୍ୱ ପାଣ୍ଠିରୁ ସହାୟତାର ହାତ ବଢ଼ାଇଛନ୍ତି। ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ପରକୁଳା ରାଘବପୁର ତଳସଙ୍ଗା ପଞ୍ଚାୟତର ବିଭିନ୍ନ ଗ୍ରାମରେ ବାତ୍ୟା ବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ପଲିଥିନ ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେହିପରି ନାରାୟଣପୁର ଗ୍ରାମର ଅଗ୍ନିବିପନ୍ନ ପରିବାର ପ୍ରହ୍ଲାଦ ସାହୁଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଛନ୍ତି । ଶ୍ରୀମତୀ ମିଶ୍ରଙ୍କ ଏଭଳି ମହାନତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି ।

## ଶ୍ରୀଜିଉମାନଙ୍କର ବନକଲାଗି ନୀତି ସମ୍ପନ୍ନ

**ପୁରୀ, ୩୦।୧୦ (ସଂଚାର ବ୍ୟୁରୋ):** ଆଜି ଶ୍ରୀମନ୍ଦିରରେ ଶ୍ରୀଜୀମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଭୋଗ ମଣ୍ଡପ ପରେ ଦତ୍ତ ମହାପାତ୍ର ସେବାୟତମାନେ ଶ୍ରୀମନ୍ଦିରର ଗର୍ଭଗୃହରେ ପ୍ରବେଶ କରି ରତ୍ନସିଂହାସନ ଉପରେ ଶ୍ରୀଜୀଉମାନଙ୍କର ଏହି ନୀତି ସମ୍ପର୍ଣ୍ଣ କରିଥିଲେ। ଏହା ଗୁପ୍ତ ନୀତି ହୋଇଥିବା ଯୋଗୁଁ ୫ ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ବନକଲାଗି ନୀତି ସମ୍ପର୍ଣ୍ଣ ହେବା ପରେ ଶ୍ରୀଜୀଉମାନଙ୍କର ଅନ୍ୟାନ୍ୟ ନୀତି ହୋଇଥିଲା।



## ଦୀପାବଳି ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ

**ପୁରୀ:** ଆଲୋକର ପର୍ବ ଦୀପାବଳି ପାଳନ ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି। ଦୀପାବଳି ପାଇଁ ସହରର ବିଭିନ୍ନ ସ୍ଥାନରେ ଦୀପ, କାଉଁରିଆ କାଠି ଓ ପୋଲାଙ୍ଗ ତେଲର ପସରା ଖୋଲାଯାଇଛି। ତାଳବଣିଆ ଠାରେ ବାଣ ଦୋକାନ ମଧ୍ୟ ଖୋଲା ଯାଇଛି। ଦୀପ ଦାନ ଓ କାଉଁରିଆ କାଠି ଜଳାଇବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତର ରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କର ସମାଗମ ବୃଦ୍ଧି ପାଇଛି। ଶାନ୍ତି ଶୃଙ୍ଖଳା ସହ ଯେପରି ପୟାଶ୍ରାଦ୍ଧ କରାଯିବ ସେଥିପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଡାମରପୁର ଘାଟ ନିକଟରୁ ମୃତ କୁମ୍ଭୀର ଉଦ୍ଧାର

**ପଟ୍ଟାମୁଣ୍ଡାଇ, ୩୦।୧୦ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡାମରପୁର ପଂଚାୟତ ଡାମରପୁର ବ୍ରାହ୍ମଣୀ ନଦୀ ଘାଟ ନିକଟରୁ ଏକ ମୃତ କୁମ୍ଭୀର ଠାବ କରାଯାଇଛି। ଏହି କୁମ୍ଭୀର ଦେଖିବାକୁ ଲୋକଙ୍କ ଭିଡ଼ ଜମିଛି । ପ୍ରକାଶ ଯେ ଡାମରପୁର ଘାଟ ନିକଟରେ ଆଜି ସକାଳେ ୮ଫୁଟ ଲମ୍ବର ଏକ ମୃତ ବଉଳା କୁମ୍ଭୀର ଭାସୁଥିବା ସ୍ଥାନୀୟ ଜନସାଧାରଣ ଦେଖି ରାଜନଗର ବନପାଳ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ଏହି ଖବର ପାଇବା ପରେ ରେଞ୍ଜର ଚିତରଞ୍ଜନ ବେଉରା ଓ ଫରେଷ୍ଟର ବିଜୟ ପାତ୍ର ଘଟଣା ସ୍ଥଳରେ ପହଁଚି କୁମ୍ଭୀରଟିକୁ ଉଦ୍ଧାର କରି ଆଣିଥିଲେ । ଏହି କୁମ୍ଭୀରର ଓଜନ ପ୍ରାୟ ଦେଢ଼ କ୍ୟୁଣ୍ଟାଲରୁ ଅଧିକ ହୋଇଥିବା ଅନୁମାନ କରାଯାଉଛି । ମୃତ କୁମ୍ଭୀରକୁ ପୋଷ୍ଟମୋର୍ଟମ୍ ପାଇଁ ପଠାଯାଇଛି ।

## ବିଜେପି ସଦସ୍ୟଙ୍କ ଉପରୁ ପ୍ରତ୍ୟାହୃତ ହେଲା ନିଲମ୍ବନ

**ବାଲିଅନ୍ତା, ୩୦।୧୦ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲାର ପୂର୍ବତନ ବିଜେପି ସଭାପତି ନିକୁଞ୍ଜ ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତାପସ କମାର ଜେନା ଓ ଅନୁଶୁଚିତ ମୋର୍ଚ୍ଚା ସଭାପତି ଶିବ ମଲ୍ଲିକଙ୍କ ଉପରୁ ଆଜି ନିଲମ୍ବନ ଆଦେଶକୁ ରାଜ୍ୟ ଭାଜପା ତରଫରୁ ପ୍ରତ୍ୟାହାର କରି ନିଆଯାଇଛି । କିଛିଦିନ ତଳେ ବାଲକାଟିଠାରେ ଭାଜପା ଦଳର ସଭ୍ୟ ସଂଗ୍ରହ ଅଭିଯାନ ପାଇଁ ଅନୁଷ୍ଠିତ ଏକ ବୈଠକରେ ବିଶୃଙ୍ଖଳା ପାଇଁ ଏହି ସଦସ୍ୟମାନଙ୍କୁ ଦାୟୀ କରି ନିଲମ୍ବନ ଆଦେଶ ଯାରି କରା ଯାଇ କୈଫତ୍ ତଲବ କରା ଯାଇଥିଲା। ଆଜି ତାର ବିଚାର କରି ଦଳ କାର୍ଯ୍ୟାଳୟ ପକ୍ଷରୁ ଏହି ଆଦେଶ ପ୍ରକାଶ ପାଇଛି।

## ନିଆଁ ଲଗାଇଦେଲେ ଦୁର୍ବୃର୍ତ୍ତ ! ୨ ବଖରା ପାଉଁଶ

**କୋଣାର୍କ, ୩୦।୧୦ (ସଂଚାର ବ୍ୟୁରୋ):** ରାମଚଣ୍ଡୀ ଥାନା ଅଧୀନସ୍ଥ ବାଙ୍ଗର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ କେହି ଦୁର୍ବୃର୍ତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର କୃଷ୍ଣଚନ୍ଦ୍ର ରାଉତଙ୍କ ଘରେ ବୁଧବାର ଅପରାହ୍ନରେ କେହି ଦୁର୍ବୃର୍ତ୍ତ ନିଆଁ ଲଗାଇ ଦେଇଥିଲେ। ଅଗ୍ନିକାଣ୍ଡରେ ଏକ ବଖରା ବାସଗୃହ ଓ ଏକ ବଖରା ଗୁହାଳ ଘର ସଂପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇଯାଇଥିବା ଜଣାପଡିଛି। ଅଗ୍ନିକାଣ୍ଡରେ କୃଷ୍ଣଚନ୍ଦ୍ରଙ୍କ ଘରର ସମସ୍ତ ଆସବାପତ୍ର ସବୁ ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି।

### ବିଜେଡିର ଜନ ସମ୍ପର୍କ ପଦଯାତ୍ରା

# ବିଜେପି ଉପରେ ବର୍ଷିଲେ ଅରୁଣ ସାହୁ



**ଶ୍ରୀରଘୁନାଥ ଜିଉଙ୍କ ରାସ୍ତା ଲୋକାରଣ୍ୟ**

**ନୟାଗଡ଼, ୩୦।୧୦ (ସଂଚାର ବ୍ୟୁରୋ):** ନୟାଗଡ଼ ବିଧାନସଭା ଅନ୍ତର୍ଗତ ଓଡ଼ଗାଁରେ ବୁଧବାର ବିଜେଡିର ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସହସ୍ରାଧିକ କର୍ମୀ ଓ ସମର୍ଥକଙ୍କ ସହିତ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଉପାଧ୍ୟକ୍ଷା ମୀରା ନାୟକ, ଜିଲ୍ଲା ପରିଷଦ ସଭ୍ୟା ବିରଜା ଲକ୍ଷ୍ମୀ ସାହୁ, ଝିଲ୍ଲୀ ପ୍ରଧାନ, ସୁବାଷ କଅଁର, ସରୋଜ ରଣସିଂ, ନିତ୍ୟାନନ୍ଦ ପ୍ରଧାନ, ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟ ଏବଂ ଜନପ୍ରତିନିଧିଙ୍କୁ ସାଙ୍ଗରେ ନେଇ ଶ୍ରୀରଘୁନାଥ ଜିଉଙ୍କ ମନ୍ଦିର ପ୍ରାଙ୍ଗଣରୁ ଆରମ୍ଭ ହୋଇଥିବା ପଦଯାତ୍ରା ଦଳକ ଗୟଳସିଂ ମନ୍ଦିରରେ ପହଞ୍ଚିଥିଲା।

ବିଗତ ୨୫ ବର୍ଷ ବିଜେଡି ଶାସନରେ ଓଡ଼ଗାଁର ବ୍ଲକର ଦ୍ରୁତ ବିକାଶ ସହିତ ଓଡ଼ଗାଁକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିବା ଏବଂ ଗାଁରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କୁ ନଗରୀର ସୁବିଧା ସୁଯୋଗ ଉପଲବ୍ଧ କରାଇବା ସହିତ ଓଡ଼ଗାଁରେ ବହୁବୃତ୍ତି ଶିକ୍ଷାନୁଷ୍ଠାନ, ନୟାଗଡ଼ ସ୍ଥାପନା ଯୋଗୁଁ ସ୍ଥାନୀୟ ଅଞ୍ଚଳ ସହିତ ନୟାଗଡ ଜିଲ୍ଲାର ଛାତ୍ର ଛାତ୍ରୀ ମାନେ ବୃତ୍ତିଗତ ଶିକ୍ଷା ଗ୍ରହଣ କରି ଆଜି ରାଜ୍ୟ ତଥା ରାଜ୍ୟ ବାହାରେ କର୍ମ ନିଯୁକ୍ତି ପାଇ ସମ୍ମାନ ଜନକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛନ୍ତି। ଭିତ୍ତିଭୂମିର ବିକାଶ ସାଙ୍ଗକୁ ଓଡ଼ଗାଁ ଏନ୍‌ଏସିକୁ ପାନୀୟ ଜଳ ଯୋଗାଣ, ପଥପ୍ରାନ୍ତ ସ୍ୱଳ୍ପ ରହଣୀ ଗୃହ, ସିଭିଲ କୋର୍ଟ କମ୍ପ୍ଲେକ୍ସ ଠାରୁ ଆରମ୍ଭ କରି ରାମ ସାଗର ପାର୍କ, ଶ୍ରୀରଘୁନାଥ ଜିଉଙ୍କ ମନ୍ଦିର, ଦୂତୀକେଶ୍ୱର ପୀଠରେ ଭିତ୍ତି ଭୂମିର ବିକାଶ ପର୍ଯ୍ୟନ୍ତ ସବୁଆଡେ ପ୍ରଗତିର ପଦଚିହ୍ନ ଦଶନ୍ଧି ପରେ ଦଶନ୍ଧି ଦେଖିବାକୁ ମିଳିବ ବୋଲି ବିଧାୟକ ଡ.ସାହୁ କହିଥିଲେ।

ଏହି ଅବସରରେ ଡ. ସାହୁ ବିଜେପି ସରକାର ଉପରେ ଗର୍ଜିଥିଲେ । ସରକାର ଅନେକ ମିଛ ପ୍ରତିଶ୍ରୁତି ଦେଇଛନ୍ତି । ସାଧାରଣ ଜନତା ଏବେ ଅନୁଭବ କଲେଣି। ଆଜିର ଏହି ଜନ ସମ୍ପର୍କ ଯାତ୍ରା ସୂଚାଇ ଦେଉଛି ନବୀନ ବାବୁଙ୍କୁ ଲୋକ ମାନେ କେତେ ଭଲ ପାଉଛନ୍ତି । ଦୁଇ ବର୍ଷରେ ସମସ୍ତ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ପଚାଷ ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଗଲା । ଦୁଇ ବର୍ଷଟା ପାଞ୍ଚ ପାଞ୍ଚ ହଜାର ହୋଇ ୫ ବର୍ଷ ହୋଇଗଲା । ଏଥି ସହିତ ଅନେକ ମହିଳାଙ୍କୁ ସେମାନେ ବାଦ ଦେଇଛନ୍ତି । ସରକାର ୫ ମାସ ବିତି ଯାଇଥିଲେ ମଧ୍ୟ ୮୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ୩୫୦୦ ଟଙ୍କା କେବେ ମିଳିବ ବୋଲି ଡ. ସାହୁ ଆହ୍ୱାନ ଦେଇଥିଲେ । ସମସ୍ତ ଭତା ହିତାଧିକାରିଙ୍କୁ ୩ ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ୮୦ ବର୍ଷ ବୃଦ୍ଧ ବୃଦ୍ଧାଙ୍କୁ ବି ଭତା ଦେଇ ପାରିଲେ ନାହିଁ। ବିଗତ ୫ ମାସ ଧରି ସମସ୍ତ ବିଭାଗରେ ସମସ୍ତ ବିକାଶ ମୂଳକ କାର୍ଯ୍ୟ ଠପ ହୋଇ ପଡି ରହିଛି । ଏ ସରକାର କାମ ନକରିବା ପାଇଁ ଅଧିକାରୀ ମାନଙ୍କୁ ଭିତିରିଆ ନିର୍ଦ୍ଦେଶନାମା ଦେଇଛନ୍ତି। ଆଗାମୀ ଦିନରେ ଏ ସରକାର ଯଦି ଲୋକଙ୍କର ବିକାଶ କାମ ନ କରିବ ତେବେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ।

# ବାତ୍ୟାଞ୍ଚଳରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ

## ସରକାରଙ୍କ କଥା ଓ କାମରେ ତାଳମେଳ ରହୁନି



**ରାଜନଗର, ୩୦।୧୦ (ସଂଚାର ବ୍ୟୁରୋ):** ବାତ୍ୟା ଦାନା ରାଜନଗରରେ ବ୍ୟାପକ କ୍ଷୟକ୍ଷତି କରିଛି। ବାତ୍ୟା ଛାଡିବାର ୫ଦିନ ପରେବି ବିପନ୍ନ ଲୋକ ଦୁର୍ଦ୍ଦଶାରେ ଅଛନ୍ତି। କେବଳ ରନ୍ଧାଖାଦ୍ୟକୁ ବାଦ ଦେଲେ ଆଜିଯାଏଁ ବିପନ୍ନ ଲୋକଙ୍କ ପାଖରେ ରିଲିଫ କି ପଲିଥିନ ପହଁଚି ନାହିଁ। ପୂର୍ବତନ ପିସିସି ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଆଜି ରାଜନଗର ବାତ୍ୟାଞ୍ଚଳ ବୁଲିବା ସହିତ ବାତ୍ୟା ପରେ ଲୋକେ କିପରି ଦୁର୍ଦ୍ଦଶାରେ ଅଛନ୍ତି, ତାହା ନିଜ ଆଖିରେ ଦେଖିଛନ୍ତି।

ଶ୍ରୀ ପଟ୍ଟନାୟକ ରାଜନଗର ବ୍ଲକର ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ଚାରିଘରିଆ ଗାଁରେ ପହଁଚିଥିଲେ। କାଦୁଅ ରାସ୍ତାରେ ଚାଲି ଚାଲି ଗାଁରେ ପହଁଚି ବାତ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କରିବା ସହିତ ଲୋକେ କିପରି ଅଛନ୍ତି, ନିଜ ଆଖିରେ ଦେଖିବା ସହ ଏହି ଗାଁର ୧୨୦ ପରିବାର ମୌଳିକ ସୁବିଧାରୁ ବଞ୍ଚିତ ହୋଇ କିପରି ଦୁର୍ଦ୍ଦଶାରେ ଅଛନ୍ତି, ଗାଁ କୁ ରାସ୍ତା ନଥିବା ବେଳେ ଆଣ୍ଠୁଏ କାଦୁଅରେ ଚାଲି ଚାଲି ଯାଉଛନ୍ତି, ରାସ୍ତାରେ ଗୋଡି ମୁଠେ ପଡ଼ିପାରୁନଥିବା ଗାଁରେ ବିଜୁଳି ଆଲୁଅ ନାହିଁ, ଆପଣ ଆମ ପାଇଁ ପଦକ୍ଷେପ ନିଅନ୍ତୁ ବୋଲି କହିଥିଲେ। ସାତଭାୟାବାସୀଙ୍କ ଥଇଥାନସ୍ଥଳୀ ବଗପାଟିଆରେ ମା' ପଞ୍ଚୁବରାହୀଙ୍କୁ ଦର୍ଶନ କରିବା ସହିତ ସାତଭାୟାବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସାତଭାୟାର ସରପଞ୍ଚ ପ୍ରସନ୍ନ କୁମାର ପରିଡ଼ା, ସୁଦର୍ଶନ ଦାସ, କରୁଣାକର ସ୍ୱାଇଁ, ମଙ୍ଗୁଳି ଚରଣ ଦାସ, ଅକ୍ଷୟ କୁମାର ନାୟକ, ଅଞ୍ଜନ କୁମାର ଲେଙ୍କା, ସଂଗ୍ରାମ କେଶରୀ ସାହାଣୀ ପ୍ରମୁଖ ଶ୍ରୀ ପଟ୍ଟନାୟକଙ୍କୁ କହିଥିଲେ। କଂଗ୍ରେସ ଦଳ ଆପଣ ମାନଙ୍କ ସହିତ ଅଛି। ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବ ବୋଲି କହିଥିଲେ।

ପୁରୁଣା ବଗପାଟିଆରେ ପହଁଛି ଗାଁରେ ବାତ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କରିଥିଲେ। ଗାଁର ଶ୍ରୀପଦ ହାଉଲି, ବାବୁରାମ ସରକାର, କୃଷ୍ଣପଦ ସରକାର, ନିରଞ୍ଜନ ସର୍ଦ୍ଦାର ପ୍ରମୁଖ ଗାଁର ସମସ୍ୟା ସମ୍ପର୍କରେ ଶ୍ରୀ ପଟ୍ଟନାୟକଙ୍କୁ କହିଥିଲେ। ବାତ୍ୟା ଅଞ୍ଚଳରୁ ଫେରି ତ୍ରିନାଥବଜାରସ୍ଥିତ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ସାମ୍ବାଦିକ ମାନଙ୍କୁ ସରକାରଙ୍କ କଥା ଓ କାମରେ ତାଳମେଳ ରହୁନଥିବା, ବାତ୍ୟା ପୂର୍ବରୁ ଜିରୋ କାଜୁଆଲିଟିର ପ୍ରୋଗ୍ରାମ ନେଇ ବାତ୍ୟାର ସଫଳ ମୁକାବିଲା କଲୁ ବୋଲି ସରକାର କହୁଛନ୍ତି। ହେଲେ ରାଜନଗରରେ ବାତ୍ୟା ଆଶ୍ରୟସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ସୁବର୍ଣ୍ଣରେଖାରେ ୨ଜଣ ଛାତ୍ର ଓ ସୋରରେ ଜଣେ ଛାତ୍ରଙ୍କ ମୃତ୍ୟୁ କ'ଣ ବାତ୍ୟାଜନିତ ମୃତ୍ୟୁ ନୁହେଁ ବୋଲି ପ୍ରଶ୍ନ କରିଥିଲେ। ଏଥିସହିତ କୃଷକ ମାନଙ୍କର ଚାଷ ଉଜୁଡି ଯାଇଥିବାରୁ କୃଷିଋଣ ଛାଡ ସହିତ ଚାଷୀମାନେ ବର୍ଷକ ଯାଏଁ ଚଳିବା ପାଇଁ କ୍ଷତିପୂରଣ, ଭାଙ୍ଗିଥିବା ଘରର ଘରଭଙ୍ଗା ସହାୟତା ସରକାର ଯୋଗାଇ ଦେବାକୁ ଦାବୀ କରିଥିଲେ। ଶ୍ରୀ ପଟ୍ଟନାୟକଙ୍କ ସହିତ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅଶୋକ କୁମାର ପ୍ରତିହାରୀ, ଓବିସି ସେଲର ପୂର୍ବତନ ଜିଲ୍ଲା ସଭାପତି ମଳୟ କୁମାର ଦାସ, ଯୁବନେତା ପ୍ରଶାନ୍ତ କୁମାର ରାଉତ, ବିଜୟ କୁମାର ପରିଡ଼ା, ପ୍ରମୋଦ କୁମାର ସ୍ୱାଇଁ, ପ୍ରଭାତ ସେଠୀ, ରଞ୍ଜନ ପାଲ, ଗୌରାଙ୍ଗ ପାଳ, ପ୍ରଦୀପ ରାଉତ, ରୋହିତ କୁମାର ରାଉତ, ଦେବ ପ୍ରସାଦ ପାଣି, ବିବେକାନନ୍ଦ ସାମନ୍ତରାୟ, କଳ୍ପତରୁ ସ୍ୱାଇଁ, ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ବାତ୍ୟା ଅଞ୍ଚଳ ପରିଦର୍ଶନ କରିଥିଲେ।

## ପୂର୍ବତନ ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା

**ପଟ୍ଟାମୁଣ୍ଡାଇ, ୩୦।୧୦ (ସଂଚାର ବ୍ୟୁରୋ):** ପୂର୍ବତନ ପି ସି ସି ସଭାପତି ନିରଞ୍ଜନ ପଟନାୟକ ଆଜି ରାଜନଗର ବାତ୍ୟା ବିପନ୍ନ ଅଂଚଳ ପରିଦର୍ଶନରେ ଯିବାବେଳେ ପଟ୍ଟାମୁଣ୍ଡାଇ ବାଇପାସ ଛକ ଠାରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଜିଲ୍ଲା କଂଗ୍ରେସ ଓବିସି ସେଲ ପ୍ରାକ୍ତନ ଅଧକ୍ଷ ମଳୟ ଦାସ, ବରିଷ୍ଠ କଂଗ୍ରେସ ନେତା ରମାକାନ୍ତ ଦାସ,ଯୁବନେତା ତପନ ପାତ୍ର, ଜିଲ୍ଲା ଦଳିତ ସେଲ ପ୍ରାକ୍ତନ ସଭାପତି ସର୍ବେଶ୍ୱର ସେଠୀ,ଅଖିଳ ଭାରତ ଯୁବକଂଗ୍ରେସ ସମ୍ପାଦକ କାଉନସିଲର ସମ୍ରାଟ କେଶରୀ ଜେନା, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଭାତ ସେଠୀ,ପୂର୍ବତନ କାଉନସିଲର ଦିଲ୍ଲୀପ ସେଠୀ, ଅଜୟ ବାୟୀ ରାଜକିଶୋର ବେହେରା, ସୁଭାଶିଷ ବାରିକ ପ୍ରଭାତ ରାଉତ, ଅମୂଲ୍ୟ ମଲିକ,ଅଶୋକ ରାଉତ ଜଗନ୍ନାଥ ମଲିକ ଓ ଗଣେଶ ମଲିକ ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମକର୍ତ୍ତା ପୂର୍ବତନ ପି ସି ସି ସଭାପତି ଶ୍ରୀପଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ବିଜେପି ନେତା ଗିରଫ



**ଫୁଲନଖରା, ୩୦।୧୦ (ସଂଚାର ବ୍ୟୁରୋ):** କଟକ ସଦର ଥାନା ଅନ୍ତର୍ଗତ କୁରୁଣ୍ଟି ଗ୍ରାମରେ ଦାଦା ବାଟି ମାଗି ବିଜେପି ନେତା ପ୍ରଭାତ ଭୋଇ ଗିରଫ । ବିବରଣୀରୁ ପ୍ରକାଶ ଦିପ୍ତିରଞ୍ଜନ ଦାସ ନାମକ ଜଣେ ବ୍ୟକ୍ତି ଏକ ବର୍ଷ ତଳେ କୁରୁଣ୍ଟି ଗ୍ରାମରେ ୧୧ ଏକର ୭୨୦ ଜମି କିଣି ଚାରିପଟେ ପାଚେରୀ ନିର୍ମାଣ କରିଥିଲେ । ପ୍ରଭାତ ଓ ତାଙ୍କ ସମର୍ଥକ ଦିପ୍ତିରଞ୍ଜନଙ୍କୁ ଦାଦା ବାଟି ମାଗି ବିଫଳ ହେବାପରେ ଉକ୍ତ ଜମିରେ ବେଆଇନ ଦଖଲ କରୁଥିବା ବେଳେ ଜମି ମାଲିକଙ୍କ ପୁତୁରା ଦିପକ ସାମନ୍ତରାୟ ପ୍ରତିବାଦ କରିଥିଲେ । ଦିପକ ଙ୍କ କଥା ନଶୁଣିବାରୁ ସେ ଏହି ଦଖଲ କରୁଥିବା ବେଳର ଦୃଶ୍ୟ ରେକର୍ଡିଙ୍ଗ କରୁଥିବା ବେଳେ ବିଜେପି ନେତା ଓ ତାଙ୍କ ସମର୍ଥକ ସଙ୍ଘବଧ ମରଣାନ୍ତକ ଆକ୍ରମଣ କରିଥିଲେ । ଜୀବନ ବଞ୍ଚାଇବାକୁ ଯାଇ ଦିପକ ନିକଟରେ ଥିବା ଜଣେ ମହିଳାଙ୍କ ଘରେ ପଶି ଯାଇଥିଲେ । ମହିଳାଙ୍କ ପ୍ରତିବାଦ ଯୋଗୁ ଦିପକ ବଞ୍ଚି ଯାଇଥିଲେ । ସେଠାରୁ ଦିପକ ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଥିଲେ । ଘଟଣା ଦିନରୁ ଅଭିଯୁକ୍ତ ମାନେ ଫେରାର ଥିଲେ । ଅଭିଯୋଗ ଆଧାରରେ କେସ ରୁଜୁ କରି କଟକ ସଦର ଥାନା ପୋଲିସ ଅଭିଯୁକ୍ତ ମାନଙ୍କୁ ଖୋଜୁଥିଲା । ସୋମବାର ରାତିରେ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବିଜେପି ନେତା ପ୍ରଭାତ ଭୋଇଙ୍କୁ ତାଙ୍କ ଘରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଫେରାର ଅଛନ୍ତି ।

## ବ୍ରେନ୍ ଡେଡ୍ ରୋଗୀଙ୍କ ଦୁଇ ଅଙ୍ଗ ଦୁଇ ଗୁରୁତର ରୋଗୀଙ୍କୁ ଦେଲା ନୂଆ ଜୀବନ



ସମ୍ପୂରେ ତୃତୀୟ ଥର ପାଇଁ ଅଙ୍ଗଦାନ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଅଙ୍ଗଦାନକୁ ନିରବଚ୍ଛିନ୍ନ ଭାବେ ପ୍ରୋତ୍ସାହନ ଦେଉଥିବା ସମ୍ ଅଲ୍ଟିମେଟ୍ ମେଡିକେଆରରେ ତୃତୀୟ ଥର ପାଇଁ ଜଣେ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଶରୀରରୁ ଦୁଇଟି ଅଙ୍ଗ ବାହାର କରାଯାଇ ରାଜଧାନୀର ଦୁଇଟି ହସ୍ପିଟାଲ୍‌ରେ ଥିବା ଗୁରୁତର ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ ପାଇଁ ପ୍ରକ୍ରିୟା ସମ୍ପନ୍ନ କରାଯାଇଛି। ଦାତାଙ୍କ ପୂର୍ବରୁ ଅସୁସ୍ଥ ମଣିଷଙ୍କୁ ନୂତନ ଜୀବନ ଦେବାର ଏହି ଉଦ୍ୟମକୁ କଳେବର ରଖିଛି ସମ୍ପୂ। ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳର ୫୯ ବର୍ଷୀୟ ଅଲେଖ ପ୍ରସାଦ ପ୍ରଡ଼ିହାରୀ ମସ୍ତିଷ୍କରେ ଗୁରୁତର ଆଘାତ (ବ୍ରେନ୍ ଷ୍ଟ୍ରୋକ୍)ର ସମସ୍ୟା ନେଇ ଗତ ୨୭ ତାରିଖ ଦିନ ରାତିରେ ସମ୍ପୂରେ ଭର୍ତ୍ତି ହୋଇଥିଲେ। ତେବେ ତାଙ୍କର ସମସ୍ତ ପରୀକ୍ଷା ନିରୀକ୍ଷା ସହିତ ବ୍ରେନ୍ ଷ୍ଟେମ୍ ରିଫ୍ଲେକ୍ସ ପରୀକ୍ଷା ଅର୍ଥାତ୍ ମସ୍ତିଷ୍କ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ ତାହା ଜାଣିବା ପାଇଁ ପରୀକ୍ଷା କରାଯାଇଥିଲା। ତେବେ ଏହି ପରୀକ୍ଷାର ରିପୋର୍ଟ ନେଗେଟିଭ ଆସିବା ପରେ ଏକ ଆପ୍‌ନିଆ ଟେଷ୍ଟ ମଧ୍ୟ କରାଯାଇଥିଲା ଯେଉଁଥିରେ ସେ ବ୍ରେନ୍ ଡେଡ୍ ହୋଇଯାଇଥିବା ଜଣାପଡ଼ିଥିଲା ବୋଲି ତାଙ୍କୁ ଚିକିତ୍ସା କରୁଥିବା ସମ୍ପୂର କ୍ରିଟିକାଲ୍ କେୟାର ମେଡିସିନ୍‌ର ସିନିୟର କନ୍‌ସଲ୍‌ଟାଣ୍ଟ ଡାକ୍ତର ଆଲୋକ ପାଣିଗ୍ରାହୀ ସୂଚନା ଦେଇଥିଲେ। ବ୍ରେନ୍ ଡେଡ୍ ହୋଇଥିବା ପରେ ତାଙ୍କର ଅଙ୍ଗଦାନ ନିମନ୍ତେ ପରିବାରଙ୍କୁ ଅନୁରୋଧ କରାଯାଇଥିଲା ଏବଂ ପରିବାରବର୍ଗ ମଧ୍ୟ ଏହି ନିମନ୍ତେ ଇଚ୍ଛା ପ୍ରକାଶ କରିବା ପରେ ବୁଧବାର ତାଙ୍କ ଶରୀରରୁ ଦୁଇଟି ଅଙ୍ଗକୁ ରାଜଧାନୀର ଦୁଇଟି ହସ୍ପିଟାଲ୍‌କୁ ପଠାଯାଇଥିବା କହିଛନ୍ତି ସମ୍ପୂର ନ୍ୟୁରୋସର୍ଜରୀ ବିଭାଗର ସିନିୟର କନ୍‌ସଲ୍‌ଟାଣ୍ଟ ଡାକ୍ତର ସୋମନାଥ ଜେନା। ହସ୍ପିଟାଲରେ ତୃତୀୟ ଥର ପାଇଁ ମୃତ ବ୍ୟକ୍ତିଙ୍କ ଶରୀରରୁ ଅଙ୍ଗଦାନ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିବା ବେଳେ ଏହି ପ୍ରକ୍ରିୟାକୁ ୩୦ ଜଣ ପର୍ଯ୍ୟନ୍ତ ଜାରି ରଖିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ସମ୍ପୂର ସିଇଓ ଡକ୍ଟର ଶ୍ରେତପଦ୍ମା ଦାଶ। ଅଙ୍ଗଦାନ ପ୍ରକ୍ରିୟାକୁ ବହୁ ମାତ୍ରାରେ କାର୍ଯ୍ୟକାରୀ କରିବା ସହ ଲୋକଙ୍କ ମଧ୍ୟରେ ଏ ଦିଗରେ ସଚେତନତା ଆଣିବା ସମ୍ପୂର ଲକ୍ଷ୍ୟ ବୋଲି ଡକ୍ଟର ଦାଶ କହିଛନ୍ତି।

# ସାଂଗଠନିକ ନିର୍ବାଚନ ପାଇଁ ପ୍ରସ୍ତୁତି ପର୍ବ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଭାରତୀୟ ଜନତା ପାର୍ଟି ଏକ ରାଷ୍ଟ୍ରୀୟ ପାର୍ଟୀ। ଜାତୀୟତାବାଦ, ଦେଶ ଭକ୍ତି, ରାଷ୍ଟ୍ରୀୟ ଚେତନାକୁ ଜାଗ୍ରତ କରୁଥିବା ଏହି ଦଳର ବିଚାରଧାରା ହିଁ ଅନ୍ୟ ରାଜନୈତିକ ଦଳଠାରୁ ଭିନ୍ନ ପରିଚୟ ଦେଇଥାଏ। ଭାରତୀୟ ଜନତା ପାର୍ଟିର ମୂଳ ମନ୍ତ୍ର ହେଉଛି "ସେବା ହିଁ ସଂଗଠନ" ଏବଂ ସଂଗଠନର ଆତ୍ମା ହେଉଛି ପ୍ରାଥମିକ ସଦସ୍ୟତା। ପ୍ରତି ୬ବର୍ଷରେ ସମସ୍ତଙ୍କୁ ପୁନର୍ବାର ଆଉ ଥରେ ସଦସ୍ୟ ହେବା ପାଇଁ ସୁଯୋଗ ଦିଆଯାଏ। ଗତ ସେପ୍ଟେମ୍ବର ୨ ତାରିଖରୁ ପାର୍ଟିର "ସାଂଗଠନିକ ପର୍ବ - ୨୦୨୪" ଆରମ୍ଭ ହୋଇ ପ୍ରଥମେ "ପ୍ରାଥମିକ ସଦସ୍ୟତା ଅଭିଯାନ" ଆରମ୍ଭ ହୋଇଥିଲା। ଏବେ ସୁଦ୍ଧା ଅନଲାଇନରେ ୫୦ ଲକ୍ଷ ସଦସ୍ୟ ବିଜେପି ସହିତ ଯୋଡି ହୋଇ ସାରିଛନ୍ତି ଏବଂ ଅଫଲାଇନରେ ସଦସ୍ୟ ଯୋଡିବା ପ୍ରକ୍ରିୟା ଜାରୀ ରହିଛି। ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ସାଂଗଠନିକ ନିର୍ବାଚନ ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ନଭେମ୍ବର ୫ ତାରିଖରେ ସକ୍ରିୟ ସଦସ୍ୟତାର ସୂଚୀ ପ୍ରସ୍ତୁତ କରାଯିବ। ଏହା ପରେ ଆସନ୍ତା ନଭେମ୍ବର ୨୫ ତାରିଖ ଦିନ ସକ୍ରିୟ ସଦସ୍ୟର ଦ୍ୱିତୀୟ ସୂଚୀ ପ୍ରକାଶ ପାଇବ ଏବଂ ସକ୍ରିୟ ସଦସ୍ୟମାନେ ପାର୍ଟିର ବିଭିନ୍ନ ଦାୟିତ୍ୱ ଓ ପଦପଦବୀରେ ରହିବେ। ନଭେମ୍ବର ୨୦ ତାରିଖରୁ ଆରମ୍ଭ ହେବ ସ୍ଥାନୀୟ ସମିତି ବା ବୁଥସ୍ତରୀୟ ନିର୍ବାଚନ ପ୍ରକ୍ରିୟା। ବୁଥଠାରୁ ଆରମ୍ଭ କରି ମଣ୍ଡଳ, ଜିଲ୍ଲା, ପ୍ରଦେଶ ଏବଂ ରାଷ୍ଟ୍ରୀୟସ୍ତରରେ ବିଭିନ୍ନ କମିଟିମାନର ଗଠନ ପ୍ରକ୍ରିୟା ଆଗାମୀ ଦୁଇ ମାସ ଧରି ଚାଲିବ। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ କର୍ମଶାଳାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡା.ସମ୍ବିତ ପାତ୍ର, ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସଦସ୍ୟତା ପ୍ରଭାରୀ ଅଶୋକ ମିଶ୍ର ପ୍ରମୁଖ ଥିଲେ। ଏହି ଅବସରରେ ପ୍ରାଥମିକ ସଦସ୍ୟ, ସକ୍ରିୟ ସଦସ୍ୟ ଓ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ସମସ୍ତ ସାଂସଦ, ବିଧାୟକ, ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି, ଜିଲ୍ଲା ସାଧାରଣ ସମ୍ପାଦକମାନେ ଉପସ୍ଥିତ ଥିଲେ। ରାଜ୍ୟ ରିଟର୍ଣ୍ଣିଂ ଅଫିସର ତଥା ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସହଯୋଗ କରିବା ପାଇଁ ତିନି ଜଣଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ସାଂସଦ ସୁକାନ୍ତ ପାଣିଗ୍ରାହୀ, ରାଜ୍ୟ ଉପସଭାପତି ସୁଶ୍ରୀ ସୁକେଶୀ ଓରାମ ଏବଂ ରାଜ୍ୟ ସାଧାରଣ ସମ୍ପାଦକ ଡ.ଯତୀନ ମହାନ୍ତି। ସେହିପରି ଆଜି ଜିଲ୍ଲା ରିଟର୍ଣ୍ଣିଂ ଅଫିସରଙ୍କ ନାମ ତାଲିକା ଘୋଷଣା କରାଯାଇଛି।



## ଏଚ୍‌ଡବ୍ଲ୍ୟୁବିଏଫରେ ଇଲେକ୍ଟ୍ରୋନିକ୍ସ ଗ୍ରେଡ୍ ଉନ୍ନତୀକରଣର ଉଦଘାଟନ

ନୂଆଦିଲ୍ଲୀ,୩୦।୧୦: ଆଣବିକ ଶକ୍ତି ଆୟୋଗ (ଏଇସି)ର ଅଧ୍ୟକ୍ଷ ତଥା ଆଣବିକ ଶକ୍ତି ବିଭାଗ (ଡିଏଇ)ର ସଚିବ ଡ. ଏ.କେ ମହାନ୍ତି ତାଳଚେରସ୍ଥିତ ଭାରୀ ଜଳ ବୋର୍ଡ ସୁବିଧା (ଏଚଡବ୍ଲ୍ୟୁବିଏଫ)ରେ ଇଲେକ୍ଟ୍ରୋନିକ୍ସ ଗ୍ରେଡ୍ ବୋରୋନ୍-୧୧ (ବି-୧୧) ଉନ୍ନତିକରଣ ସୁବିଧାକୁ ଉଦ୍‌ଘାଟନ କରିଥିଲେ। ତାଳଚେରସ୍ଥିତ ଏଚଡବ୍ଲୁବିଏଫରେ ଇଲେକ୍ଟ୍ରୋନିକ୍ସ ଗ୍ରେଡ୍ (>୯୯.୮%)ରେ ବି-୧୧ ଉନ୍ନତିକରଣର ବୈଷୟିକ ଜ୍ଞାନ କୌଶଳ ଯୋଗୁଁ ଏବେ ଭାରତ ଏହି ପ୍ରଯୁକ୍ତି ରଖୁଥିବା ଅଗ୍ରଣୀ ଦେଶଗୁଡ଼ିକ ମଧ୍ୟରେ ସାମିଲ ହୋଇଛି। ଆତ୍ମନିର୍ଭର ଭାରତ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଇଲେକ୍ଟ୍ରୋନିକ୍ସ ଗ୍ରେଡ୍ ବି୧୧ ବିଏଫ୍୩ ଗ୍ୟାସ୍ ଉତ୍ପାଦନ ପାଇଁ ବ୍ୟବହୃତ ହୁଏ ଯାହା ସେମିକଣ୍ଡକ୍ଟର ଚିପ୍ ଉତ୍ପାଦନରେ ପି-ଟାଇପ୍ ଡୋପଣ୍ଟ ଭାବରେ ବ୍ୟବହୃତ ହୋଇଥାଏ। ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ଅଧୀନରେ ଥିବା ଭାରୀ ଜଳ ବୋର୍ଡ, ମୁମ୍ବାଇର ସବ୍ ୟୁନିଟ୍ ଭାବେ ତାଳଚେର ଏଚଡବ୍ଲ୍ୟୁବିଏଫ ପରମାଣୁ ତଥା ଅଣ-ଆଣବିକ ପ୍ରୟୋଗ ପାଇଁ ବିଭିନ୍ନ ସ୍ପେଶାଲିଟି ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ।




ବାଲୁକା କଳାରେ ରାଷ୍ଟ୍ରୀୟ ଏକତା ଦିବସର ଶୁଭେଛା ଜଣାଇଲେ ପଦ୍ମଶ୍ରୀ ସୁଦର୍ଶନ

# ପୂର୍ବତଟ ରେଳପଥର ସତର୍କତା ସପ୍ତାହ

## ଉପଭୋକ୍ତା ଓ ଭାଗୀଦାରିଙ୍କ ବୈଠକ



ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥ ଏହାର ସମସ୍ତ ଭାଗିଦାରୀ, ହିତାଧିକାରୀ ଏବଂ ଯୋଗାଣକାରୀଙ୍କ ସହିତ ଏକ କଥୋପକଥନ ଅଧିବେଶନ ଆୟୋଜନ କରିଛି ଯାହାଦ୍ୱାରା ଗ୍ରାହକ ମାନଙ୍କ ସହିତ ଉତ୍ତମ ସମ୍ପର୍କ ଆଣିବା ସହ ଉଭୟ ରେଳବାଇ ଏବଂ ଶିଳ୍ପର ପ୍ରଗତିରେ ତଥା ଅଭିବୃଦ୍ଧିରେ ସାହାଯ୍ୟ କରିବା ସହିତ ସେମାନଙ୍କର ମତାମତ, ଅଭିଯୋଗର ସମାଧାନ ଇତ୍ୟାଦି ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା ଯାହାକି ଉଭୟ ରେଳବାଇ ଓ ଶିଳ୍ପ ସଂସ୍ଥା ମାନଙ୍କ ସହିତ ସ୍ୱଚ୍ଛତା ମାଧ୍ୟମରେ କାର୍ଯ୍ୟ ସମ୍ପାଦନ ହୋଇ ପାରିବ। ରେଳପଥର ବରିଷ୍ଠ ଉପ ମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ହିତାଧିକାରୀଙ୍କ ସହ ହୋଇଥିବା ସମସ୍ତ କାରବାରରେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ଅଭିଯୋଗର ଫଳପ୍ରଦ ସମାଧାନ ଏବଂ ସାମଗ୍ରୀ ଏବଂ ସେବା କ୍ରୟରେ ତଥା ଚୁକ୍ତିନାମା ବୁଝାମଣାରେ ନ୍ୟାୟପୂର୍ଣ୍ଣ ଅଭ୍ୟାସ ସୁନିଶ୍ଚିତ କରିବା ପାଇଁ ରଣନୀତି ଉପରେ ଆଲୋଚନା କରାଯାଇଥିଲା। ରେଳବାଇର କାରବାର କରିବା ସମୟରେ ବିଶ୍ୱାସ ସୃଷ୍ଟି କରିବା ସହ ରେଳବାଇ ଏବଂ ଏହାର ହିତାଧିକାରୀଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ସ୍ୱଚ୍ଛତା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ମିଶ୍ର କହିଥିଲେ। ଏହି ବୈଠକ ଖୋଲା ସଂଳାପ ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା ଯାହା ପୂର୍ବତଟ ରେଳପଥର ସହଭାଗୀମାନଙ୍କର ଆବଶ୍ୟକତାକୁ ଭଲ ଭାବରେ ବୁଝାମଣା ଓ ସେବା ପ୍ରଦାନରେ ଉନ୍ନତି ଆଣିବା ପାଇଁ ସହାୟକ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଇସ୍ପାତ କାରଖାନା, ବନ୍ଦର ଏବଂ ବ୍ୟାଙ୍କିଙ୍ଗ୍ ଭଳି ଶିଳ୍ପ ସଂସ୍ଥା ମାନଙ୍କ ସହିତ କଣ୍ଟ୍ରାକ୍ଟର ଏବଂ ଯୋଗାଣକାରୀ ଏବଂ ବିଭିନ୍ନ ହିତାଧିକାରୀ ମାନେ ସକ୍ରିୟ ଅଂଶଗ୍ରହଣ ରିଥିଲେ। ରେଳବାଇର କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ପାରସ୍ପରିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଉପସ୍ଥିତ ସଂସ୍ଥା ମାନଙ୍କର ପ୍ରତିନିଧି ମାନେ ସେମାନଙ୍କର ମୂଲ୍ୟବାନ ପରାମର୍ଶ ଦେଇଥିଲେ। ପୂର୍ବତଟ ରେଳପଥ ଏହାର ସମସ୍ତ କାରବାରରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ନୀତିକୁ ସମର୍ଥନ କରିବାକୁ ସର୍ବଦା ପ୍ରତିବଦ୍ଧ ରହିଥାଏ ଏବଂ ଏହାର ଅଂଶୀଦାରମାନଙ୍କ ସହ ସହଯୋଗ ପାଇଁ ଏକ ଦୃଷ୍ଟାନ୍ତମୂଳକ ଉଦାହରଣ ସୁନିଶ୍ଚିତ କରିଥାଏ।

## ମାଛ ପାଇଁ ମର୍ଡର: ରୋଷେୟାଙ୍କୁ ପନିକିରେ ହାଣିଲେ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ମାଛକୁ ନେଇ ମହାଭାରତ। ରାଜଧାନୀର ଏକ ହୋଟେଲରେ ମାଛ ପାଇଁ ହୋଇଛି ବୀଭତ୍ସ ହତ୍ୟାକାଣ୍ଡ। ଡମଣା ଛକରେ ଥିବା ହୋଟେଲ ତାରାଦେଇରେ ଘଟିଛି ଏପରି ଏକ ଅଭାବନୀୟ କାଣ୍ଡ । ସାମାନ୍ୟ ମାଛ ପାଇଁ ରୋଷେୟାଙ୍କୁ ହତ୍ୟା କଲା ଅନ୍ୟ ଜଣେ ହୋଟେଲର କର୍ମଚାରୀ। ମୃତକ ହୋଟେଲ ରୋଷେୟା ପୀତାମ୍ବର ଜେନା ବୋଲି ଜଣାଯାଇଛି। ମୃତ ପୀତାମ୍ବରଙ୍କ ଘର ଗଞ୍ଜାମ ସୋରଡ଼ାରେ । ସେ ୧୫ ବର୍ଷ ଧରି ଉକ୍ତ ହୋଟେଲରେ ରୋଷେୟା ଭାବେ କାମ କରୁଥିଲେ। ପରିବାର ଲୋକଙ୍କ କହିବାନୁଯାୟୀ, ଗତ ରାତିରେ ମାଛ ଖାଇବାକୁ ନେଇ ହୋଟେଲର ଜଣେ କର୍ମଚାରୀ ଓ ପୀତାମ୍ବରଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଉତ୍ତ୍ୟକ୍ତ ହୋଇ ପଡ଼ିଥିବା ଅଭିଯୁକ୍ତଜଣକ ପୀତାମ୍ବରଙ୍କୁ ଗୋଡ଼ାଇ ଗୋଡ଼ାଇ ପନିକିରେ ହାଣିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଦୁର୍ବୃତ୍ତ ପନିକିରେ ହାଣି ସାରିବା ପରେ, ମୃତଦେହକୁ ଲୁଚାଇବା ପାଇଁ କରୁଥିଲା ଯୋଜନା । ମାତ୍ର ତାହା ସମ୍ଭବ ନ ହେବାରୁ ଫେରାର ହୋଇଯାଇଛି ଅଭିଯୁକ୍ତ । ଖବର ପାଇ ପୁଲିସ୍ ଓ ମୃତକଙ୍କ ପରିବାର ଲୋକେ ହୋଟେଲ ନିକଟରେ ପହଞ୍ଚିଛନ୍ତି। ତେବେ ମୃତଦେହ ହୋଟେଲରେ ପଡ଼ିଥିବା ବେଳେ ସାଇଣ୍ଟିଫିକ୍ ଟିମ୍‌କୁ ଅପେକ୍ଷା କରିଛି ପୁଲିସ୍। ସାଇଣ୍ଟିଫିକ୍ ଟିମ୍ ସାମ୍ପଲ ସଂଗ୍ରହ କରି ସାରିବା ପରେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବ ପୁଲିସ୍।




## ସଚେତନତା ପାଇଁ ଭୁବନେଶ୍ୱର ଭିଜିଲାନ୍ସ ତରଫରୁ ପଦଯାତ୍ରା




ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଗତକାଲି ମଙ୍ଗଳବାର ସକାଳେ ଭିଜିଲାନ୍‌ସ ଭୁବନେଶ୍ୱର ଡିଭିଜନ୍ ତରଫରୁ ଏକ ରାଜ୍ୟସ୍ତରୀୟ ଶୋଭାଯାତ୍ରା ତଥା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ ଭବନ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭିଜିଲାନ୍‌ସ ଆରକ୍ଷୀ ନିରୀକ୍ଷକ ସଞ୍ଜୟ କୁମାର କୌଶଳ ଯୋଗଦେଇ ପତାକା ଦେଖାଇ ଶୋଭାଯାତ୍ରା ତଥା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ, ଭିଜିଲାନ୍‌ସ ଭୁବନେଶ୍ୱର ଡିଭିଜନ୍ ଅନୁପମା ଜେମ୍‌ସ୍, ଆରକ୍ଷୀ ଅଧିକ୍ଷକ, ଭିଜିଲାନ୍‌ସ ସେଲ ଡିଭିଜନ, କଟକ ଏମ୍. ରାଧାକ୍ରୀଷ୍ଣ, ଡିଆଇଜି, ସିବି ଆର୍. ପ୍ରକାଶ ପ୍ରମୁଖ ଯୋଗଦେଇ ଶୋଭାଯାତ୍ରା ଶେଷ ପର୍ଯ୍ୟନ୍ତ ସଚେତନତାରେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଏବଂ ଓଡ଼ିଶା ସ୍କେଟିଂ ଏକାଡେମୀ, ଭୁବନେଶ୍ୱରର ଛାତ୍ରଛାତ୍ରୀ ଯୋଗଦେଇ ରାଜ ଭବନ ଛକଠାରୁ କଳିଙ୍ଗ ଷ୍ଟାଡିୟମ ନିକଟସ୍ଥ ରିଜର୍ଭ ଅଫିସ୍, ପୋଲିସ କମିସନରେଟ ପର୍ଯ୍ୟନ୍ତ ଯାତ୍ରା କରିଥିଲେ।

## କୃଷି ଭବନରେ ରାଜ୍ୟସ୍ତରୀୟ କାଜୁ ପ୍ରଦର୍ଶନୀ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଆଜି କୃଷି ଭବନସ୍ଥିତ ଅଡିଟୋରିଅମ ହଲରେ ଓଡିଶା ରାଜ୍ୟ କାଜୁ ନିଗମ ତରଫରୁ ଏକ କାଜୁ ସମ୍ମିଳନୀ ତଥା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କାଜୁ ନିଗମ ପରିଚାଳନା ନିର୍ଦ୍ଦେଶକ ତଥା ଉଦ୍ୟାନ କୃଷି ଓ ମୃତ୍ତିକା ସରଂକ୍ଷଣ ନିର୍ଦ୍ଦେଶକ ଶ୍ରୀ ନିଖିଲ ପୱନ କଲ୍ୟାଣ ଯୋଗଦେଇ କହିଥିଲେ ଯେ, ଓଡ଼ିଶାରୁ ଉତ୍ପାଦିତ ହେଉଥିବା ଏକ ନିଜସ୍ୱ କାଜୁ ବ୍ରାଣ୍ଡ ହେବା ଆବଶ୍ୟକ। ସମ୍ପ୍ରତି ରାଜ୍ୟର ୨୭୦୦୦ ହେକ୍ଟର ଜମିରେ କାଜୁ ଫସଲ କରାଯାଉଛି। କାଜୁ ନିଗମ ଅଧୀନରେ ୫୮୭ଟି ପ୍ଲାଣ୍ଟେସନ ସାଇଟ ରହିଛି ତଥା ୨୦ଟି ନର୍ସରୀ ମଧ୍ୟ ରହିଛି, ଯେଉଁଥିରୁ ପ୍ରାୟ ୩୫ ରୁ ୪୦ ଲକ୍ଷ ଉଚ୍ଚକୋଟୀର କାଜୁ ଚାରା ଉତ୍ପାଦନ ହେଉଛି। କାଜୁ ଫସଲର ଚାଷଜମି ଅନୁଯାୟୀ ଭାରତରେ ଓଡ଼ିଶାର ସ୍ଥାନ ଦ୍ୱିତୀୟ ଅଟେ। କାଜୁ ଖାଇବା ଶରୀର ପକ୍ଷେ ହିତକର। ଏହା ହୃଦୟ, ଚର୍ମ କୁ ସୁସ୍ଥ ରଖିବା ସହ ଆଖିର ଜ୍ୟୋତି ବଢ଼ାଏ, ରକ୍ତରେ ଶର୍କରା ଓ ଓଜନକୁ ନିୟନ୍ତ୍ରଣ ମଧ୍ୟ କରିଥାଏ। ସମ୍ମିଳନୀରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କାଜୁ ମଞ୍ଜି ଉତ୍ପାଦନକାରୀ, ନିଲାମଧାରୀ ପ୍ରଭୃତି ସାମିଲ ହୋଇ କାଜୁର ବିଭିନ୍ନ କିସମ ତଥା ଜଳବାୟୁ ପରିବର୍ତ୍ତନର କାଜୁ ଉତ୍ପାଦନ ଉପରେ ପ୍ରଭାବ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। କାଜୁ ଫସଲକୁ ଅଧିକ ଲାଭଜନକ କରିବା ସହ ଏହାର ଫଳରୁ ମଧ୍ୟ ବିଭିନ୍ନ ପ୍ରକାର ଉତ୍ପାଦ ପ୍ରସ୍ତୁତ ଦିଗରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ୨୦୨୫ ବର୍ଷ ପାଇଁ ଏକ ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରଯାଇଥିଲା। ଏହି ସମ୍ମିଳନୀରେ ଓୟୁଏଟି ପ୍ରଫେସର କବିତା ସେଠୀ, ଡକ୍ଟର ପ୍ରଭୁ ଚରଣ ଲେଙ୍କା, କାଜୁ ନିଗମର ସଂଘମିତ୍ରା ବେହେରା, ଲକ୍ଷ୍ମୀଧର ଜେନା ଓ ନୀତିନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଦୁଇ ଦିନ ତଳେ ମହାନଦୀକୁ ଡେଇଁଥିଲେ, ଆଜି ମିଳିଲା ମୃତଦେହ



ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଗତ ସୋମବାର କଟକ ମୁଣ୍ଡଳୀ ବ୍ରିଜ୍ ଉପରେ ଗାଡ଼ି ରଖି ମହାନଦୀକୁ ଡେଇଁ ପଡ଼ିଥିଲେ ଜଣେ ବ୍ୟାଙ୍କ ମ୍ୟାନେଜର। ଦୁଇ ଦିନ ପରେ ତାଙ୍କ ମୃତଦେହ ଆଜି ସକାଳେ ଉଦ୍ଧାର ହୋଇଛି। ମୃତକ ହେଲେ ତାରିଣୀ ପ୍ରସାଦ । ଢେଙ୍କାନାଳ କାବେରା ଗାଁର ତାରିଣୀ ପ୍ରସାଦ ରାଉତ ଏକ ବ୍ୟାଙ୍କରେ ମ୍ୟାନେଜର ଭାବେ କାମ କରୁଥିଲେ। ଗତ ସୋମବାର ତାରିଣୀ ପ୍ରସାଦ କଟକ ମୁଣ୍ଡଳୀ ବ୍ରିଜ୍ ଉପରେ ନିଜ ଗାଡ଼ି ରଖିଥିଲେ। ଏହାପରେ ସେ ମହାନଦୀକୁ ଡେଇଁ ପଡ଼ିଥିଲେ। ପରିବାର ଲୋକେ ଓ ଅଗ୍ନିଶମବାହିନୀ ବହୁ ଖୋଜାଖୋଜି କରି ବି ତାଙ୍କୁ ପାଇ ନ ଥିଲେ। ଆଜି ସକାଳେ ମୁଣ୍ଡଳି ଅଞ୍ଚଳର କିଛି ମତ୍ସ୍ୟଜୀବୀ ମାଛ ଧରୁଥିବାବେଳେ ଏକ ମୃତଦେହ ଭାସୁଥିବା ଦେଖିଥିଲେ। ପରେ ତାକୁ କୂଳକୁ ଆଣିଥିଲେ । ଖବରପାଇ ପରିବାର ଲୋକେ ଓ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରିବାର ଲୋକେ ମୃତଦେହକୁ ଚିହ୍ନଟ କରିବା ପରେ ପୁଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ଆତ୍ମହତ୍ୟା ନା ଅନ୍ୟ କୌଣସି ଚାପ ନିମନ୍ତେ ତାରିଣୀ ପ୍ରସାଦ ଏପରି ପଦକ୍ଷେପ ଉଠାଇଲେ ତାହାର ତଦନ୍ତ ଆରମ୍ଭ କରିଛି ପୁଲିସ୍।

## ଲିଙ୍ଗଭିତ୍ତିକ ହିଂସା ବିରୋଧୀ ଅଭିଯାନକୁ ସମର୍ଥନ ପାଇଁ ବୈଠକ



ନୂଆଦିଲ୍ଲୀ,୩୦।୧୦: ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଅଧୀନରେ ଥିବା ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା- ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଡିଏୱାଇ-ଏନଆରଏଲଏମ) ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ଜାତୀୟ ଅଭିଯାନର ତୃତୀୟ ସଂସ୍କରଣ 'ନଇ ଚେତନା ୩.୦'ର ରଣନୈତିକ ରୂପରେଖ ପ୍ରସ୍ତୁତ କରିବା ପାଇଁ ଗତକାଲି ଏକ ଆନ୍ତଃ-ମନ୍ତ୍ରଣାଳୟ ବୈଠକ ଡାକିଥିଲା। ଗ୍ରାମ୍ୟ ଉନ୍ନୟନ ସଚିବ ଶ୍ରୀ ଶୈଳେଶ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦେଶବ୍ୟାପୀ ଲିଙ୍ଗଭିତ୍ତିକ ହିଂସା ବିରୋଧରେ ସଚେତନତା ସୃଷ୍ଟି ଏବଂ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସହଯୋଗ ଏବଂ କାର୍ଯ୍ୟ ଯୋଜନା ଉପରେ ଆଲୋଚନା କରିବା ଲାଗି ସାତଟି ମନ୍ତ୍ରଣାଳୟର ପ୍ରତିନିଧିମାନେ ଏକାଠି ହୋଇଥିଲେ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀମତୀ ସ୍ମୃତି ଶରଣ ଏହି ବୈଠକର ଶୁଭାରମ୍ଭ କରି ନଇ ଚେତନା ଅଭିଯାନର ପୂର୍ବ ସଂସ୍କରଣଗୁଡ଼ିକର ପ୍ରମୁଖ ତଥ୍ୟ ଉପସ୍ଥାପନ କରିବା ସହ ସହଯୋଗୀ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ନଇ ଚେତନା-୩.୦ ର ଲକ୍ଷ୍ୟ ଓ ଢାଞ୍ଚା ସମ୍ପର୍କରେ ସମୀକ୍ଷା କରିଥିଲେ।

## ପୁରୁଷୋତ୍ତମ ଏକ୍ସପ୍ରେସରୁ ୧୫୦ ଗୁଳି ଜବତ

ପୁରୀ,୩୦।୧୦(ସଂଚାର ବ୍ୟୁରୋ): ରେଲୱେ ଷ୍ଟେସନରୁ ୧୨୮୦୨ ପୁରୁଷୋତ୍ତମ ଏକ୍ସପ୍ରେସର ଏସ୍୨ ସ୍ଲିପର କୋଚର ଏକ ସିଟ ତଳୁ ଆଜି ଜବତ ହୋଇଛି ୧୫୦ଟି ଜୀବନ୍ତ ଗୁଳି। ସେଠାରେ ସନ୍ଦିଗ୍ଧ ଅବସ୍ଥାରେ ଥିବା ଏକ କଳା ବ୍ୟାଗକୁ ଆରପିଏଫ ଯାଞ୍ଚ କରିବା ସମୟରେ ତା' ଭିତରୁ ୧୫୦ଟି ୮ଏମ୍ଏମ୍ ଗୁଳି ମିଳିଥିଲା। ଏହା ପରେ ଏନେଇ ଆରପିଏଫ ପକ୍ଷରୁ ଜିଆରପିକୁ ଅବଗତ କରାଯାଇଥିଲା। ଜିଆରପି ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଆରମ୍ଭ କରିଛି।



## ଜେଏସ୍‌ଡବ୍ଲ୍ୟୁ ବାବୁଙ୍କୁ ଖୋଳ କରିଦେଲେ ସାଇବର ଠକ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଜେଏସ୍‌ଡବ୍ଲ୍ୟୁ ବାବୁଙ୍କୁ ଖୋଳ କରିଦେଲେ ସାଇବର ଠକ। ଇନ୍‌ଭେଷ୍ଟ କରିବାକୁ କହି ନେଇ ଗଲେ ୨୫ କୋଟିରୁ ଅଧିକ ଟଙ୍କା। ଆଉ ଠକାମୀରେ ଶିକାର ହେବା ପରେ ବାବୁ କଟକ ସାଇବର ଥାନାରେ ପହଞ୍ଚିଥିଲେ। ଅଭିଯୋଗକୁ ଭିତ୍ତି କରି ସାଇବର ଥାନା ପୁଲିସ୍ ୨୪ ଜଣଙ୍କୁ ଗିରଫ କରିବା ସହିତ ୧୬ ଲକ୍ଷ ଟଙ୍କା ଫ୍ରିଜ୍ କରିଛି। ଏନେଇ ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର। ଜେଏସ୍‌ଡବ୍ଲ୍ୟୁ ସିନିୟର ଅଫିସର କରିଥିବା ଅଭିଯୋଗ ଅନୁସାରେ ତାଙ୍କ ଅଜାଣତରେ ତାଙ୍କୁ ହ୍ୱାଟ୍ସଆପ୍ କୋଟାକ୍ ଇନ୍‌ଭେଷ୍ଟମେଣ୍ଟ କ୍ଲବ ଗ୍ରୁପ୍‌ରେ ଯୋଡ଼ା ଯାଇଥିଲା। ପରବର୍ତ୍ତୀ ସମୟରେ ସେ ସେହି ଗ୍ରୁପ୍‌କୁ ଖୋଲାଇଥିଲେ। ଆଉ ଦେଖିବାକୁ ପାଇଥିଲେ ବିଭିନ୍ନ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ ସମ୍ପର୍କରେ। ତା'ପରେ ସେ ସେଥିରେ ୬.୨୮ କୋଟି ଟଙ୍କା ଇନ୍‌ଭେଷ୍ଟ କରିଥିଲେ। କିଛି ଦିନ ପରେ ସେହି ଟଙ୍କା ବଢ଼ି ୨୫ କୋଟି ଟଙ୍କା ହୋଇ ଯାଇଥିଲା। ତେଣୁ ତାଙ୍କ ମନରେ ଲୋଭ ହୋଇଥିଲେ। ସେ ସେହି ଟଙ୍କା ଉଠାଇବାକୁ ଚାହିଁଥିଲେ। ହେଲେ ଗ୍ରୁପ୍ ଆଡମିନ୍ ତାଙ୍କୁ ୨୩ କୋଟି ଟଙ୍କା ଉଠାଇବାକୁ କହିଥିଲେ।

**ନେଇଗଲେ ୨୫ କୋଟି**

## ଶୀତ ଅଧିବେଶନରେ ବଦଳିବ ବିଶ୍ୱବିଦ୍ୟାଳୟ ଆଇନ୍

ଭୁବନେଶ୍ୱର,୩୦।୧୦: ଓଡ଼ିଶାର ବିଶ୍ୱବିଦ୍ୟାଳୟ ଗୁଡିକରେ ବିଭିନ୍ନ ପଦ ପଦବୀରେ ନିଯୁକ୍ତି ଘେନି ସୃଷ୍ଟି ହୋଇଥିବା ଅନିଶ୍ଚିତତା ଦୂର କରିବାଲାଗି ବିଧାନସଭାର ଆଗାମୀ ଶୀତକାଳୀନ ଅଧିବେଶନ ସମୟରେ ବିଶ୍ୱବିଦ୍ୟାଳୟର ପ୍ରଚଳିତ ଆଇନ୍‌ରେ ସଂଶୋଧନ ଲାଗି ସ୍ୱତନ୍ତ୍ର ବିଧେୟକ ଆସିପାରେ। ଏଥିଘେନି ସରକାରୀ ସ୍ତରରେ କସରତ ଆରମ୍ଭ ହୋଇଯାଇଛି। ଏଠାରେ ଉଲ୍ଲେଖନୀୟ ଯେ ବିଶ୍ୱବିଦ୍ୟାଳୟ ଆଇନ୍‌ରେ ରାଜ୍ୟ ସରକାର ୨୦୨୦ ମସିହାରେ ସଂଶୋଧନ ଆଣି ବିଭିନ୍ନ ପଦ ପଦବୀ ଲାଗି ପ୍ରାର୍ଥୀ ଚୟନ କ୍ଷମତା ବିଶ୍ୱବିଦ୍ୟାଳୟ ହାତରୁ କାଢି ନେଇଥିଲେ। ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ଏବଂ ଏହି ମାମଲା ବିଚାରାଧିନ ଥିବା ଦୃଷ୍ଟିରୁ ଅଧ୍ୟାପକଙ୍କ ଠାରୁ ଆରମ୍ଭକରି କୁଳପତିଙ୍କ ପର୍ଯ୍ୟନ୍ତ ବିଭିନ୍ନ ପଦ ପଦବୀରେ ନିଯୁକ୍ତି ଦିଆଯାଇ ପାରୁନାହିଁ। ଏବେ ରାଜ୍ୟର ୫ଟି ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ଖାଲି ପଡ଼ିଛି। ଦୁଇଟି ବିଶ୍ୱବିଦ୍ୟାଳୟ ଓଏସ୍‌ଡିମାନଙ୍କ ଦ୍ୱାରା ପରିଚାଳିତ ହେଉଥିବାବେଳେ ଆଉ ୩ଟି ବିଶ୍ୱବିଦ୍ୟାଳୟର କୁଳପତି ନଥିବାରୁ ଅନ୍ୟ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ଏଗୁଡିକର ଅତିରିକ୍ତ ଦାୟିତ୍ୱରେ ରଖାଯାଇଛି। ଆସନ୍ତା ନଭେମ୍ବର ମାସରେ ଆଉ ୪ଟି ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ଖାଲିହେବାକୁ ଯାଉଥିବାବେଳେ ୨୦୨୫ରେ ୫ଟି ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ଖାଲି ହେବ ବୋଲି ଉଚ୍ଚଶିକ୍ଷା ବିଭାଗର ଅଧିକାରୀମାନେ ସ୍ୱୀକାର କରୁଛନ୍ତି। ଏହାଛଡା ଆମ ବିଶ୍ୱବିଦ୍ୟାଳୟଗୁଡିକରେ ପ୍ରାୟ ୬୦ ପ୍ରତିଶତ ଅଧ୍ୟାପକ ପଦବୀ ଖାଲି ପଡ଼ିଥିବାବେଳେ ୭୦ ପ୍ରତିଶତରୁ ଅଧିକ ଅଣଶିକ୍ଷକ ପଦବୀ ମଧ୍ୟ ଖାଲି ପଡ଼ିଛି। ଉତ୍କଳ, ରେଭେନ୍ସା, ସମ୍ବଲପୁର, ବ୍ରହ୍ମପୁର ସମେତ ଅଧିକାଂଶ ବିଶ୍ୱବିଦ୍ୟାଳୟରେ ବ୍ୟାପକ ସଂଖ୍ୟକ ପ୍ରଫେସର ପଦବୀ ଖାଲି ପଡ଼ିଥିବାବେଳେ ସହକାରୀ ଓ ସହଯୋଗୀ ପ୍ରଫେସର ପଦବୀରେ ମଧ୍ୟ ବହୁ ଆସନ ଖାଲି ରହିଛି। ଇତି ମଧ୍ୟରେ ଏହି ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଚିଠି ଲେଖି ରାଜ୍ୟ ସରକାର ପ୍ରଚଳିତ ଆଇନ୍‌ରେ ସଂଶୋଧନ ଆଣି ୟୁଜିସି ମାର୍ଗ ନିର୍ଦ୍ଦେଶିକା ଆଧାରରେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡିକ ଲାଗି ପୂର୍ବଭଳି ନିଯୁକ୍ତି ପ୍ରକ୍ରିୟା କରିବାପାଇଁ ପ୍ରସ୍ତାବ ଦେଇଛନ୍ତି। ଏହା କରାଗଲେ ୟୁଜିସି ସୁପ୍ରିମ୍‌କୋର୍ଟରୁ ସହଜରେ ମାମଲା ପ୍ରତ୍ୟାହାର କରିନେବ ଏବଂ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡିକରେ ସୃଷ୍ଟି ହୋଇଥିବା ଉତ୍କଟ ଶିକ୍ଷକ ମରୁଡ଼ି ଅବସ୍ଥାର ସମାଧାନ ହୋଇପାରିବ। ଏଠାରେ ଉଲ୍ଲେଖନୀୟ ଯେ ୨୦୨୦ ମସିହାରେ ସେତେବେଳର ବିଜେଡି ସରକାର ଅମଳରେ ଯେଉଁ ଆଇନ୍‌ଗତ ବ୍ୟବସ୍ଥା କରାଯାଇଥିଲା ତାହାକୁ ବିଜେପି ଖୋଲାଖୋଲି ଭାବେ ବିରୋଧ କରୁଥିଲା। ଓଡ଼ିଶାରେ ବିଜେପି ସରକାର ଗଠିତ ହେବାର ୫ମାସ ପୂରିବାକୁ ଯାଉଥିବାବେଳେ ଖୁବ୍‌ଶୀଘ୍ର ଏ ପ୍ରସଙ୍ଗରେ ରାଜ୍ୟ ସରକାର ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରିପାରନ୍ତି। ଅନେକ ପ୍ରାକ୍ତନ କୁଳପତି, ପ୍ରଫେସର ଓ ବୁଦ୍ଧିଜୀବୀ ସେ ସମୟରେ ରାଜ୍ୟ ସରକାରଙ୍କ ସଂଶୋଧିତ ଆଇନ୍‌କୁ ବିରୋଧ କରୁଥିଲେ। ଆଇନ୍ ବିଶେଷଜ୍ଞମାନେ କହୁଛନ୍ତି ଯେ ପୂର୍ବରୁ ଅନୁରୂପ ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଯେଉଁ ରାୟର ନଜିର ରହିଛି ସେହି ଆଧାରରେ ଓଡ଼ିଶା ସରକାରଙ୍କ ୨୦୨୦ର ସଂଶୋଧିତ ବିଶ୍ୱବିଦ୍ୟାଳୟ ଆଇନ୍ କାଟ୍ ଖାଇଯିବା ସମ୍ଭାବନା ଅଧିକ। ଗୋଟିଏ ପଟେ ଶିକ୍ଷକ ଅଭାବରୁ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡିକରେ ଶିକ୍ଷାଦାନ ଓ ଗବେଷଣା କାର୍ଯ୍ୟ ବ୍ୟାହତ ହେଉଥିବାବେଳେ ଅନ୍ୟ ପକ୍ଷରେ ଅଣଶିକ୍ଷକ କର୍ମଚାରୀ ଅଭାବରୁ ବିଶ୍ୱବିଦ୍ୟାଳୟଗୁଡିକର ପ୍ରଶାସନିକ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଛି। (ତଥ୍ୟ)

জীবন অমৃত অনুচিন্তা


### ଜୀବନ ଅମୃତ ଅନୁଚିନ୍ତା

ଯୋଗୀ ପୁରୁଷ-କେବଳ ଯୋଗୀ ପୁରୁଷ ହିଁ ପାର୍ଥିବ ଜଗତର ପୂର୍ଣ୍ଣତା ଭିତରେ ଥିବା ଶୂନ୍ୟତାକୁ ଦେଖି ଐଶ୍ୱରିକ ଜଗତର ଶୂନ୍ୟତା ଭିତରେ ଥିବା ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହୁଅନ୍ତି।



# ଅଡୁଆରେ ଦୁଇ ଜାତୀୟ ଦଳ

ମେଣ୍ଟ ରାଜନୀତିରେ ବିଭିନ୍ନ ଆଞ୍ଚଳିକ ଦଳର ପ୍ରଭାବ ବଢ଼ୁଛି। ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଦେଶର ଦୁଇ ମୁଖ୍ୟ ରାଜନୈତିକ ଦଳ ବିଜେପି ଓ କଂଗ୍ରେସ। ପରିସ୍ଥିତି ଦୃଷ୍ଟିରୁ ଆଞ୍ଚଳିକ ଦଳ ମାନଙ୍କ ସହ ହାତ ମିଳାଇବାକୁ ସେମାନେ ବାଧ୍ୟ ହେଉଛନ୍ତି। ଅନେକ ସମୟରେ ସେମାନେ ସହଯୋଗୀ ଆଞ୍ଚଳିକ ଦଳ ଆଗରେ ମୁଣ୍ଡ ନୁଆଁବାକୁ ବାଧ୍ୟ ହେଉଛନ୍ତି। ୮/୧୦ ଜଣ ସାଂସଦ ଥିବା ଦଳମାନେ ୨୦୦ରୁ ଅଧିକ ଆସନ ପାଇଥିବା ଜାତୀୟ ଦଳକୁ ନାଲି ଆଖି ଦେଖାଉଛନ୍ତି ଏବଂ ବ୍ଲାକ ମେଲ କରୁଛନ୍ତି। ଅନେକ ସମୟରେ ସେମାନଙ୍କ ଦାବି ଆଗରେ ସରକାର ମୁଣ୍ଡ ନୁଆଁଇବାକୁ କେନ୍ଦ୍ର ସରକାର ବାଧ୍ୟ ହେଉଛନ୍ତି। ନିକଟରେ କେନ୍ଦ୍ର କ୍ୟାବିନେଟ ବିହାର ଓ ଆନ୍ଧ୍ରପ୍ରଦେଶରେ ରେଳ ପ୍ରକଳ୍ପ ନିମନ୍ତେ ୭ ହଜାର କୋଟି ଟଙ୍କା ମଞ୍ଜୁର କରିଛି। କେବଳ ନୀତିଶ ଓ ନାଇଡୁଙ୍କୁ ଖୁସି କରିବା ପାଇଁ କେନ୍ଦ୍ର ସରକାର ଏହା କରିଛନ୍ତି। ଲୋକସଭାରେ ଦୁଇ ଦଳର ମୋଟ ସଂଖ୍ୟା ହେଲା ୨୮। ବିଜେପିର ସଭ୍ୟ ସଂଖ୍ୟା ହେଲା ୨୪୦। ଏହା ସତ୍ତ୍ୱେ ମାତ୍ର ୨୮ ସାଂସଦଙ୍କ ସମର୍ଥନ ପାଇଁ ମୋଦି ସରକାର ଦୁଇଟି ÷ଅଞ୍ଚଳିକ ଦଳର ଦାବିକୁ ଗ୍ରହଣ କରିଛନ୍ତି। ଏହା ରାଜନୈତିକ ବାଧ୍ୟବାଧକତା। ଏବେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ଉଭୟ କଂଗ୍ରେସ ଓ ବିଜେପି ନିଜ ସହଯୋଗୀ ଦଳମାନଙ୍କ ସହ ଆସନ ବୁଝାମଣାରେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। କେବଳ ମହାରାଷ୍ଟ୍ର ନୁହେଁ, ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଲାଗି ମଧ୍ୟ ସମାନ ସମସ୍ୟା ଉଭୟ ଜାତୀୟ ଦଳ ପାଇଁ ସୃଷ୍ଟି ହୋଇଛି। ଏହି ଦୁଇ ରାଜ୍ୟ ବିଧାନସଭା ନିର୍ବାଚନ ସହିତ ୨ ଟି ଲୋକସଭା ଏବଂ ବିଭିନ୍ନ ରାଜ୍ୟର ୪୮ଟି ବିଧାନସଭା ଆସନ ପାଇଁ ମଧ୍ୟ ଉପନିର୍ବାଚନ ଘୋଷଣା କରାଯାଇଛି। ୪୮ଟି ବିଧାନସଭା ଆସନ ମଧ୍ୟରେ ରହିଛି ୟୁପିର ୧୦ଟି ବିଧାନସଭା ଆସନ। ସେହିପରି କେରଳର ୱାୟନାଡ଼ ଲୋକସଭା ଆସନ ପାଇଁ ମଧ୍ୟ ଉପନିର୍ବାଚନ ଘୋଷଣା କରାଯାଇଛି। ଏହି ଆସନରୁ ଗତ ନିର୍ବାଚନରେ ବିଜୟ ହାସଲ କରିଥିବା ରାହୁଲ ଗାନ୍ଧି ଏଠାରୁ ଇସ୍ତଫା ଦେବା ପରେ ଏଥିଲାଗି ଉପନିର୍ବାଚନର ଆବଶ୍ୟକତା ପଡ଼ିଲା। ଏଠାରେ କଂଗ୍ରେସ ପକ୍ଷରୁ ରାହୁଲଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧି ଭଦ୍ରା ପ୍ରାର୍ଥୀ ହେବେ ବୋଲି ଦଳ ପକ୍ଷରୁ ଘୋଷଣା କରାଯାଇଛି। ପୂର୍ବରୁ ଏ ସମ୍ପର୍କରେ ସଙ୍କେତ ମଧ୍ୟ ମିଳିଥିଲା। ୱାୟନାଡ଼ କଂଗ୍ରେସ ପାଇଁ ଏକ ସୁରକ୍ଷିତ ଆସନ। ଏଠାରେ କଂଗ୍ରେସର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ହେଲା ସିପିଏମ। ୨୦୧୯ରେ ଏଥିପାଇଁ ରାହୁଲ ଆମେଥି ସହ ୱାୟନାଡ଼ରୁ ମଧ୍ୟ ପ୍ରାର୍ଥୀ ହୋଇଥିଲେ। ଆମେଥିରୁ ସେ ପରାଜିତ ହୋଇଥିଲେ। ୱାୟନାଡ଼ ଆସନ ବଜାୟ ରଖିଥିଲେ। ୨୦୨୪ରେ ମଧ୍ୟ ସେ ଉଭୟ ରାୟବରେଲୀ ଏବଂ ୱାୟନାଡ଼ ଆସନରୁ ପ୍ରାର୍ଥୀ ହୋଇ ଉଭୟ ଆସନରୁ ବିଜୟୀ ହୋଇଥିଲେ। ଏଥର ସେ ଉତ୍ତରପ୍ରଦେଶର ରାୟବରେଲି ଆସନକୁ ରଖି ୱାୟନାଡ଼ରୁ ଇସ୍ତଫା ଦେଲେ। ପ୍ରିୟଙ୍କା ଏଥର ପ୍ରଥମ ଥର ଲାଗି ନିର୍ବାଚନ ରାଜନୀତିକୁ ଓହ୍ଲାଇଛନ୍ତି। ଏବେ କଂଗ୍ରେସରେ ଆଉ ଜଣେ ଗାନ୍ଧି ଆଗକୁ ଆସିଛନ୍ତି। ସମ୍ଭବତଃ ସେ ଭବିଷ୍ୟତରେ କଂଗ୍ରେସର ନେତୃତ୍ୱ ନେବେ ଏବଂ ରାହୁଲଙ୍କ ପରିବର୍ତ୍ତେ ସେ କଂଗ୍ରେସର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ। ଜାତୀୟ ରାଜନୀତିରେ ଏହା ଏକ ବଡ଼ ଘଟଣା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ। ଝାଡ଼ଖଣ୍ଡରେ ଏବେ ଜେଏମଏମ-କଂଗ୍ରେସ-ଆରଜେଡି ମେଣ୍ଟ ସରକାର ଚାଲିଛି। ଜେଏମଏମ ନେତା ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ପଦରେ ଅଛନ୍ତି। ବିଜେପି ମୁଖ୍ୟ ବିରୋଧୀ ଦଳ। ୨୦୧୯ରେ ବିଜେପିକୁ ପରାଜିତ କରି ଜେଏମଏମ କ୍ଷମତା ହାସଲ କରିଥିଲା। କିନ୍ତୁ ଗତ ୫ ବର୍ଷ ଭିତରେ ରାଜ୍ୟ ସରକାରଙ୍କ ବିରୋଧରେ ବହୁ ଦୁର୍ନୀତି ଅଭିଯୋଗ ଆସିଛି। ନିଜେ ହେମନ୍ତ ସୋରେନ ଜମି ଦୁର୍ନୀତି ଅଭିଯୋଗରେ ଗିରଫ ହୋଇ ଜେଲ ଯାଇ ଏବେ ବେଲରେ ଆସିଛନ୍ତି। ତେଣୁ ଏଥର ଜନମତ ଶାସକ ଦଳ ବିରୋଧରେ ଯାଇପାରେ। ଝାଡ଼ଖଣ୍ଡରେ ବିଜେପି ପାଇଁ ୫ ବର୍ଷ ବ୍ୟବଧାନରେ କ୍ଷମତାକୁ ଫେରିବା ସୁଯୋଗ ରହିଛି। ଅନ୍ୟ ପକ୍ଷରେ ମହାରାଷ୍ଟ୍ରରେ ବିଜେପି-ଶିବସେନା (ସିନ୍ଦେ ଗୋଷ୍ଠୀ) ଓ ଏନସିପି ( ଅଜିତ ପାୱାର ଗୋଷ୍ଠୀ) ମେଣ୍ଟ କ୍ଷମତାରେ ରହିଛି। ୨୦୧୯ରେ ବିଜେପି-ଶିବସେନା ମେଣ୍ଟ ମହାରାଷ୍ଟ୍ରରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଟଣାଓଟରା ପରେ ଶିବସେନା ସୁବିଧାବାଦୀ ରାଜନୀତି କରିଥିଲା ଏବଂ ବିଜେପିର ହାତ ଛାଡ଼ି କଂଗ୍ରେସ ଓ ଏନସିପି ସମର୍ଥନରେ ସରକାର ଗଠନ କରିଥିଲା। ଉଦ୍ଧବ ଠାକରେ ହୋଇଥିଲେ ମୁଖ୍ୟମନ୍ତ୍ରୀ। ଏହା ଥିଲା ଜନମତକୁ ଅବଜ୍ଞା। ପରେ ଅବଶ୍ୟ ଏହି ସରକାର ଭାଙ୍ଗିଗଲା ଏବଂ ଏନସିପି ଓ ଶିବସେନାରେ ବିଭାଜନ ଘଟିଲା। ଦୁଇ ଦଳର ବିଭାଜିତ ଗୋଷ୍ଠୀ ଏନଡିଏରେ ସାମିଲ ହୋଇ ରାଜ୍ୟରେ କ୍ଷମତାର ଅଂଶୀଦାର ହୋଇଛନ୍ତି। ଗତ ବିଧାନସଭା ନିର୍ବାଚନରେ ବିଜେପି ୧୦୦ରୁ ଅଧିକ ଆସନ ପାଇ ବୃହତ୍ତମ ଦଳ ଭାବେ ଉଭା ହୋଇଥିଲା। କିନ୍ତୁ ବିଜେପି ମୁଖ୍ୟମନ୍ତ୍ରୀ ପଦ ହାସଲ କରିପାରିଲା ନାହିଁ। ଏବେ ପୁଣି ବିଜେପି ପାଇଁ ସୁଯୋଗ ସୃଷ୍ଟି ହୋଇଛି। କିନ୍ତୁ ଏଥର ପରିସ୍ଥିତି କଠିନ। ଗତ ଲୋକସଭା ନିର୍ବାଚନରେ ମହାରାଷ୍ଟ୍ରରେ ଏନଡିଏର ପ୍ରଦର୍ଶନ ଖରାପ ଥିଲା। ଶରଦ ପାୱାରଙ୍କ ସଫଳ ନେତୃତ୍ୱରେ ଇଣ୍ଡି ମେଣ୍ଟ ବଡ଼ ସଫଳତା ପାଇଥିଲା। ମହାରାଷ୍ଟ୍ରରେ ବିଫଳତା ଯୋଗୁଁ ବିଜେପିର ଆସନ ସଂଖ୍ୟା ୨୪୦ରେ ସୀମିତ ରହିଲା। ୟୁପି ଓ ମହାରାଷ୍ଟ୍ରରେ ବିଜେପିର ବିଫଳତା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଅବଶ୍ୟ ଲୋକସଭା ଓ ବିଧାନସଭା ନିର୍ବାଚନରେ ଅନେକ ତଫାତ ରହିଛି। ଏଥର ବିଧାନସଭା ନିର୍ବାଚନ ଭିନ୍ନ ପ୍ରସଙ୍ଗ ଆଧାରିତ ହେବ। ବିଜେପି ସପକ୍ଷରେ ରାଜ୍ୟରେ ଜନମତ ରହିଛି। କିନ୍ତୁ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ଓ ଅଜିତ ପାୱାରଙ୍କ ଏନସିପି ଭଲ ସ୍ଥିତିରେ ନାହାଁନ୍ତି। ଆସନ ବୁଝାମଣା ନେଇ ତିନି ଦଳ ମଧ୍ୟରେ ବିବାଦ ରହିଛି। ଅଜିତ ପାୱାରଙ୍କ ଉପରେ ଭରସା ନାହିଁ। ସେ ଜଣେ ସୁବିଧାବାଦୀ ନେତା। କ୍ଷମତା ପାଇଁ ସେ କେତେବେଳେ ପକ୍ଷ ପରିବର୍ତ୍ତନ କରିବେ ସେଥିରେ ଠିକଣା ନାହିଁ। ତେଣୁ ବିଜେପି ଏଥର ସତର୍କତାର ସହ ଗୋଟିଚାଳନା କରିବ। ଅଜିତ ପାୱାରଙ୍କୁ ବାଦ ଦେଇ କିପରି ସରକାର ଗଠନ କରାଯାଇପାରିବ ସେଥିଲାଗି ବିଜେପି ପ୍ରୟାସ କରିବ। ବିଜେପି ଯଦି ୧୨୦ ଆସନ ପାଇପାରିବ ତେବେ କ୍ଷମତା ଦଖଲ ସହଜ ହେବ। ନଚେତ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଦଳକୁ ବିରୋଧୀ ଆସନରେ ବସିବାକୁ ପଡ଼ିବ। ତେବେ ମହାରାଷ୍ଟ୍ର ଭଳି ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ରାଜ୍ୟରେ ବିଜେପି ଜିତିବା ଲାଗି ସବୁ ପ୍ରକାର ଉଦ୍ୟମ କରିବ। ବିଜେପି ଭାବୁଛି ଯେ ହରିୟାନା ନିର୍ବାଚନର ପୁନରାବୃତ୍ତି ମହାରାଷ୍ଟ୍ରରେ ହେବ। କିନ୍ତୁ ହରିୟାନା ଓ ମହାରାଷ୍ଟ୍ର ମଧ୍ୟରେ ଅନେକ ଫରକ ରହିଛି। ମହାରାଟ୍ରେରେ ସମସ୍ୟାର କାରଣ ହେଲା ଶିବସେନା ଓ ଏନସିପିରେ ବିଭାଜନ। ଦୁଇ ଦଳର ଦୁଇଟି ବିଭାଜିତ ଗୋଷ୍ଠୀ ପରସ୍ପର ବିରୋଧୀ ଶିବୀରରେ ଅଛନ୍ତି। ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଶିବସେନା ଏନଡିଏରେ ଏବଂ ଉଦ୍ଧବ ଠାକରେଙ୍କ ଗୋଷ୍ଠୀ କଂଗ୍ରେସ ସହ ରହିଛି। ସେହିପରି ଶରଦ ପାୱାର କଂଗ୍ରେସ ସହ ପୂର୍ବପରି ରହିଥିବା ବେଳେ ଅଜିତ ପାୱାରଙ୍କ ନେତୃତ୍ୱରେ ଏନସିପିର ଭିନ୍ନ ଗୋଷ୍ଠୀ ବିଜେପି ସହ ରହିଛି। ଏନସିପି ଓ ଶିବସେନାରେ ବିଭାଜନ ରାଜ୍ୟ ରାଜନୀତିକୁ ଅଧିକ ଗୋଳିଆ କରିଛି। ଆସନ୍ତା ବିଧାନସଭା ନିର୍ବାଚନ ପରେ ମହାରାଷ୍ଟ୍ର ରାଜନୀତିରେ ଆହୁରି ଭଙ୍ଗାଗଢ଼ା ଚାଲିବ ବୋଲି ଆଶା କରାଯାଉଛି।

## ସମ୍ପାଦକଙ୍କୁ ପତ୍ର

### ରାସ୍ତା ଖୋଳିବା ଅପରାଧ

*ମହାଶୟ,*

ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏବଂ ନିମ୍ନମାନର କାମ ହେତୁ ଅନେକ ସମୟରେ ସହର ଭିତରେ ବା ଅନ୍ୟ ସହର ସହିତ ସଂଯୋଗକାରୀ ରାସ୍ତା ଯାତାୟତ ନିମନ୍ତେ ଅନୁପଯୁକ୍ତ ହୋଇପଡୁଛି। ତେବେ ଏହାର ଆଉ ଏକ ମୁଖ୍ୟ କାରଣ ହେଲା ଅନେକ ସମୟରେ ବିନା ବିଚାରରେ କିଛି ବ୍ୟକ୍ତି ବା ସରକାରୀ ସଂସ୍ଥା ରାସ୍ତାକୁ ଖୋଳି ପକାଉଛନ୍ତି। ରାସ୍ତା ମରାମତିର ୭ ଦିନରେ ଏହାକୁ ଖୋଳାଯିବା ନଜିର ରହିଛି। ଏବେ ପୂଜାରେ ଅନେକ ରାସ୍ତାକୁ ଖୋଳି ତୋରଣ ନିର୍ମାଣ କରାଯାଇଥିଲା। କିନ୍ତୁ ପୂଜା ପରେ ଏହାର ମରାମତି କରାଯାଉନି। କୌଣସି କାରଣରୁ ରାତି ଅଧିରେ ମୁଖ୍ୟ ରାସ୍ତାର ଏମୁଣ୍ଡରୁ ସେ ମୁଣ୍ଡକୁ ଖୋଳି ଦିଆଯାଉଛି। ଏହା ଏକ ଗର୍ହିତ ଅପରାଧ। ଯେଉଁମାନେ ଏପରି କାର୍ଯ୍ୟରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯାଉ।

ସନ୍ଦିପ ମହାପାତ୍ର, ରଥରୋଡ, ପୁରୁଣା ଭୁବନେଶ୍ୱର

# ଅପମିଶ୍ରଣକାରୀଙ୍କୁ ମୃତ୍ୟୁଦଣ୍ଡ ମିଳୁ



**ଆଶୁତୋଷ ନାୟକ**

ଏ ବିଶ୍ୱବ୍ରହ୍ମାଣ୍ଡର ସ୍ୱାମୀ ଈଶ୍ୱରଙ୍କ ସବୁଠାରୁ ଶ୍ରେଷ୍ଠ ସଂରଚନା ହେଉଛି ମନୁଷ୍ୟ। ଲକ୍ଷ ଲକ୍ଷ ଜୀବଜନ୍ତୁଙ୍କ ମଧ୍ୟରେ ଶ୍ରେଷ୍ଠଜୀବ ମନୁଷ୍ୟ।ନିଜର ବୃଦ୍ଧି ଓ ବିବେକ ପାଇଁ ଶ୍ରେଷ୍ଠତ୍ୱର ଆସନ ଅଳକୃତ କରିଛି ମନୁଷ୍ୟ।ଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି କି କେତେ ଜନ୍ମର ତପସ୍ୟା ଓ ପୁଣ୍ୟ ବଳରେ ଏହି ମନୁଷ୍ୟ ଜନ୍ମ ପ୍ରାପ୍ତି ହୁଏ। ଏହି ମନୁଷ୍ୟ ଜୀବନ ଅତ୍ୟନ୍ତ ଦୂଲଭ।ସେଥିପାଇଁ ମନୁଷ୍ୟ ମଧ୍ୟରେ ସ୍ନେହ, ପ୍ରେମ, ଦୟା, ମାନବିକତା, ପରୋଉପକାରିତା ଭଳି ସୁଗୁଣ ରହିବା ଅତ୍ୟନ୍ତ ଆବଶ୍ୟକ ତାହେଲେ ଯାଇ ଏ ମନୁଷ୍ୟ ଜୀବନ ସାର୍ଥକ ହେବ।

କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ବିଶ୍ୱର ଶ୍ରେଷ୍ଠ ଜୀବ ବୋଲି ଡିଣ୍ଡିମ ପିଟୁଥିବା ମନୁଷ୍ୟ ଅନେକ କ୍ଷେତ୍ରରେ ମାନବିକତା ଶୂନ୍ୟ ଏବଂ ସମ୍ବେଦନହୀନତାର ପରିଚୟ ଦେଇ ସମଗ୍ର ମାନବ ଜାତିକୁ କଳଙ୍କିତ କରିଛି।ଏପରି ଅନେକ ଦୃଷ୍ଟାନ୍ତ ରହିଛି।ଏକବିଂଶ ଶତାବ୍ଦୀର ଅର୍ଥସର୍ବସ୍ୱ ସ୍ୱାର୍ଥପର ମନୁଷ୍ୟ ପାଇଁ ଅର୍ଥ ସବୁକିଛି ହୋଇପଡିଛି ତା ପାଖରେ ଦୟା, ମାନବିକତା, ପ୍ରେମ, ସ୍ନେହ, ମମତା, ଆବିଳତା ଯେପରି ମୂଲ୍ୟହୀନ ହୋଇପଡିଛି।ସାମାନ୍ୟ ଅର୍ଥ ଲାଳସାରେ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ଲୋଭରେ ଆମ ସମାଜରେ ଅନେକ ବ୍ୟକ୍ତି ଖାଦ୍ୟଦ୍ରବ୍ୟ ଠାରୁ ଆରମ୍ଭ କରି ଜୀବନ ରକ୍ଷାକାରୀ ମେଡ଼ିସିନ ପ୍ରଯ୍ୟନ୍ତ ବ୍ୟାପକ ଅପମିଶ୍ରଣ କରି ଅନେକ ନିରୀହ ବ୍ୟକ୍ତିଙ୍କ ଜୀବନକୁ ବିପଦରେ ପକାଉଛନ୍ତି।

ବିଗତ କିଛି ବର୍ଷ ମଧ୍ୟରେ ବିଶ୍ୱର ଜନସଂଖ୍ୟା ଯେପରି କ୍ଷିପ୍ର ବେଗରେ ବଢ଼ିଚାଲିଛି ତାର କଳ୍ପନା କରିବା ଅସମ୍ଭବ।ଆମ ରାଷ୍ଟ୍ର ଭାରତ ଆଉ ଅଳ୍ପ କିଛି ଦିନ ମଧ୍ୟରେ ବିଶ୍ୱର ସର୍ବବୃହତ୍ତ ଜନସଂଖ୍ୟା ଥିବା ରାଷ୍ଟ୍ର ଚୀନକୁ ମଧ୍ୟ ପଛରେ ପକାଇ ଦେବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ। ଜନସଂଖ୍ୟାର ଅହେତୁକ ବୃଦ୍ଧି ଆମ ରାଷ୍ଟ୍ର ଭାରତ ପାଇଁ ଏବେ ମୁଣ୍ଡ ବ୍ୟଥାର କାରଣ ସାଜିଛି। ୧୪୦କୋଟି ଜନସଂଖ୍ୟା ବିଶିଷ୍ଟ ଆମ ରାଷ୍ଟ୍ର ଭାରତର ଖାଦ୍ୟ ଚାହିଦା ପୂରଣ କରିବା ପାଇଁ ଅସାଧୁ ବ୍ୟବସାୟୀ, ଅସାମାଜିକ ତତ୍ତ୍ୱ,କିଛି କଳକାରଖାନାର ମାଲିକଙ୍କ ପ୍ରତେକ୍ଷ୍ୟ ଏବଂ ପରୋକ୍ଷ ପ୍ରରୋଚନାରେ ବିଭିନ୍ନ ଅପମିଶ୍ରିତ ଖାଦ୍ୟର ବିକ୍ରୟ କରାଯାଉଛି।ପ୍ରଚୁର ଅର୍ଥ ଉପାର୍ଜନ ଲାଳସାରେ ଅସାଧୁ ବ୍ୟବସାୟୀ ଖାଦ୍ୟଦ୍ରବ୍ୟ, ପନିପରିବାରେ ଅପମିଶ୍ରଣ କରୁଛନ୍ତି, ଏହା ଛଡା ବିଭିନ୍ନ ରାସାୟନିକ ପଦାର୍ଥର ଉପଯୋଗ ବିଭିନ୍ନ ମସଲା ଜାତ ଦ୍ରବ୍ୟ, ପନିପରିବା, ଶସ୍ୟଜାତୀୟ ଦ୍ରବ୍ୟରେ ବହୁଳ ମାତ୍ରାରେ କରାଯାଉଛି। ଅନେକ ସମୟରେ ଏହା ଦୃଷ୍ଟିଗୋଚର ହୁଏ କି ମାଛକୁ ଅଧିକ ଦିନ ସତେଜ ରଖିବା ପାଇଁ ଏଥିରେ ହାନିକାରକ ଫର୍ମାଲ ଡିହାଇଡ଼ ମିଶାଯାଏ। ସାଧାରଣତଃ ମୃତ୍ୟୁ ପରେ ମନୁଷ୍ୟର ଶବକୁ ଅଧିକ ଦିନ ସୁରକ୍ଷିତ ରଖିବା ପାଇଁ ଫର୍ମାଲ ଡିହାଇଡ଼ ବ୍ୟବହାର କରାଯାଏ। ଫର୍ମାଲ ଡିହାଇଡ଼ ମିଶାଯାଉଥିବା ମାଛର ଗାଲି ଅତ୍ୟଧିକ ଲାଲ ଓ ଆଖି ଅଧିକ ସଫା ଦେଖାଯାଏ। କେମିକାଲ ମିଶା ମାଛକୁ ଚୋବାଇବା ସମୟରେ ଏହା ରବର ଭଳି ଲାଗିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଫର୍ମାଲ ଡିହାଇଡ଼ ବ୍ୟବହାର ଦ୍ୱାରା ଅନେକ ସ୍ୱାସ୍ଥ୍ୟସମସ୍ୟା ଦେଖାଯାଇଥାଏ।

ଏବେ ନିକଟରେ ଅନେକ ଘଟଣା ସାମନାକୁ ଆସିଛି ଯେପରିକି ମାଛରେ ଫର୍ମାଲିନ ପ୍ରଲେପ, ଚିକେନରେ ଆଣ୍ଟିବାୟୋଟିକ ଓ ହରମୋନ ଇଞ୍ଜେକ୍ସନ ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହିଭଳି ଅପମିଶ୍ରିତ ଖାଦ୍ୟର ସେବନ ଦ୍ୱାରା ଆଖି, ନାକ, ଏବଂ ଗଳାରେ ଗମ୍ଭୀର ସମସ୍ୟା ଦେଖାଯାଏ। ଏବେ ବଜାରରେ ମିଳୁଥିବା ଆମ୍ବ, ପଣସ, କଦଳୀ କୁ ପଚାଇବା ପାଇଁ ବହୁଳ ମାତ୍ରାରେ କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର କରାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର ଦ୍ୱାରା କ୍ୟାନସର ହେବାର ସମ୍ଭାବନା ଅଧିକ ଥାଏ। କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର ଉପରେ ନିଷେଧାଦେଶ ଥିବା ସତ୍ତ୍ୱେ ଅସାଧୁ ବ୍ୟବସାୟୀ ମାନେ ସରକାରଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଖୋଲାଖୋଲି ଏହି ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହାର କରୁଛନ୍ତି।ଏହିଭଳି ଅସାମାଜିକ ତତ୍ତ୍ୱ ସାଧାରଣ ଲୋକଙ୍କ ଜୀବନ ସହ ସାଙ୍ଘାତିକ ଖେଳ ଖେଳୁଛନ୍ତି।ଅନେକ ସମୟରେ ଲୋକମାନେ ଅଭିଯୋଗ କରିଥାନ୍ତି କି ଅସାଧୁ ବ୍ୟବସାୟୀ ଓ ଖାଦ୍ୟସୁରକ୍ଷା ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏହା ସଂଘଟିତ ହୋଇଥାଏ। ସାଧାରଣ ଲୋକଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ନେତା, ମନ୍ତ୍ରୀ, ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ଏବଂ ସଦାସର୍ବଦା କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥାନ୍ତି।

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ମନୁଷ୍ୟ ଅଧିକ ଟଙ୍କା ଲାଭ କରିବା ଆଶାରେ ଆମେ ଖାଉଥିବା ଖାଦ୍ୟପଦାର୍ଥ ଯେପରିକି ହଳଦୀ, ବିଭିନ୍ନ ମସଲା, ରସୁଣ, ପିଆଜ, ଅଦା ପନିପରିବା ଠାରୁ ଆରମ୍ଭ କରି ଅଣ୍ଡା, ମାଛ, ମାଂସ ପରି ଅଧିକାଂଶ ଖାଦ୍ୟସାମଗ୍ରୀରେ ଅପମିଶ୍ରଣ କରାଯାଉଛି।ବିଭିନ୍ନ କେମିକାଲ, ହରମୋନ ଇଞ୍ଜେକ୍ସନ, ବିଭିନ୍ନ ସିଂଥଂଟିକ ପଦାର୍ଥ ବହୁଳ ମାତ୍ରାରେ ବ୍ୟବହୃତ ହେଉଛି। ଏପରିକି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରିକି ଲସି, ଦହି, ଦୁଗ୍ଧର ଉତ୍ପାଦ ପନିର ପରି ସାମଗ୍ରୀରେ ମଧ୍ୟ ବ୍ୟାପକ ଅପମିଶ୍ରଣ କରାଯାଉଛି।

ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଏବେ ନିକଟରେ କଟକ ଜଗତପୁର ମହାନଦୀ ପଠା ଜଙ୍ଗଲରୁ ଏକ ଅପମିଶ୍ରିତ କ୍ଷୀର କାରଖାନା ଠାବ କରାଯାଇଛି।ରୋହିଣୀ ମିଲ୍କ ନାମକ ଏହି କାରଖାନାରେ ଗୋମାତାର କ୍ଷୀର ବଦଳରେ ବିଭିନ୍ନ ପାଉଡର ଓ କେମିକାଲରେ ଦୁଗ୍ଧ, ଦହି, ଲସି ପ୍ରସ୍ତୁତ କରାଯାଇ ବଜାରକୁ ବିକ୍ରୟ ପାଇଁ ଯାଉଥିଲା।ଦୀର୍ଘ ଛଅ ମାସ ଧରି ଏହି ଖାଦ୍ୟ ଅପମିଶ୍ରଣକାରୀ ମାଫିଆ ମାନେ ସରକାର ଓ ପ୍ରଶାସନର ଆଖିରେ ଆଙ୍ଗୁଠି ଗେଞ୍ଜି ଏତାଦୃଶ କୁକର୍ମ ନିର୍ଭୟରେ କରିଆସୁଥିଲେ। ଯାଞ୍ଚ ସମୟରେ



କମ୍ପାନୀର ଦୁଗ୍ଧ ଏବଂ ଦୁଗ୍ଧ ଜାତୀୟ ଖାଦ୍ୟଦ୍ରବ୍ୟର ପ୍ରସ୍ତୁତି ପ୍ରଣାଳି ଦେଖି ଚଢ଼ଉକାରୀ ଦଳ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।ଗୋମାତା କିମ୍ବା ମଇଁଷି କ୍ଷୀର ବଦଳରେ ନକଲି କ୍ଷୀର ପାଉଡରରେ ଲୁଣ, କଷ୍ଟିକ ସୋଡ଼ା, ସୋଡିୟମ ହାଇଡ୍ରୋକ୍ସସାଇଡ ଓ ଦୂଷିତ ଜଳ ମିଶ୍ରଣ କରି କ୍ଷୀର ପ୍ରସ୍ତୁତ କରାଯାଉଥିଲା।ଏହାପରେ କୌଣସି ପରୀକ୍ଷା କରାନଯାଇ ଏହାକୁ ବଜାରରେ ବିକ୍ରୟ କରାଯାଉଥିଲା।ଜଙ୍ଗଲ ଭିତରେ ପ୍ରସ୍ତୁତ ହେଉଥିବା ଏହି ଅପମିଶ୍ରିତ ଖାଦ୍ୟଦ୍ରବ୍ୟକୁ କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର ପରି ସ୍ଥାନରେ ବହୁଳ ମାତ୍ରାରେ ବିକ୍ରୟ କରାଯାଉଥିଲା।

ସମାନ ଶୈଳୀରେ ଦହି ଓ ଲସି ପ୍ରସ୍ତୁତ କରାଯାଇ ଏହାକୁ ବଜାରରେ ବିକ୍ରୀ କରାଯାଉଥିଲା।ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହିପରି ଅପମିଶ୍ରିତ ଖାଦ୍ୟ ସେବନ କରିବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ କ୍ଷତିକାରକ। ଅପମିଶ୍ରିତ ଦୁଗ୍ଧର ସେବନ ଦ୍ୱାରା ହେପାଟାଇଟିସ, ଜଣ୍ଡିସ, ଡାଇବେଟିସ ଓ କ୍ରନିକ ଡିସେଣ୍ଟ୍ରି ପରି ରୋଗ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ।ବିଶେଷକରି ଶିଶୁ, ମହିଳା, ରୋଗୀ ଓ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପ୍ରତି ଏହା ଜଟିଳ ସମସ୍ୟା ସୃଷ୍ଟି କରେ। ନିୟମିତ ବ୍ୟବଧାନରେ ଓଡ଼ିଶାର କଟକ, ଭୁବନେଶ୍ୱର ପରି ଅନେକ ଛୋଟ ବଡ଼ ସହର ଏବଂ ଗ୍ରାମାଞ୍ଚଳରେ ନକଲି କମ୍ପାନୀ ଏବଂ ଗୋଦାମ ଠାବ ହେଉଛି ଯେଉଁଠାରେ ବିପୁଳ ପରିମାଣରେ ଖାଦ୍ୟ ଅପମିଶ୍ରଣ କରାଯାଉଛି।ଅପମିଶ୍ରଣକାରୀ ଖାଦ୍ୟ ମାଫିଆ ମାନେ ନିର୍ଭୟରେ ଖୋଲାଖୋଲି ସରକାର ଓ ପ୍ରଶାସନର ଆଖିରେ ଆଙ୍ଗୁଠି ଗେଞ୍ଜି ଏତାଦୃଶ କୁକର୍ମ କରୁଛନ୍ତି।

ଉଭୟ ସରକାର ଓ ବିରୋଧୀ ଦଳ ଭୋଟବ୍ୟାଙ୍କ ରାଜନୀତିରେ ମାତିଥିବା ବେଳେ ଏହିପରି ଗମ୍ଭୀର ସମସ୍ୟା ପ୍ରତି ଯେପରିକି ଆଖି ବୁଜି ଦେଇଛନ୍ତି।ଏଥିପ୍ରତି କାହାରି ନିଘା ନାହିଁ।କାଦୁଅ ଫିଙ୍ଗା ରାଜନୀତିରେ ବ୍ୟସ୍ତ ରହୁଥିବା କ୍ଷମତାଲୋଭୀ ନେତାମାନଙ୍କ ପାଇଁ ଏହି ସମସ୍ୟା ଯେପରିକି ଅପ୍ରାସଙ୍ଗିକ ହୋଇଯାଇଛି।ପୂର୍ବରୁ କଟକ ଜଗତପୁର ଅଞ୍ଚଳରେ ନକଲି ସୋୟାବିନ ବଡ଼ି, ଜର୍ଦା, ଗୁଟୁଖା, ସିମେଣ୍ଟ କାରଖାନା ପରେ ଏବେ ନିକଟରେ ନକଲି ଚାହାପତି କାରଖାନା ଠାବ ହୋଇଛି। ଏବେ ନିକଟରେ ଓକିଲ ମୋତିଲାଲ ଯାଦବ ବଜାରରେ ବିକ୍ରି ହେଉଥିବା ଚାଇନା ରସୁଣକୁ ନେଇ ଜନସ୍ୱାର୍ଥ ମାମଲା ଆହ୍ଲାବାଦ ହାଇକୋର୍ଟ ରେ ଦାୟର କରିଛନ୍ତି। କୀଟନାଶକ ଏବଂ ରାସାୟନିକ ପଦାର୍ଥରେ ପ୍ରସ୍ତୁତ ହେଉଥିବା ଚାଇନା ରସୁଣକୁ ଆମ ଦେଶରେ ୨୦୧୪ରୁ ନିଷିଦ୍ଧ କରାଯାଇଛି। ଏହି ରସୁଣ ଖାଇଲେ କ୍ୟାନସର ପରି ଭୟଙ୍କର ରୋଗ ହେଉଥିବାରୁ ସରକାର ଏହାକୁ ବନ୍ଦ କରିଛନ୍ତି। କେନ୍ଦ୍ରର ମୋଦି ସରକାର ଓ ପ୍ରଶାସନର ଆଖିରେ ଧୂଳିଦେଇ ୧୦ବର୍ଷ ଧରି କ୍ୟାନସର ସୃଷ୍ଟିକାରୀ ମାରାତ୍ମକ ଚାଇନା ରସୁଣ ବଜାରରେ ବିକ୍ରି କରାଯାଉଛି।ନେତା, ମନ୍ତ୍ରୀ, ଅଫିସରଙ୍କ ଛତ୍ରଛାୟା ତଳେ ବିଷାକ୍ତ ଖାଦ୍ୟ ମାଫିଆ କୋଟି କୋଟି ଟଙ୍କା କମାଉଛନ୍ତି।

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଜୀବନ ରକ୍ଷାକାରୀ ମେଡ଼ିସିନ ଯେପରିକି କ୍ୟାନସର, ଉଚ୍ଚ ରକ୍ତଚାପ, ଡାଇବେଟିସ, ହାର୍ଟଆଟାକ ପରି ମାରାତ୍ମକ ରୋଗ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନରେ ମଧ୍ୟ ଅପମିଶ୍ରଣ କରାଯାଉଛି। ଏବେ ନିକଟରେ ସିଏସଡିଏସଓ ଦ୍ୱାରା ପ୍ରକାଶ ପାଇଥିବା ତାଲିକାରେ ୫୩ଟି ମେଡ଼ିସିନ କ୍ୱାଲିଟି ଟେଷ୍ଟରେ ଫେଲ ମାରିଛି।୫ଟି ମେଡ଼ିସିନ ନକଲି ବୋଲି ରିପୋର୍ଟରେ କୁହାଯାଇଛି।କିଛି ଦିନ ପୂର୍ବରୁ ଅଗଷ୍ଟ ମାସରେ ୧୫୬ଫିକ୍ସଡ଼ ଡୋଜ ମିଶ୍ରିତ ମେଡ଼ିସିନ ଉପରେ ଲାଗୁହୋଇଛି ପ୍ରତିବନ୍ଧକ।ସବୁଠାରୁ ଆଶ୍ଚର୍ଯ୍ୟ ଏବଂ ଚିନ୍ତାଜନକ ବିଷୟ ଏହିକି ଘରେ ଘରେ ଜ୍ୱର ଓ ଥଣ୍ଡା ପାଇଁ ବ୍ୟବହୃତ ହେଉଥିବା ପାରାସିଟାମୋଲ ମେଡ଼ିସିନ ବି କ୍ୱାଲିଟି ଟେଷ୍ଟରେ ଫେଲ ମାରିଛି।

ଇୟୁ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତରେ ପ୍ରସ୍ତୁତ ହେଉଥିବା ଏହି ୪୦୦ଖାଦ୍ୟ ସାମଗ୍ରୀ ମଧ୍ୟରୁ ୧୪ଟିରେ ମର୍କ୍ୟୁରୀ ଓ କ୍ୟାଡ଼ମିୟମ୍ ଭଳି କ୍ଷତିକାରକ ଉପାଦାନ ରହିଛି ଯାହାକି ଆମ ଶରୀରର ଅଙ୍ଗକୁ କ୍ଷତି ପହଞ୍ଚିବା ସହ ନଷ୍ଟ କରିଦେବ। ସେହିପରି ୨୧ଟି ସାମଗ୍ରୀରେ କ୍ୟାଡ଼ମିୟମ୍ ଭଳି ଭାରୀ ଧାତୁ ରହିଛି। ଏହାକୁ ସେବନ କିମ୍ବା ଆଘ୍ରାଣ କରିବା ଫଳରେ ଅତି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଏହାର ଦୀର୍ଘକାଳୀନ ବ୍ୟବହାର କରିବା ଦ୍ୱାରା କିଡ଼ନୀ ନଷ୍ଟ ହେବା ସହିତ ଶରୀରର ଅସ୍ଥି କ୍ଷତିଗ୍ରସ୍ତ ହୋଇଥାଏ ଏବଂ ଶ୍ୱାସପ୍ରଶ୍ୱାସ ଓ ହୃଦରୋଗ ଭଳି ଗମ୍ଭୀର ସମସ୍ୟା ଦେଖାଦେବାର ଅଧିକ ସମ୍ଭାବନା ରହିଛି।ଅଧିକ ଦିନ ଧରି କାଡ଼ମିୟମ୍ ମିଶ୍ରିତ ଖାଦ୍ୟ ସାମଗ୍ରୀ ବ୍ୟବହାର କରିବା ଦ୍ୱାରା ଫୁସଫୁସ କ୍ୟାନସର ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ପ୍ରଚୁର ଅର୍ଥ କମାଇବା ଲାଳସାରେ ଅନେକ ଅସାଧୁ ବ୍ୟବସାୟୀ, କମ୍ପାନୀ ମାଲିକ ଖାଦ୍ୟଦ୍ରବ୍ୟକୁ ଅଧିକ ଦିନ ସୁରକ୍ଷିତ ରଖିବା ପାଇଁ ସେଥିରେ ଅନେକ ହାନିକାରକ ରାସାୟନିକ ପଦାର୍ଥର ବ୍ୟବହାର କରୁଛନ୍ତି ଯାହାକି ଅନେକ ନିରୀହ ଲୋକଙ୍କର ଅକାରଣେ ଜୀବନ ପ୍ରଦୀପ ଲିଭିଯାଉଛି। ତେଣୁ ସମୟ ଆସିଛି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କାଦୁଅଫିଙ୍ଗା ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ପରସ୍ପର ମିଳିତ ସହଯୋଗରେ ସାଧାରଣ ଲୋକଙ୍କ ଜୀବନ ସହ ସାଙ୍ଘାତିକ ଖେଳ ଖେଳୁଥିବା ଅସାମାଜିକ ତତ୍ତ୍ୱ ଯେଉଁମାନେ ଖାଦ୍ୟ ସାମଗ୍ରୀ, ପନିପରିବା, ମସଲା ଦ୍ରବ୍ୟ, ଫଳ, ଶସ୍ୟଜାତୀୟ ଦ୍ରବ୍ୟ ଆଦିରେ ଅପମିଶ୍ରଣ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ଯେପରିକି ଭବିଷ୍ୟତରେ ଆଉ ଏପରି ଘଟଣାର ପୁନରାବୃତ୍ତି ନଘଟୁ।


ଗୋପାଳପୁର, ବାଲେଶ୍ୱର
ମୋବାଇଲ୍: ୭୦୨୦୬୧୧୩୦୦


# ସାଂସ୍କୃତିକ ପ୍ରଦୂଷଣର ପର୍ବ ଦୀପାବଳୀ



**ଉମାଶଙ୍କର ପ୍ରସାଦ**

ଭାରତ ବର୍ଷ ତଥା ଆମ ରାଜ୍ୟ ଓଡ଼ିଶାରେ ଯେତେ ପର୍ବପର୍ବାଣି ଅଛି ତା ମଧ୍ୟରେ ଦୀପାବଳୀର ଏକ ମହନୀୟ ବିଶେଷତ୍ୱ ଅଛି। ଏହି ଦିନରେ ଚଉଦ ବର୍ଷର ବନବାସ ପରେ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ଅଯୋଧ୍ୟା ଆଗମନର ଖୁସୀରେ ଅଯୋଧ୍ୟାବାସୀ ଅତି ଆନନ୍ଦରେ ଦୀପଜାଳି ଅନ୍ଧକାର ରାତ୍ରିକୁ ଆଲୋକିତ କରି ତାଙ୍କର ଅତି ପ୍ରିୟ ରାମଚନ୍ଦ୍ରଙ୍କୁ ସ୍ୱାଗତ କରିଥିଲେ। ସମଗ୍ର ଅବଧ ଆଲୋକମାଳାରେ ସଜିତ ହେବାସହ ଲକ୍ଷ୍ମୀ ସ୍ୱରୁପା ସୀତାଙ୍କ ଆଗମନରେ ଅଯୋଧ୍ୟା ହସି ଉଠିଥିଲା। କିନ୍ତୁ ଆଜି ଏ ସାଂସ୍କୃତିକ ପର୍ବ ଦୀପାବଳୀ ପ୍ରଦୂଷଣ ପର୍ବରେ ପରିଣତ ହୋଇଛି। ପ୍ରାଚୀନ ସଂସ୍କୃତି ତାର ଗରିମାମୟ ଐତିହ୍ୟକୁ ଧାରଣ କରି ବିଶ୍ୱସନୀୟତା ପ୍ରକଟ କରୁଥିବା ବେଳେ ନୂତନ ସଂସ୍କୃତି ନିଜସ୍ୱ ରୂପାନ୍ତରିତ ମହିମାରେ ଭାସ୍ୱର ହୋଇ ଉଠୁଛି। ଏ ଅବସ୍ଥାରେ ମଣିଷ ଦିନକୁ ଦିନ ଅସଭ୍ୟ ହେବା ସହ ଅଖାଦ୍ୟ ଖାଇ, ଅଶ୍ରାବ୍ୟ ଶବ୍ଦ ଶୁଣି, ଦୃଷ୍ଟିକଟୁ ଜିନିଷ ଦେଖି ଦୂଷିତ ବାୟୁ, ଜଳ ଓ ମୃତ୍ତିକା ସହ ମିଶି ଏବଂ ବ୍ୟବହାର କରି ମଣିଷ ପଣିଆ ହରାଇ ବସିଛି। ମଣିଷ ଆଜି ଭୁଲି ଯାଇଛି ଯେ ସଭ୍ୟତା, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଗୁଡ଼ିକ ପରସ୍ପର ପରିପୂରକ। ଆମ ସଭ୍ୟତା ଏକ ଶକ୍ତ ବୃକ୍ଷ ହେଲେ ସଂସ୍କୃତି ଏହାର ମୂଳ ଓ ପରମ୍ପରା ହେଉଛି ଡାଳ। ଭାରତର ବୈଦିକ ସଂସ୍କୃତି ହଜାର ହଜାର ବର୍ଷ ତଳର ଯାହାର ନାଭି ହେଉଛି ଆଧ୍ୟାତ୍ମିକତା। ଆଜି ସେ ସଂସ୍କୃତି ନଷ୍ଟ ଭ୍ରଷ୍ଟ। ତେଣୁ ମଣିଷ ଛନ୍ଦି ହୋଇ ଯାଇଛି ଏକ ବିରାଟ ବିପଦର ବୁଢ଼ିଆଣୀ ଜାଲ ଭିତରକୁ।

ସାଂସ୍କୃତିକ ପରମ୍ପରାନୁଯାୟୀ ଦୀପାବଳି ଉତ୍ସବରେ ଦୀପଜାଳି ମନ ଖୁସି କରିବା ଏହି ପର୍ବର ମୁଖ୍ୟ ଆକର୍ଷଣ। ଆଜି କିନ୍ତୁ ଦୀପ ସ୍ଥାନରେ ବିଭିନ୍ନ ପ୍ରକାରର ଆଧୁନିକ ଲାଇଟ, ମହମବତୀ ତା ସହିତ ବିଭିନ୍ନ ପ୍ରକାରର ବାଣ ବା ଆତସବାଜୀ ର ବହୁଳ ବ୍ୟବହାର ହେଉଛି। ଆଖି ଜଳକା ବାଣର ଆଲୁଅ ସାଙ୍ଗକୁ ବିଭିନ୍ନ ଶବ୍ଦ କାନ ଓ ମନକୁ ଖରାପ କରିଥାଏ। ଦୀପାବଳୀ ପର ଦିନ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥାଏ ବିଭିନ୍ନଲୋକ ତଥା ଯୁବକ ମାନଙ୍କ ଆଘାତର କରୁଣ କଥା। ଏ ଯନ୍ତ୍ରଣାର ସମାଧାନ କିଏ କରିବ? ମୋଟା ମୋଟି ଭାବେ ଦେଖିବାକୁ ଗଲେ 'ଦୀପାବଳୀ' ର ଆଖି ଝଲସା ଆଲୋକ ମାଳା ସହ ଆତସବାଜିର ଶବ୍ଦ ଉଭୟେ ଆମ ପରିବେଶ ପାଇଁ କ୍ଷତିକାରକ। ସୂକ୍ଷ୍ମ ଭାବରେ କହିଲେ ଗୋଟିଏ ହେଲା 'ବାୟୁ ପ୍ରଦୂଷଣ' ଓ ଅନ୍ୟଟି ହେଲା 'ଶବ୍ଦ ପ୍ରଦୂଷଣ'। ଆଜି ଏ ରସାୟନିକ ଦ୍ରବ୍ୟରେ ପ୍ରସ୍ତୁତ ବାଣ ଗୁଡ଼ିକ ଫୁଟିବା ପରେ ତାର ରସାୟନିକ



ଦ୍ରବ୍ୟଗୁଡ଼ିକ ବାୟୁମଣ୍ଡଳରେ ମିଶିଯାଏ। ଆମେ ତାକୁ ପ୍ରଶ୍ୱାସରେ ଗ୍ରହଣ କରିବାକୁ ବାଧ୍ୟହେଉ, ଯାହା ଶରୀର ପାଇଁ କ୍ଷତିକାରକ। ଯଦି ଆମର ଅନ୍ତରାତ୍ମାକୁ ପ୍ରଶ୍ନ କରାଯାଏ ତେବେ ନିଶ୍ଚୟ ମନକୁ ଆସିବ ଆମେ ଆମ ବାୟୁ ମଣ୍ଡଳକୁ ଗୋଟିଏ ଦିନରେ କେତେ ଦୂଷିତ କରି ଦେଉଛେ? ଆଜିର ଦିପାବଳୀ ଏପରି ଏକ ଉତ୍ସବରେ ପରିଣତ ହୋଇଛି ଯେ ଏହି ଦିନ ବାୟୁ ପ୍ରଦୂଷଣ ସହ ଶବ୍ଦ ପ୍ରଦୂଷଣ ଏକାଠି ସୃଷ୍ଟି କରନ୍ତି ଏକ 'ଧୂମ-କୋଳାହଳ 'ମୟ ବାତାବରଣ। ଏ ଆନନ୍ଦର ପର୍ବକୁ ଆମେ କିପରି ନିରାନନ୍ଦରେ ପରିଣତ କରୁଛେ ତାହା ବିଚାର ଯୋଗ୍ୟ। ଆମର ବିଜ୍ଞାନ କହେ ଶବ୍ଦର ମାତ୍ରା ୮୦ ଡେସିବିଲ୍ ରୁ ଅଧିକ ହେଲେ ତାହା ମଣିଷ ପାଇଁ ହାନିକାରକ।

ଆମେ ସମସ୍ତେ ଭଲଭାବେ ଯାଣିଛୁ ଯେ ଯଦିଓ ବାଣଗୁଡ଼ିକ ଆମ ଶରୀର ଓ ମନ ପାଇଁ ଖରାପ, ତଥାପି ସେଗୁଡ଼ିକ ବ୍ୟବହାର କରିବା ପାଇଁ ଆମେ ତିଳେ ହେଲେ ପଶ୍ଚାତପଦ ହେଉନାହୁଁ। ଆମ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଯେତେ ସତର୍କତା ପଦକ୍ଷେପ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ଯେପର୍ଯ୍ୟନ୍ତ ସାଧାରଣ ଜନତା ସଚେତନ ନହେବେ ସେ ପର୍ଯ୍ୟନ୍ତ ଏ ବ୍ୟାଧିର ନିରାକରଣ ନାହିଁ। ସରକାରଙ୍କ ପର୍ଯ୍ୟାବରଣ ମନ୍ତ୍ରଣାଳୟ ବାଣ ପ୍ରସ୍ତୁତକାରୀ କମ୍ପାନୀମାନଙ୍କୁ ପ୍ରତ୍ୟେକ ବାଣର ଶବ୍ଦ ସୃଷ୍ଟିର ମାନ ଲେଖିବା ପାଇଁ ତା ସହିତ ବାଣ ଫୁଟାଇବାର ଏକ ସମୟ ନିର୍ଦ୍ଧାରଣ କରାଯାଇଛି। ଏହି ସମୟ ପରେ ଯିଏ ବାଣ ଫୁଟାଇବ ସେ ଦଣ୍ଡିତ ହେବେ! କିନ୍ତୁ ଆଶ୍ଚର୍ଯ୍ୟର କଥା ଆମ ଘଣ୍ଟାପିନ୍ଧା ବାବୁମାନେ ତାକୁ ବେଖାତିର କରିଛନ୍ତି। ଏହି ଦିନରେ ଆମ ପରିବେଶ କୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଅନେକ ସମୟରେ ଶିକ୍ଷକ ତଥା ପିଲାମାନଙ୍କୁ ନେଇ ସଚେତନାମୂଳକ ଯାତ୍ରା କରାଯାଉଛି। ସରକାର ଯାହାକଲେ ମଧ୍ୟ ଯେ ପର୍ଯ୍ୟନ୍ତ ଆମ ଜନସାଧାରଣ ସଚେତନ ନହେବେ ଏବଂ ସ୍ୱଇଛାରେ ନିଜର ବିବେକକୁ ପଚାରି କାର୍ଯ୍ୟ କରିବେ ସେତେବେଳେ ଆମ ସମାଜ ଏକ ସାଂସ୍କୃତିକ ପ୍ରଦୂଷଣ ମୁକ୍ତ ସମାଜ ହେବ।


ଖୋର୍ଦ୍ଧା
ମୋବାଇଲ୍: ୬୩୭୦୬ ୭୫୫୬୨

## କାନାଡା-ଭାରତ ବିବାଦ

# ଭାରତୀୟ କୂଟନୀତିଜ୍ଞମାନଙ୍କୁ ବହିଷ୍କାର ପାଇଁ ଆମେରିକା ବିଚାର କରୁଛି



**ୱାଶିଂଟନ, ୩୦।୧୦:** ଖଲିସ୍ତାନ ଆତଙ୍କବାଦୀ ହରଦୀପ ସିଂହ ନିଜାର ହତ୍ୟାକାଣ୍ଡକୁ ନେଇ ଭାରତ ଓ କାନାଡା ମଧ୍ୟରେ ବିବାଦ ଜାରି ରହିଛି। ଏସବୁ ଭିତରେ ଆମେରିକା ୱାଶିଂଟନରେ କାମ କରୁଥିବା ଭାରତୀୟ କୂଟନୀତିଜ୍ଞମାନଙ୍କୁ ବହିଷ୍କାର କରିବା ପାଇଁ ବିଚାର କରୁଥିବା ରିପୋର୍ଟ ପ୍ରକାଶ ପାଇଛି।

ଏହାକୁ ନେଇ ଚର୍ଚ୍ଚା ଲାଗିଥିବା ବେଳେ ଆମେରିକାର ସରକାର ବହିଷ୍କାର ସମ୍ପର୍କରେ ପ୍ରକାଶ ପାଇଥିବା ରିପୋର୍ଟକୁ ଖଣ୍ଡନ କରିଛନ୍ତି। ୱାଶିଂଟନ ପକ୍ଷରୁ ଭାରତୀୟ କୂଟନୀତିଜ୍ଞମାନଙ୍କୁ ବହିଷ୍କାର କରିବା ପାଇଁ କୌଣସି ପ୍ରକାରର ଚିନ୍ତା କରାଯାଉ ନଥିବା ସରକାରୀ ମୁଖପାତ୍ର କହିଛନ୍ତି।

ଆମେରିକା ସରକାରଙ୍କ ମୁଖପାତ୍ର ମାଥ୍ୟୁ ମିଲର କହିଛନ୍ତି, "ଭାରତୀୟ କୂଟନୀତିଜ୍ଞମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର କୌଣସି ଯୋଜନା ହୋଇନାହିଁ। ଏ ସମ୍ପର୍କରେ ପ୍ରକାଶ ପାଇଥିବା ରିପୋର୍ଟ ବିଷୟରେ ଆମେ ଜାଣିନାହିଁ। ବହିଷ୍କାର କରାଯିବା ରିପୋର୍ଟରେ କୌଣସି ସତ୍ୟତା ନାହିଁ" ନିଜାର ହତ୍ୟା ମାମଲାରେ ଭାରତୀୟ କୂଟନୀତିଜ୍ଞମାନଙ୍କ ସମ୍ପର୍କ ରହିଥିବା କାନାଡା ଗତମାସରେ ଅଭିଯୋଗ କରିଥିଲା। ଏପରି କି ଅଧିକାରୀମାନଙ୍କୁ କାନାଡା ପକ୍ଷରୁ ତଦନ୍ତ ପରିସର ଭୁକ୍ତ କରାଯାଇଥିଲେ। କାନାଡାର ଏପରି ଆଭିମୁଖ୍ୟକୁ ଭାରତ କଡ଼ା ବିରୋଧ କରିଥିବା କାନାଡାରେ କାର୍ଯ୍ୟରତ ୬ ଜଣ କୂଟନୀତିଜ୍ଞଙ୍କୁ ନୂଆଦିଲ୍ଲୀ ଫେରାଇ ଆଣିଥିଲା।

ସେହିପରି ନୂଆଦିଲ୍ଲୀରେ କାର୍ଯ୍ୟ କରୁଥିବା କାନାଡାର ୬ ଜଣ କାନାଡା କୂଟନୀତିଜ୍ଞଙ୍କୁ ମଧ୍ୟ ଭାରତ ବହିଷ୍କାର କରିଥିଲେ। ଏହାକୁ ନେଇ ଓଟ୍ଟାୱା ଓ ନୂଆଦିଲ୍ଲୀ ମଧ୍ୟରେ ବିବାଦ ଚରମସୀମାରେ ପହଞ୍ଚିଛି। ଏସବୁ ଭିତିରେ ଆମେରିକା ପଡ଼ୋଶୀ କାନାଡାକୁ ସମର୍ଥନ କରି ୱାଶିଂଟନରେ କାର୍ଯ୍ୟ କରୁଥିବା ଭାରତୀୟ କୂଟନୀତିଜ୍ଞମାନଙ୍କୁ ବହିଷ୍କାର କରିବାକୁ ଚିନ୍ତା କରୁଥିବା ଖବର ପ୍ରକାଶ ପାଇଥିଲା। ହେଲେ ଏଥିରେ ସତ୍ୟତା ନଥିବା ଆମେରିକା ସ୍ପଷ୍ଟ କରିଛି।



# କମଳା ଓ ଟ୍ରମ୍ପ୍‌ଙ୍କ ଜୋରଦାର ପ୍ରଚାର

**ୱାସିଂଟନ, ୩୦।୧୦:** ଆମେରିକା ରାଷ୍ଟ୍ରପତି ନିର୍ବାଚନକୁ ମାତ୍ର ୭ଦି ଦିନ ବାକି। ହ୍ୱାଇଟ୍ ହାଉସ୍ ପାଇଁ ୨ ପ୍ରତିଦ୍ୱନ୍ଦ୍ୱି ଉପରାଷ୍ଟ୍ରପତି କମଳା ହାରିସ୍ ଏବଂ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରସ୍ତୁତ। ଦୁଇ ରାଷ୍ଟ୍ରପତି ପ୍ରାର୍ଥୀ, ଡି ଡେ ନଭେମ୍ବର ୫ ପୂର୍ବରୁ ଶେଷ ପର୍ଯ୍ୟାୟ ପ୍ରଚାର ଜୋର କରିଛନ୍ତି। ତେବେ ଆମେରିକାର ଅନେକ ରାଜ୍ୟରେ ଆର୍ଲି ଭୋଟିଂ ଆରମ୍ଭ ହୋଇସାରିଛି। ଆଜି ରାଷ୍ଟ୍ରପତି ବାଇଡେନ ନିଜ ଜନ୍ମସ୍ଥାନ ଡେଲାୱାରେ ଠାରେ ଭୋଟ ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ନିଜ ଖରାପ ସ୍ୱାସ୍ଥ୍ୟ ଓ ଦୁର୍ବଳ ପ୍ରଦର୍ଶନ ଯୋଗୁ ଜୁନ୍ ୨୭ରେ ପୁନଃ ନିର୍ବାଚିତ ହେବା ଦୌଡ଼ରୁ ଓହରିଯିବା ପରେ କମଳା ହାରିସଙ୍କୁ ଡେମୋକ୍ରାଟିକର ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଥିଲା। ନଭେମ୍ବର ୫ ପୂର୍ବରୁ ଆମେରିକାର ୪୩.୫ ମିଲିଅନ୍ ଭୋଟର ଆର୍ଲି ଭୋଟିଂ ଦ୍ୱାରା ଭୋଟଦାନ କରିସାରିଛନ୍ତି। ତେବେ ରାଷ୍ଟ୍ରପତି ନିର୍ବାଚନ ପାଇଁ ମୋଟ ୫୩୮ ଇଲେକ୍ଟୋରାଲ ଭୋଟରେ ମତଦାନ ହେଉଥିବା ବେଳେ ୨୭୦ ଇଲୋକ୍ଟରାଲ ଭୋଟ ପାଇବା ଦଳ ବିଜୟୀ ହେବ।

## ପଶ୍ଚିମବଙ୍ଗରେ ପୁଣି ଲଜ୍ଜା

# ରୋଗୀଙ୍କୁ ଦୁଷ୍କର୍ମ କରି ଡାକ୍ତର ଗିରଫ

**କୋଲକାତା, ୩୦।୧୦:** କୋଲକାତାର ଆର୍.ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିଥିଲା। ଲୋକଙ୍କ ମନରୁ ଏହି ଘଟଣା ଲିଭିନଥିବାବେଳେ ଏବେ ପୁଣି ଏକ ଲଜ୍ୟାଜନକ ଘଟଣାକୁ ନେଇ ଚର୍ଚ୍ଚାକୁ ଆସିଛି ପଶ୍ଚିମବଙ୍ଗ। ଏଥର ଜଣେ ଡାକ୍ତର ତାଙ୍କ ପାଖକୁ ଚିକିତ୍ସା ହେବାକୁ ଆସିଥିବା ଜଣେ ମହିଳା ରୋଗୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଟ୍ରାଙ୍କୁଲାଇଜିଂ ସିରମ୍ ଇଞ୍ଜେକ୍ସନ ଦେଇ ଅଚେତ କରାଇବା ପରେ ରୋଗୀଙ୍କୁ ଡାକ୍ତର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏତିକି ନୁହେଁ, ଅସଂଯତ ଅବସ୍ଥାରେ ମହିଳାଙ୍କ ଫଟୋ ଉଠାଇ ତାଙ୍କୁ ବ୍ଲାକମେଲ୍ କରିବା ସହ ଏକାଧିକ ଥର ଦୁଷ୍କର୍ମ କରିଛନ୍ତି ଅଭିଯୁକ୍ତ ଡାକ୍ତର।

ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲା ଅନ୍ତର୍ଗତ ହସନାବାଦର ଘଟଣା। ଅଭିଯୋଗ ଅନୁଯାୟୀ କିଛିଦିନ ପୂର୍ବରୁ ମହିଳାଙ୍କ ସ୍ୱାମୀ ରାଜ୍ୟ ବାହାରକୁ କୌଣସି କାମରେ ଯାଇଥିଲେ। ଏହି ସମୟରେ ଚିକିତ୍ସା ପାଇଁ ମହିଳା ଜଣକ ସଂପୃକ୍ତ ଡାକ୍ତରଙ୍କ ପାଖକୁ ଯାଇଥିଲେ। ଏଠାରେ ଡାକ୍ତର ମହିଳାଙ୍କୁ ଟ୍ରାଙ୍କୁଲାଇଜିଂ ସିରମ୍ ଇଞ୍ଜେକ୍ସନ ଦେଇ ଅଚେତ କରାଇବା ପରେ ଦୁଷ୍କର୍ମ କରିଥିଲେ।

ଅଂସଯତ ଅବସ୍ଥାରେ ଅଚେତ ମହିଳାଙ୍କର ଅନେକ ଫଟୋ ମଧ୍ୟ ଉଠାଇଥିଲେ ଡାକ୍ତର। ପରେ ସେହି ଫଟୋ ଗୁଡ଼ିକୁ ଦେଖାଇ ମହିଳାଙ୍କୁ ବ୍ଲାକମେଲ୍ କରିବା ସହ ଫଟୋଗୁଡ଼ିକୁ ସୋଶାଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ଏଭଳି ଭୟଭୀତ କରାଇ ସେ ମହିଳାଙ୍କୁ ଏକାଧିକ ଥର ଦୁଷ୍କର୍ମ କରିବା ସହ ତାଙ୍କଠାରୁ ପ୍ରାୟ ୪ ଲକ୍ଷ ଟଙ୍କା ମଧ୍ୟ ନେଇଯାଇଥିଲେ। ଲୋକଲଜ୍ୟା ଡରରେ ମହିଳା ଜଣକ ଏକଥା କାହାକୁ କହିପାରୁନଥିଲେ। ସ୍ୱାମୀ ଘରକୁ ଫେରିବା ପରେ ପୀଡ଼ିତା ସବୁକଥା ତାଙ୍କୁ ଜଣାଇଥିଲେ। ଏହାପରେ ସ୍ୱାମୀଙ୍କ ସହ ଆସି ସେ ଥାନାରେ ଅଭିଯୋଗ କରିଥିଲେ। ପୀଡ଼ିତା ଓ ସ୍ୱାମୀଙ୍କ ଅଭିଯୋଗକ୍ରମେ ପୁଲିସ ମଙ୍ଗଳବାର ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରିଛି। ଜିଲ୍ଲା ଅଦାଲତରେ ହାଜର କରାଇବାପରେ ପୁଲିସ ଅଭିଯୁକ୍ତକୁ ୫ ଦିନିଆ ରିମାଣ୍ଡରେ ନେଇଛି। ଅଦାଲତରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

# 'କଙ୍ଗୁଭା' ରିଲିଜ ପୂର୍ବରୁ ଫିଲ୍ମ ଏଡିଟରଙ୍କ ମୃତ୍ୟୁ



**କୋଚି, ୩୦।୧୦:** ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। ସୂର୍ଯ୍ୟା ଏବଂ ବବି ଦେଓଲଙ୍କ ଅଭିନୀତ 'କଙ୍ଗୁଭା' ଫିଲ୍ମର ସଂପାଦକ ନିଶାଦ ୟୁସୁଫଙ୍କର ମୃତ୍ୟୁ ଘଟିଛି। ଅକ୍ଟୋବର ୩୦ (ବୁଧବାର) କୋଚିରେ ଏକ ଆପାର୍ଟମେଣ୍ଟରୁ ନିଶାଦଙ୍କ ମୃତଦେହ ମିଳିଛି। ନିଶାଦଙ୍କ ଅଚାନକ ମୃତ୍ୟୁ ପୂରା ଫିଲ୍ମ ଇଣ୍ଡଷ୍ଟ୍ରିରେ ଆଲୋଡ଼ନ ସୃଷ୍ଟି କରିଛି। ନିଶାଦ ୟୁସୁଫଙ୍କ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ ହୋଇଥିବାବେଳେ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଉଛି। ନିଶାଦ ୟୁସୁଫ ମୃତ୍ୟୁର ଦୁଇ ଦିନ ପୂର୍ବରୁ ଇନଷ୍ଟାଗ୍ରାମରେ ତାଙ୍କର ଶେଷ ପୋଷ୍ଟ ସେୟାର କରିଥିଲେ। ସେ ସେୟାର କରିଥିବା ଦୁଇଟି ପୋଷ୍ଟ ମଧ୍ୟରୁ ଗୋଟିକରେ ନିଶାଦ 'କଙ୍ଗୁଭା' ନିର୍ଦ୍ଦେଶକ ଶିବାଙ୍କ ସହ ଥିବାବେଳେ ଅନ୍ୟ ଫଟୋରେ ତାଙ୍କୁ ବବି ଦେଓଲ ଏବଂ ସୂର୍ଯ୍ୟାଙ୍କ ସହ ଦେଖିବାକୁ ମିଳିଥିଲା। କେରଳ ଚଳଚ୍ଚିତ୍ର କର୍ମଚାରୀ ସଂଘ ନିଶାଦ୍ ୟୁସୁଫଙ୍କ ମୃତ୍ୟୁ ନେଇ ଏହାର ଆଧିକାରୀକ ଫେସବୁକ୍ ପେଜରେ ସୂଚନା ଦେଇଛି। ସଂଘ ଲୋକପ୍ରିୟ ଚଳଚ୍ଚିତ୍ର ସମ୍ପାଦକଙ୍କ ଏକ ଫଟୋ ସେୟାର କରି ମାଲାୟାଲମରେ ଲେଖିଛି, ପରିବର୍ତ୍ତିତ ମାଲାୟାଲମ୍ ସିନେମାର ସମସାମୟିକ ଭବିଷ୍ୟତ ନିର୍ଣ୍ଣୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଚଳଚ୍ଚିତ୍ର ସମ୍ପାଦକ ନିଶାଦ ୟୁସୁଫଙ୍କ ଅପ୍ରତ୍ୟାଶିତ ମୃତ୍ୟୁ ଏକ ଦୁଃଖଦ ଘଟଣା। 'ଥାଲୁମାଲା' ଚଳଚ୍ଚିତ୍ର ସମ୍ପାଦନା ପାଇଁ ୨୦୨୨ ମସିହାରେ କେରଳ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ ନିଶାଦ ୟୁସୁଫ। 'ଥାଲୁମାଲା' ବ୍ୟତୀତ 'ଚାଭେର', 'ଉଣ୍ଡା', 'ସାଉଦି ଭେଲ୍ଲାକ୍କା', 'ୱାନ', ଏବଂ 'ଅପରେସନ୍ ଜାଭା' ଭଳି ସୁପର ହିଟ୍ ଚଳଚ୍ଚିତ୍ର ସମ୍ପାଦନା କରିଥିଲେ ନିଶାଦ। ସେ ସମ୍ପାଦନା କରିଥିବା 'ବାଜୁକା' ଏବଂ 'କାଙ୍ଗୁଭା' ଚଳଚ୍ଚିତ୍ର ବେଶ ଚର୍ଚ୍ଚାରେ ରହିଛି। ହେଲେ ଏହି ଫିଲ୍ମ ରିଲିଜ ହେବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଛି।

# 'ଆୟୁଷ୍ମାନ ଭାରତ ବନ୍ଦ କରି ଦିଲ୍ଲୀ ମଡେଲ ଲାଗୁ କର'

**ନୂଆଦିଲ୍ଲୀ, ୩୦।୧୦:** ତେଜୁଛି ଆୟୁଷ୍ମାନ ଭାରତ ଯୋଜନାକୁ ନେଇ ରାଜନୀତି। କେନ୍ଦ୍ର ସରକାରଙ୍କ ଏହି ଯୋଜନା ଦିଲ୍ଲୀରେ କାର୍ଯ୍ୟକାରୀ ନହେବା ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମାଲୋଚନା ପରେ ତୁରନ୍ତ କାଉଣ୍ଟର ଆଟାକ୍ କରିଛନ୍ତି ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ନକରିବାରୁ ପ୍ରଧାନମନ୍ତ୍ରୀ ମୋଦି ଦିଲ୍ଲୀ ଏବଂ ବେଙ୍ଗଲ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଏହାପରେ କେଜ୍ରିୱାଲ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରସଙ୍ଗକୁ ରାଜନୀତିକରଣ କରିବା ଉଚିତ ନୁହେଁ। ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ନିଜ 'ଏକ୍ସ' ଆକାଉଣ୍ଟରେ ଏକ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ଲେଖିଛନ୍ତି ଯେ, ଲୋକଙ୍କ ସ୍ୱାସ୍ଥ୍ୟ ପ୍ରସଙ୍ଗରେ ରାଜନୀତି କରିବା ଉଚିତ ନୁହେଁ। କେଜ୍ରିୱାଲ ଲେଖିଛନ୍ତି ଯେ, ଦିଲ୍ଲୀ ସରକାରଙ୍କ ଯୋଜନା ଅନୁଯାୟୀ ଦିଲ୍ଲୀରେ ରହୁଥିବା ପ୍ରତ୍ୟେକ ନାଗରିକ ମାଗଣାରେ ଚିକିତ୍ସିତ ହେଉଛନ୍ତି। ଯେତେ ଖର୍ଚ୍ଚ ହେଉନା କାହିଁକି, ସମଗ୍ର ଖର୍ଚ୍ଚ ଦିଲ୍ଲୀ ସରକାର ବହନ କରୁଛନ୍ତି। ପାଞ୍ଚ ଟଙ୍କାର ବଟିକା ହେଉ କିମ୍ବା କୋଟିଏ ଟଙ୍କା ମୂଲ୍ୟର ଚିକିତ୍ସା, ଦିଲ୍ଲୀ ସରକାର ପ୍ରତ୍ୟେକ ବ୍ୟକ୍ତିଙ୍କୁ ମାଗଣାରେ ସମ୍ପୂର୍ଣ୍ଣ ଚିକିତ୍ସା ଯୋଗାଉଛନ୍ତି। ଯଦି ଆପଣ କହିବେ, ମୁଁ



ଆପଣଙ୍କୁ ଲକ୍ଷ ଲକ୍ଷ ଲୋକଙ୍କ ତାଲିକା ପଠାଇବି, ଯେଉଁମାନେ ଏହାର ଫାଇଦା ପାଉଛନ୍ତି।

ଏହାପରେ ନିଜ 'ଏକ୍ସ' ପୋଷ୍ଟରେ କେଜ୍ରିୱାଲ ପ୍ରଶ୍ନ ଉଠାଇ ଲେଖିଛନ୍ତି, ଆୟୁଷ୍ମାନ ଭାରତ ଯୋଜନାରେ ଲୋକମାନେ ଉପକୃତ ହୋଇଛନ୍ତି କି? ଏହି ଯୋଜନାରେ ଅନେକ ଅନିୟମିତତା ହୋଇଥିବା CAGକୁ ତଥ୍ୟ ମିଳିଛି। ଆଜି ପର୍ଯ୍ୟନ୍ତ ଯେଉଁ ସବୁ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହୋଇଛି, ସେ ସବୁ ରାଜ୍ୟରେ ମୁଁ ଜଣେ ବି ଏପରି ବ୍ୟକ୍ତିଙ୍କୁ ଭେଟି ନାହିଁ, ଯିଏ ଏହି ଯୋଜନାରେ ଅଧୀନରେ ଚିକିତ୍ସିତ ହୋଇଛନ୍ତି। କେଜ୍ରିୱାଲ ଆହୁରି ଲେଖିଛନ୍ତି - 'ମୁଁ ଆପଣଙ୍କୁ ଅନୁରୋଧ କରୁଛି, ଆପଣ ଦିଲ୍ଲୀ ମଡେଲ ଅଧ୍ୟୟନ କରନ୍ତୁ ଏବଂ ଆୟୁଷ୍ମାନ ଭାରତ ଯୋଜନା ବଦଳରେ ସମଗ୍ର ଦେଶରେ ଦିଲ୍ଲୀ ମଡେଲକୁ କାର୍ଯ୍ୟକାରୀ କରନ୍ତୁ। ଯାହାଦ୍ୱାରା ଲୋକମାନେ ତୃଣମୂଳ ସ୍ତରରୁ ଉପକୃତ ହୋଇପାରିବେ। ପ୍ରଧାନମନ୍ତ୍ରୀ ମୋଦି ଧନତେରସ୍ ଉପଲକ୍ଷେ ଆୟୁଷ୍ମାନ ଭାରତର ପରିଧିକୁ ବିସ୍ତାର କରିଛନ୍ତି। ଏଣିକି ୭୦ ବର୍ଷ ବୟସରୁ ଅଧିକ ବୟସ୍କଙ୍କୁ ପୂରା ଦେଶରେ ମାଗଣା ଚିକିତ୍ସା ମିଳିବ। ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ଏପରି ସେବା ବରିଷ୍ଠ ନାଗରିକଙ୍କୁ ଯୋଗାଇ ଦିଆଯିବ। ତେବେ ଦିଲ୍ଲୀ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟରେ କେନ୍ଦ୍ରର ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯାଇନାହିଁ। ଯାହାକୁ ନେଇ ମୋଦି ବେଙ୍ଗଲ ଓ ଦିଲ୍ଲୀ ସରକାରଙ୍କୁ ସମାଲୋଚନା କରିଥିଲେ। ଏହାପରେ ଅରବିନ୍ଦ କେଜ୍ରିୱାଲଙ୍କ ପ୍ରତିକ୍ରିୟା ଆସିଛି।

# ବାଙ୍କ୍ୱେଟ ହଲରେ ଭୟଙ୍କର ଅଗ୍ନିକାଣ୍ଡ



**ନୋଏଡା, ୩୦।୧୦:** ମଙ୍ଗଳବାର ବିଳମ୍ବିତ ରାତିରେ ଉତ୍ତର ପ୍ରଦେଶ ନୋଏଡାର ସେକ୍ଟର ୭୪ସ୍ଥିତ ଏକ ବାଙ୍କ୍ୱେଟ ହଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ସୂଚନା ପାଇବା ପରେ ଅଗ୍ନିଶମ ବିଭାଗର ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା କାର୍ଯ୍ୟ ଆରମ୍ଭ କରିଥିଲା। ବର୍ତ୍ତମାନ ସୁଦ୍ଧା ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ତେବେ ଏହି ଘଟଣାରେ ଜଣେ ଇଲେକ୍ଟ୍ରିସିଆନଙ୍କର ମୃତ୍ୟୁ ଘଟିଛି।

ଖବର ଅନୁସାରେ, ନୋଏଡାର ସେକ୍ଟର -୧୧୩ ଥାନା ଅନ୍ତର୍ଗତ ସେକ୍ଟର -୭୪ରେ ନିର୍ମାଣାଧୀନ ଲୋଟସ୍ ଗ୍ରେନାଡିୟର୍ ଭୋଜି ଘରେ ନିଆଁ ଲାଗିଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗର ୧୫ଟି ଗାଡି ଗୋଟିଏ ପରେ ଗୋଟିଏ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିକାଣ୍ଡ ଏତେ ବ୍ୟାପକ ଥିଲା ଯେ ଏହାକୁ ଆୟତ୍ତ କରିବାକୁ ବହୁତ ସମୟ ଲାଗିଥିଲା। ଏହି ଘଟଣାରେ ମୃତ ବ୍ୟକ୍ତି ଜଣକ ସେଠାରେ ଇଲେକ୍ଟ୍ରିସିଆନ ଭାବରେ କାମ କରୁଥିବା ପରମିନ୍ଦର ବୋଲି ଜଣାପଡ଼ିଛି। ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। ଘଟଣାସ୍ଥଳରେ ନୋଏଡା ଡିସିପି, ଗୌତମବୁଦ୍ଧ ନଗର ସିଏଫଓ ଏବଂ ଅନ୍ୟ ଅଧିକାରୀମାନେ ମଧ୍ୟ ପହଞ୍ଚିଥିଲେ। ବର୍ତ୍ତମାନ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ନୋଏଡା ଡିସିପି ରାମବଦନ ସିଂ କହିଛନ୍ତି ଯେ ବାଙ୍କ୍ୱେଟ ହଲର ଡିଜାଇନ କାଠରେ ତିଆରି ହୋଇଥିଲା, ଯେଉଁଥିପାଇଁ ନିଆଁ ଶୀଘ୍ର ବ୍ୟାପି ଯାଇଥିଲା। ନିଆଁ ଲାଗିବାର କାରଣ ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ଏଥି ସହିତ ସିଲିଣ୍ଡରରେ ନିଆଁ ଲାଗିଯିବାରୁ ଏହା ବେଶୀ ବ୍ୟାପକ ହୋଇଯାଇଥିବା ମଧ୍ୟ କୁହାଯାଉଛି। ସମସ୍ତ ଦିଗକୁ ଦୃଷ୍ଟିରେ ରଖି ଏହି ଘଟଣାର ତଦନ୍ତ କରାଯାଉଛି। ମୃତକଙ୍କ ମୃତଦେହ ପୋଷ୍ଟମର୍ଟମ ପାଇଁ ପଠାଯାଇଥିବା ଡିସିପି ସୂଚନା ଦେଇଛନ୍ତି।

# ହତ୍ୟା ଅଭିଯୁକ୍ତ ଅଭିନେତା ଦର୍ଶନଙ୍କୁ ଜାମିନ



**ବେଙ୍ଗାଲୁରୁ, ୩୦।୧୦:** ନିଜର ଫ୍ୟାନ ରେଣୁକାସ୍ୱାମୀଙ୍କୁ ଭୟଙ୍କର ଢଙ୍ଗରେ ହତ୍ୟା କରିବା ଅଭିଯୋଗରେ ଜେଲରେ ଥିବା ଅଭିନେତା ଦର୍ଶନ ତୁଗୁଦୀପଙ୍କୁ କର୍ଣ୍ଣାଟକା ହାଇକୋର୍ଟ ଆଜି ଅନ୍ତରୀଣ ଜାମିନ ଦେଇଛନ୍ତି। ନିଜର ଚିକିତ୍ସା ପାଇଁ ସେ ୬ ସପ୍ତାହର ଜାମିନ ପାଇଛନ୍ତି। ଜେଲରେ ଥିବା ଦର୍ଶନ ସ୍ପାଇନ ଜନିତ ସମସ୍ୟାରେ ପଡ଼ିଛନ୍ତି। ଏହାର ଅପରେସନ ଜରୁରୀ ବୋଲି ତାଙ୍କ ଓକିଲ କୋର୍ଟଙ୍କୁ ଅବଗତ କରାଇଥିଲେ। କୋର୍ଟ ସମସ୍ତ ନଥିପତ୍ର ଯାଞ୍ଚ କରିବା ପରେ ଦର୍ଶନ ତୁଗୁଦୀପଙ୍କୁ ୬ ସପ୍ତାହ ପାଇଁ ଜାମିନ ପ୍ରଦାନ କରିଛନ୍ତି। ଜାମିନ ପ୍ରଦାନ କରିବା ବେଳେ ଦର୍ଶନ ନିଜର ପାସପୋର୍ଟ ପୁଲିସ୍ ନିକଟରେ ସମର୍ପଣ କରିବେ ବୋଲି କୋର୍ଟ ସର୍ତ୍ତ ରଖିଛନ୍ତି। ବର୍ତ୍ତମାନ ଅଭିନେତା ଦର୍ଶନ କର୍ଣ୍ଣାଟକାର ବଲ୍ଲାରି ଜେଲରେ ରହିଛନ୍ତି। ତାଙ୍କ ଜାମିନ ଆବେଦନର ଶୁଣାଣି କରି ମଙ୍ଗଳବାର ଜଷ୍ଟିସ ଏସ ବିଶ୍ୱଜିତ ସେଟ୍ଟୀ ମଙ୍ଗଳବାର ରାୟ ସଂରକ୍ଷିତ ରଖିଥିଲେ। ଏହାପୂର୍ବରୁ ଦର୍ଶନଙ୍କ ଓକିଲ ସିଭି ନଗେଶ ଓ ରାଜ୍ୟ ସରକାରଙ୍କ ଓକିଲ ପି ପ୍ରସନ୍ନ କୁମାର ନିଜର ଯୁକ୍ତି ଉପସ୍ଥାପନ କରିଥିଲେ। ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟକୁ ବନ୍ଦ ଲଫାପାରେ ଉପସ୍ଥାପନ କରାଯାଇଥିଲା। ସେହିପରି ଓକିଲ ନଗେଶ ନିଜର ପକ୍ଷ ରଖିବା ବେଳେ ମହୀଶୂରର ଏକ ଘରୋଇ ହସ୍ପିଟାଲରେ ଦର୍ଶନ ନିଜ ଖର୍ଚ୍ଚରେ ଅପରେସନ କରିବେ ବୋଲି କୋର୍ଟଙ୍କୁ ଅବଗତ କରାଇଥିଲେ।



# ବାନ୍ଧବଗଡ଼ ଟାଇଗର ରିଜର୍ଭରେ ୪ ହାତୀଙ୍କ ମୃତଦେହ ଠାବ

**ଭୋପାଳ, ୩୦।୧୦:** ମଧ୍ୟପ୍ରଦେଶର ବାନ୍ଧବଗଡ଼ ଟାଇଗର ରିଜର୍ଭରେ ୪ ହାତୀଙ୍କର ମୃତଦେହ ଠାବ ହୋଇଛି। ୧୩ ଟିକିଆ ହାତୀ ପଲରେ ସାମିଲ ଥିବା ଏହି ୪ ହାତୀଙ୍କ ମୃତ୍ୟୁ ବ୍ୟତୀତ ଅନ୍ୟ କେତେକ ହାତୀଙ୍କର ଅବସ୍ଥା ମଧ୍ୟ ଗୁରୁତର ଥିବା ଜଣାପଡ଼ିଛି। ଖବର ପାଇ ଟାଇଗର ରିଜର୍ଭର ସମସ୍ତ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଟାଇଗର ରିଜର୍ଭରେ ପାଟ୍ରୋଲିଂ କରୁଥିବା ଜଣେ ଫରେଷ୍ଟ ଗାର୍ଡ ଏହି ୪ ହାତୀଙ୍କ ମୃତଦେହ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନ ବିଭାଗର ଅଧିକାରୀମାନେ ପହଞ୍ଚି ଘଟଣାସ୍ଥଳରେ ଯାଞ୍ଚ କରିଥିଲେ। ଏହି ସମୟରେ ସମାନ ହାତୀ ପଲର ଅନ୍ୟ ୫ ହାତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ଜଣାପଡ଼ିଛି। ସନ୍ଦେହ କରାଯାଉଛି ଯେ ହାତୀମାନେ ହୁଏତ କିଛି ବିଷାକ୍ତ କିମ୍ବା ନାର୍କୋଟିକ୍ ଯୁକ୍ତ ପଦାର୍ଥ ଖାଇଦେଇଛନ୍ତି। ତେବେ ମୃତ ୪ ହାତୀଙ୍କର ପୋଷ୍ଟମର୍ଟମ ରିପୋର୍ଟକୁ ଅପେକ୍ଷା କରାଯାଇଛି, ଯେଉଁଥିରୁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ବନ୍ୟଜନ୍ତୁ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଏକାଧିକ ଡାକ୍ତରୀ ଦଳ ବର୍ତ୍ତମାନ ଅସୁସ୍ଥ ଥିବା ୫ ହାତୀଙ୍କର ଚିକିତ୍ସା ଚଳାଇଛନ୍ତି ଓ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି। ଏହି ଡାକ୍ତରୀ ଦଳ ଡେରାଡୁନସ୍ଥିତ ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆର ବିଶେଷଜ୍ଞମାନଙ୍କ ସହ ନିରନ୍ତର ଯୋଗାଯୋଗରେ ରହିଛନ୍ତି। ଅନ୍ୟପଟେ ବାନ୍ଧବଗଡ ଟାଇଗର ରିଜର୍ଭ ଅଧିକାରୀମାନେ ଏହି ହାତୀପଲର ସୁସ୍ଥ ଥିବା ଅନ୍ୟ ଚାରିଟି ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

## ଜେଲରେ ଟିଭି ଚ୍ୟାନେଲକୁ ଲରେନ୍ସର ଇଣ୍ଟରଭ୍ୟୁ

# ପୁନଃ ତଦନ୍ତ ନିର୍ଦ୍ଦେଶ ଦେଲେ କୋର୍ଟ

**ନୂଆଦିଲ୍ଲୀ, ୩୦।୧୦:** ଗୋଟିଏ ଘରୋଇ ଟିଭି ଚ୍ୟାନେଲକୁ ଜେଲରେ ରହି ମାଫିଆ ବସ୍ ଲରେନ୍ସ ବିଷ୍ଣୋଇ ୨୦୨୨ରେ ଦେଇଥିବା ସାକ୍ଷାତକାର ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ପଞ୍ଜାବ ଓ ହରିୟାଣା ହାଇକୋର୍ଟ। ଶୁଣାଣି ବେଳେ ଏସଆଇଟି ପକ୍ଷରୁ ଦାଖଲ କରାଯାଇଥିବା ରିପୋର୍ଟକୁ ଦେଖି ହାଇକୋର୍ଟ ପଞ୍ଜାବ ସରକାରଙ୍କ ଉପରେ ବର୍ଷିଛନ୍ତି। ୨୦୨୪ ଅଗଷ୍ଟରେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ପଞ୍ଜାବ ସରକାର ପାଳନ କରି ନଥିବା କୋର୍ଟ ହୃଦୟଙ୍ଗମ କରିଛନ୍ତି। ବିଷ୍ଣୋଇ ଇଣ୍ଟରଭ୍ୟୁ ପାଇଁ ଅନୁମତି ଦେଇଥିବା ବରିଷ୍ଠ ଅଧିକାରୀମାନଙ୍କ ବିରୋଧରେ ପଞ୍ଜାବ ସରକାର କାର୍ଯ୍ୟାନୁଷ୍ଠାନ ନେଇ ନଥିବାରୁ ହାଇକୋର୍ଟ ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ସରକାର ଜୁନିୟର ଅଧିକାରୀମାନଙ୍କୁ ବଳିକା ବୋଦା ବନାଉଥିବା ମଧ୍ୟ କୋର୍ଟ କହିଛନ୍ତି। କୋର୍ଟ କହିଛନ୍ତି, "ପୁଲିସ୍ ଅଧିକାରୀମାନେ ଅପରାଧୀକୁ ବୈଦ୍ୟୁତିକ ଉପକରଣ ଦେଇଥିଲେ ଓ ଇଣ୍ଟରଭ୍ୟୁ ପାଇଁ ଷ୍ଟୁଡିଓ ଭଳି ବ୍ୟବସ୍ଥା କରିଥିଲେ। ଏହା ଅପରାଧକୁ ମହିମାମଣ୍ଡିତ କରିବା ସହ ସମାନ। ଲୁଟ ଓ ବଟି ଆଦାୟ ଭଳି ଅପରାଧ ଘଟାଇବାକୁ ଏହା ଅପରାଧୀ ଓ ସେମାନଙ୍କ ସହଯୋଗୀଙ୍କୁ ପ୍ରୋତ୍ସାହିତ କରିଛି। ଘଟଣାରେ ପଞ୍ଜାବ ସରକାର ଜୁନିୟର ଅଫିସରମାନଙ୍କୁ ବଳିର ବୋଦା ବନାଇଛନ୍ତି।" ଜଷ୍ଟିସ ଅନୁପିନ୍ଦର ସିଂହ ଗ୍ରେୱାଲ ଓ ଜଷ୍ଟିସ ଲପିତା ବନେରଜିଙ୍କ ଖଣ୍ଡପୀଠ କହିଛନ୍ତି, ନିଲମ୍ବିତ ହୋଇଥିବା ୭ ଜଣ ଅଧିକାରୀଙ୍କ ମଧ୍ୟରୁ କେବଳ ଦୁଇ ଜଣ ଗେଜେଟେଡ ଅଫିସର। ବାକି ସମସ୍ତେ ଜୁନିୟର କର୍ମଚାରୀ। ପୁଲିସ୍ ଅଧିକରୀଙ୍କ ସଂପୃକ୍ତି ଏହା ଦର୍ଶାଉଛି ଯେ ଅପରାଧୀ ଓ ସେମାନଙ୍କ ସହଯୋଗୀଙ୍କଠାରୁ ଫାଇଦା ହାସଲ କରୁଥିବା ଜଣାପଡୁଛି। ଏହା ଦୁର୍ନୀତି ନିରୋଧ ଆଇନ ଅଧୀନରେ ଆସିଛି। ତେଣୁ ଘଟଣାର ତଦନ୍ତ ଆହୁରି ହେବା ଦରକାର ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ଖଣ୍ଡପୀଠ ମାନବାଧିକାର କମିଶନର ମୁଖ୍ୟ ପ୍ରବୋଧ କୁମାରଙ୍କ ନେତୃତ୍ୱରେ ଘଟଣାର ତଦନ୍ତ କରିବା ପାଇଁ ଗୋଟିଏ ୩ ଜଣିଆ କମିଟି ଗଠନ କରିଛନ୍ତି। ଅତିରିକ୍ତ ଭାବେ କୋର୍ଟ ବରିଷ୍ଠ ଅଧିକାରୀମାନେ ବିଷ୍ଣୋଇର ପଞ୍ଜାବ ଜେଲ ଇଣ୍ଟରଭ୍ୟୁକୁ ନେଇ ସତ୍ୟପାଠ ଦାଖଲ ନ କରିବା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। କୋର୍ଟ କହିଛନ୍ତି ଯେ "କାହିଁକି ପଞ୍ଜାବ ଜେଲରେ କୌଣସି ଇଣ୍ଟରଭ୍ୟୁ ହୋଇ ନଥିବା କହିଥିଲେ? କାହିଁକି ଘଟଣାରେ ସାମିଲ ଥିବା ଅଧିକାରୀଙ୍କ ବିରୋଧରେ ଅପରାଧିକ ଷଡ଼ଯନ୍ତ୍ରର ଧାରା ୧୨୦-ବି ଅନୁସାରେ ମାମଲା ହୋଇ ନାହିଁ?"

# ୧୧ ଶିଶୁ ଓ ମା'ଙ୍କ ପାଇଁ ବଙ୍ଗଳା କିଣିଲେ ମସ୍କ

**ନ୍ୟୁୟର୍କ, ୩୦।୧୦:** ବିଶ୍ୱର ୧ନଂ ଧନୀ ଏଲନ ମସ୍କ ନିଜର ଏକାଧିକ ସ୍ତ୍ରୀ ଓ ପିଲାଙ୍କ ପାଇଁ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ୧୧ ପିଲା ଓ ଏକାଧିକ ପତ୍ନୀଙ୍କୁ ନେଇ ମସ୍କଙ୍କ ପରିବାର ବେଶ ବଡ଼। କିନ୍ତୁ ସମସ୍ତେ ଅଲଗା ଅଲଗା ରହୁଛନ୍ତି। ହେଲେ ଏବେ ସେ ନିଜର ସମସ୍ତ ୧୧ ପିଲା ଓ ସେମାନଙ୍କ ମା'ଙ୍କୁ ଏକାଠି କରିବାକୁ ନିଷ୍ପତ୍ତି ନେଇଛନ୍ତି। ସମସ୍ତଙ୍କୁ ସେ ଗୋଟିଏ ଛାତ ତଳେ ରଖିବେ। ଏଥିପାଇଁ ମସ୍କ ୧୪,୪୦୦ ବର୍ଗଫୁଟର ଗୋଟିଏ ବିରାଟ ବଙ୍ଗଳା କିଣିଛନ୍ତି। ଏହାକୁ ଲାଗି ୬ ବେଡ ରୁମ୍ ବିଶିଷ୍ଟ ଆଉ ଏକ ବିଲଡିଂ ରହିଛି। ଏହି ବଙ୍ଗଳା ପାଇଁ ମସ୍କ ୩୫ ମିଲିୟନ ଡଲାରର ପ୍ରଦାନ କରିଛନ୍ତି। ଟେକ୍ସାସର ଅଷ୍ଟିନ ନିକଟରେ ଏହି ବଙ୍ଗଳାଟି ରହିଛି। ରାଜକୀୟ ବଙ୍ଗଳାଟି ଏଲନ ମସ୍କଙ୍କ ଟେକ୍ସାସ ସ୍ଥିତ ଘର ଠାରୁ ମାତ୍ର ୧୦ ମିନିଟ ଦୂରରେ ରହିଛି। ସମସ୍ତ ପିଲା ଓ ସେମାନଙ୍କ ମା'ମାନଙ୍କୁ ଏକାଠି ରଖି ସେ ସମ୍ପର୍କକୁ ସୁଦୃଢ଼ କରିବାକୁ ଚାହୁଁଛନ୍ତି। ଏକାଠି ରହିଲେ ପିଲାମାନେ ପରସ୍ପରକୁ ଜାଣିପାରିବେ ଓ ମସ୍କ ମଧ୍ୟ ସେମାନଙ୍କୁ ଗୋଟି ସ୍ଥାନରେ ସମୟ ଦେଇପାରିବେ



ବୋଲି ଆଶା ରଖିଛନ୍ତି। ମସ୍କ ୧୨ଟି ସନ୍ତାନର ବାପା ହୋଇଥିଲେ। କିନ୍ତୁ ପୂର୍ବତନ ପତ୍ନୀ ଜଷ୍ଟିନ ମସ୍କଙ୍କ ଠାରୁ ଜନ୍ମିତ ଗୋଟିଏ ପିଲା ୧୦ ସପ୍ତାହ ବୟସରେ ପ୍ରାଣ ହରାଇଛି। ଏବେ ମସ୍କ ୧୧ ଜଣ ପିଲାଙ୍କ ବାପା। ୨୦୦୮ରେ ଜଷ୍ଟିନ ଓ ମସ୍କ ଆଇଭିଏଫ ଦ୍ୱାରା ୫ ସନ୍ତାନର ବାପା ମା' ହୋଇଥିଲେ। ଏହାପରେ ସେମାନଙ୍କର ଛାଡ଼ପତ୍ର ହୋଇଯାଇଥିଲେ। ଏହାପରେ ବ୍ରିଟିଶ ଅଭିନେତ୍ରୀ ତାଲୁଲା ରିଲେଙ୍କ ସହ ମସ୍କ ସମ୍ପର୍କ ରଖିଥିଲେ। ଏହି ଅଭିନେତ୍ରୀଙ୍କୁ ମସ୍କ ଦୁଇ ଥର ବିବାହ କରି ଛାଡ଼ପତ୍ର ଦେଇଛନ୍ତି। ତେବେ ସେମାନଙ୍କର କୌଣସି ସନ୍ତାନ ନାହାନ୍ତି।

୨୦୨୦ ଓ ୨୦୨୨ ମଧ୍ୟରେ ମସ୍କ ଆଉ ୩ ସନ୍ତାନର ବାପା ହୋଇଥିଲେ। କାନାଡିୟ ପପଷ୍ଟାର୍ ଗ୍ରିମସ ହେଉଛନ୍ତି ଏମାନଙ୍କର ମା'। ନ୍ୟୁରାଲିଙ୍କ କମ୍ପାନୀର ନିର୍ଦ୍ଦେଶକ ଶିଭୋନ ଜିଲିସ ଏଲନ ମସ୍କଙ୍କ ୧୨ତମ ସନ୍ତାନର ମା ହୋଇଥିଲେ। ଜିଲିସ୍ ଓ ମସ୍କ ୩ଟି ସନ୍ତାନର ବାପାମାଆ। ୨୦୨୧ରେ ଜିଲିସ୍ ଜାଆଁଳା ସନ୍ତାନ ଜନ୍ମ ଦେଇଥିଲେ। ଏହାପରେ ତାଙ୍କର ଆଉ ଏକ ସନ୍ତାନ ଜନ୍ମ ନେଇଥିଲେ। କିନ୍ତୁ ଏନେଇ ଉଭୟ ଦମ୍ପତି ସର୍ବସାଧାରଣରେ କୌଣସି ଘୋଷଣା କରି ନଥିଲେ। ଜିଲିସ ୨୦୨୧ରେ ଜାଆଁଳା ଶିଶୁଙ୍କୁ ଜନ୍ମ ଦେଇଥିଲେ। କିନ୍ତୁ ଏ ବାବଦରେ ୨୦୨୨ରେ ମସ୍କ ସୂଚନା ଦେଇଥିଲେ। ଏଲନ୍ ମସ୍କ ବର୍ତ୍ତମାନ ୧୧ ପିଲାଙ୍କ ପିତା, ସେମାନଙ୍କ ମଧ୍ୟରୁ ୬ ଜଣ ଗତ ପାଞ୍ଚ ବର୍ଷ ମଧ୍ୟରେ ଜନ୍ମ ହୋଇଛନ୍ତି। ଏହି ଛଅ ଜଣ ପିଲାଙ୍କ ମଧ୍ୟରୁ ତିନିଜଣଙ୍କ ମାଆ ହେଉଛନ୍ତି ତାଙ୍କ ଗ୍ରିମସ। ପ୍ରଥମ ପତ୍ନୀ ଜଷ୍ଟିନଙ୍କ ସହ ମସ୍କଙ୍କର ପାଞ୍ଚଟି ସନ୍ତାନ ଅଛନ୍ତି। ଆଉ ୩ ପିଲା ଜିଲିସଙ୍କ ଠାରୁ ଜନ୍ମ ନେଇଛନ୍ତି। ଜଣଙ୍କୁ ଛାଡ଼ି ଏବେ ସମସ୍ତ ୧୧ ପିଲା ଓ ସେମାନଙ୍କ ମା' ମାନଙ୍କୁ ମସ୍କ ଗୋଟିଏ ବଙ୍ଗଳାରେ ରଖିବାକୁ ଚାହୁଁଛନ୍ତି।

# ଆର୍‌ସିବି ମଙ୍ଗଧରିବେ କୋହଲି !



**ମୁମ୍ବାଇ, ୩୦।୧୦:** ଟିମ ଇଣ୍ଡିଆର ଷ୍ଟାର ବିରାଟ କୋହଲି ପୁଣି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି)ର ଅଧିନାୟକ ପଦକୁ ଫେରିବେ। ଆଇପିଏଲରେ ୨୦୨୫ ସଂସ୍କରଣରେ ଆରସିବି ବିରାଟଙ୍କ କ୍ୟାପ୍ଟେନ୍ସିରେ ପୁଣି ଟ୍ରଫି ପାଇଁ ଲଢ଼ିବ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏନେଇ ବିରାଟ କୋହଲି ଆରସିବି ଟିମ ମ୍ୟାନେଜମେଣ୍ଟ ସହ ଆଲୋଚନା କରି ସାରିଛନ୍ତି। ଆରସିବି କ୍ୟାମ୍ପରେ ଯେତେବେଳେ ନେତୃତ୍ୱର ଅଭାବ ପଡ଼ିବ ସେତେବେଳେ ସେ କମାଣ ସମ୍ଭାଳିବେ ବୋଲି କହିଥିଲେ। ଏବେ ମ୍ୟାନେଜମେଣ୍ଟ ନେତୃତ୍ୱ ସଙ୍କଟର ସାମ୍ନା କରୁଥିବାରୁ ବିରାଟଙ୍କୁ ପୁଣି କ୍ୟାପ୍ଟେନ ପଦ ଦେବାକୁ ନିଷ୍ପତ୍ତି ନେଇଛି।

୨୦୨୨ ସଂସ୍କରଣରୁ ଫାଫ ଡୁପ୍ଲେସିସ ଆରସିବିର ଅଧିନାୟକ ପଦରେ ରହିଛନ୍ତି। ହେଲେ ଏବେ ତାଙ୍କୁ ୪୦ ବର୍ଷ ବୟସ ହୋଇଗଲାଣି। ଏପରି ସ୍ଥିତିରେ ଆରସିବି ତାଙ୍କୁ ଆଉ ଅଧିନାୟକ ପଦରେ ରଖିବାକୁ ଚାହୁଁନାହିଁ। ତେଣୁ ବିରାଟ କୋହଲି ପୁଣିଥରେ ଆରସିବିର ମଙ୍ଗ ଧରିବାକୁ ଯାଉଛନ୍ତି। ୩ ବର୍ଷର ବ୍ୟବଧାନ ପରେ ବିରାଟ ଆରସିବିର ଅଧିନାୟକ ହେବେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି ଆଇପିଏଲର ୨୦୨୧ ସଂସ୍କରଣ ପରେ ବିରାଟ କୋହଲି ଆରସିବିର ଅଧିନାୟକ ପଦ ଛାଡ଼ିଥିଲେ। ଏଥିସହ ସେ ଆଇପିଏଲ ଖେଳିବା ଯାଏ ଆରସିବି ସହ ରହିବେ ବୋଲି କହିଥିଲେ। ଆରସିବିର ସବୁଠାରୁ ପୁରୁଣା ଖେଳାଳି ହେଉଛନ୍ତି ବିରାଟ। ଆରସିବି ଏଯାଏ ଆଇପିଏଲ ଟ୍ରଫି ଜିତିବାକୁ ସକ୍ଷମ ହୋଇନାହିଁ। ବିରାଟ ୨୦୧୩ରୁ ୨୦୨୧ ଯାଏ ଆରସିବିର ନେତୃତ୍ୱ ନେଇଥିଲେ। ଦଳ ୪ ଥର ପ୍ଲେ ଅଫକୁ ଯାଇଛି ଓ ୨୦୧୬ରେ ଟ୍ରଫି ଜିତିବାର ଅତି ନିକଟକୁ ଆସି ଫେଲ ମାରିଛି। ୨୦୧୬ରେ ଦଳ ଫାଇନାଲରେ ସନରାଇଜର୍ସ ହାଇଦ୍ରାବାଦ ଠାରୁ ହାରିଥିଲା। ୨୦୨୫ରେ ଦଳ ପୁଣି ଟ୍ରଫି ଜିତିବାକୁ ଉଦ୍ୟମ କରିବ ଆଉ କିଛି ଦିନ ପରେ ୨୦୨୫ ଆଇପିଏଲ ପାଇଁ ମେଗା ଅକ୍ସନ ହେବ। ଏହି ସମୟରେ ଆରିସିବି କାହାକୁ କିଣୁଛି ଓ ବିରାଟଙ୍କ ବ୍ୟତୀତ ଆଉ କାହାକୁ କ୍ୟାପ୍ଟେନ ପଦ ଦେବାକୁ ଚାହୁଁଛି, ସେକଥା ସ୍ପଷ୍ଟ ହେବ।




## ୧୩ ହଜାର କିମି ସାଇକେଲ ଚଳାଇ ରୋନାଲ୍‌ଡୋଙ୍କୁ ଭେଟିଲେ ପ୍ରଶଂସକ

ରିୟାଦ:ପ୍ରସିଦ୍ଧ ଫୁଟ୍‌ବଲର ତଥା କିମ୍ବଦନ୍ତୀ କ୍ରୀଡ଼ାବିତ କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କର ବିଶ୍ୱବ୍ୟାପୀ ପ୍ରଶଂସକ ରହିଛନ୍ତି। ସମ୍ପ୍ରତି ତାଙ୍କୁ ଭେଟିବା ପାଇଁ ଜଣେ ପ୍ରଶଂସକ ସାଇକେଲ ଯୋଗେ ୧୩ ହଜାର କିଲୋମିଟର ଯାତ୍ରା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି।

ରୋନାଲ୍‌ଡୋଙ୍କର ଗୋଙ୍ଗ୍(୨୪) ନାମକ ଚାଇନାର ଏହି ପ୍ରଶଂସକ ସାଇକେଲ ଯୋଗେ ଚାଇନାରୁ ସାଉଦି ଆରବ ଯାତ୍ରା କରିଥିଲେ। ସେ ନିଜର ଆଦର୍ଶ ଫୁଟ୍‌ବଲରଙ୍କୁ ଭେଟିବାକୁ ସାଇକେଲରେ ୧୩ ହଜାର କି.ମି.ର ଦୂରତ୍ୱ ଅତିକ୍ରମ କରିଥିଲେ। ଏଥିପାଇଁ ତାଙ୍କୁ ପ୍ରାୟ ୭ ମାସ ସମୟ ଲାଗିଥିଲା। ଗୋଙ୍ଗ୍ ଗତ ମାର୍ଚ୍ଚ ୧୮ରେ ନିଜର ଯାତ୍ରା ଆରମ୍ଭ କରିଥିବାବେଳେ ସେ ସୋମବାର ସାଉଦି ଆରବର ଅଲ୍ ନାସର ଫୁଟ୍‌ବଲ୍ କ୍ଲବ ସମ୍ମୁଖରେ ରୋନାଲ୍‌ଡୋଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ଏହି ଅବସରରେ ରୋନାଲ୍‌ଡୋ ଗୋଙ୍ଗ୍‌ଙ୍କୁ ନିଜର ଜର୍ସି ଓ ଅଟୋଗ୍ରାଫ୍ ଉପହାରରେ ଦେଇଥିଲେ। ଏହି ସାକ୍ଷାତ୍ ପରେ ସେ ବହୁତ ଖୁସି ଅଛନ୍ତି ବୋଲି ଗୋଙ୍ଗ୍ କହିଛନ୍ତି।

## ଦିନିକିଆରେ ମନ୍ଧନାଙ୍କ ସର୍ବାଧିକ ଶତକ ରେକର୍ଡ



ନୂଆଦିଲ୍ଲୀ,୩୦।୧୦: ସ୍ମୃତି ମନ୍ଧନା ତାଙ୍କ ନାମରେ ଏକ ଐତିହାସିକ ରେକର୍ଡ ସୃଷ୍ଟି କରିଛନ୍ତି। ସେ ବର୍ତ୍ତମାନ ଭାରତୀୟ ମହିଳା କ୍ରିକେଟ ଇତିହାସରେ ସର୍ବାଧିକ ଦିନିକିଆ ଶତକ ହାସଲ କରିଛନ୍ତି। ସେ ମହାନ ବ୍ୟାଟ୍ସମ୍ୟାନ ମିତାଲି ରାଜଙ୍କୁ ପଛରେ ପକାଇ ଏହି ରେକର୍ଡ ସ୍ଥାପନ କରିଛନ୍ତି। ସ୍ମୃତି ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଦିନିକିଆରେ ୧୦୦ ରନର ଇନିଂସ ଖେଳି ଟିମ ଇଣ୍ଡିଆକୁ ୨-୧ରେ ଜିତିବାରେ ସାହାଯ୍ୟ କରିଥିଲା।

ଦିନିକିଆ ମ୍ୟାଚରେ ସ୍ମୃତି ମନ୍ଧନାଙ୍କ କ୍ୟାରିୟରର ଏହା ଅଷ୍ଟମ ଶତକ ଥିଲା। ଅଧିକାଂଶ ଶତକ ସ୍କୋର କରିବାରେ ବର୍ତ୍ତମାନ କେବଳ ୬ ଖେଳାଳି ତାଙ୍କଠାରୁ ଆଗରେ ଅଛନ୍ତି। ସ୍ମୃତି ପୂର୍ବରୁ ଏହି ଭାରତୀୟ ରେକର୍ଡ ମିତାଲି ରାଜଙ୍କ ନାମରେ ଥିଲା, ଯିଏକି ୨୩୨ ମ୍ୟାଚ୍‌ରେ ବିଶାଳ କ୍ୟାରିୟରରେ ମୋଟ ୭ ଶତକ ସ୍କୋର କରିଥିଲେ। ମହିଳା ଦିନିକିଆ କ୍ରିକେଟରେ ସର୍ବାଧିକ ଶତକ ସ୍କୋର କରିବାର ରେକର୍ଡ ଅଷ୍ଟ୍ରେଲୀୟ ଖେଳାଳି ମେଗ ଲାନିଙ୍ଗଙ୍କ ନାମରେ ଅଛି, ଯିଏକି ତାଙ୍କ ଚମତ୍କାର କ୍ୟାରିୟରରେ ୧୫ ଶତକ ସ୍କୋର କରିଥିଲେ। ୨୦୨୩ରେ ଲାନିଙ୍ଗ ଅବସର ନେବାକୁ ଯାଉଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ଏହା ସ୍ମୃତି ମନ୍ଧନାଙ୍କ ଦଶମ ଶତକ ଥିଲା କାରଣ ସେ ୭ଟି ଟେଷ୍ଟ ମ୍ୟାଚର କ୍ୟାରିୟରରେ ଦୁଇ ଶତକ ଇନିଂସ ଖେଳିଛନ୍ତି। ଦିନିକିଆ କ୍ରିକେଟ ରେ ସ୍ମୃତି ବର୍ତ୍ତମାନ ପର୍ଯ୍ୟନ୍ତ ୮୮ଟି ମ୍ୟାଚରେ ୩,୬୯୦ ରନ ସଂଗ୍ରହ କରିଛନ୍ତି, ଯେଉଁଥିରେ ତାଙ୍କ ନାମରେ ୮ ଶତକ ଏବଂ ୨୭ ଅର୍ଦ୍ଧଶତକ ମଧ୍ୟ ରହିଛି। ସ୍ମୃତି ପୂର୍ବରୁ ଭାରତ ପାଇଁ ୨,୦୦୦ ଦିନିକିଆ ରନ ସ୍କୋର କରିବାରେ ଦ୍ରୁତତମ ଖେଳାଳି ହୋଇଥିଲେ। ସେ ୫୧ ଇନିଂସରେ ଏହି ରେକର୍ଡ ସୃଷ୍ଟି କରିଛନ୍ତି ଏବଂ ଦ୍ରୁତତମ ୩୦୦୦ ରନ ସ୍କୋର କରିବାର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି। ମନ୍ଧାନା ୭୬ ଇନିଂସରେ ତିନି ହଜାର ରନ ଛୁଇଁଥିଲେ। ସେ ଅନ୍ତର୍ଜାତୀୟ କ୍ରିକେଟରେ ୮,୦୦୦ ରନ ସ୍କୋର କରିବା ଠାରୁ ମାତ୍ର ୧୧୩ ରନ ଦୂରରେ ଅଛନ୍ତି।

**ଆନ୍ତଃରାଜ୍ୟ ବରିଷ୍ଠ ମହିଳା ଟ୍ୱେଣ୍ଟି-୨୦**

# କ୍ୱାର୍ଟର ଫାଇନାଲ୍‌ରୁ ଓଡ଼ିଶା ବଞ୍ଚିତ

**ଭୁବନେଶ୍ୱର, ୩୦।୧୦:** ଚଳିତ ବିସିସିଆଇ ଅନ୍ତଃରାଜ୍ୟ ବରିଷ୍ଠ ମହିଳା ଟ୍ୱେଣ୍ଟି-୨୦ ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ଓଡ଼ିଶା ନିଜ ୮ ଦଳୀୟ ଗ୍ରୁପ୍-ଏ'ରେ ଚତୁର୍ଥରେ ରହି ଅଳ୍ପକେ କ୍ୱାର୍ଟରଫାଇନାଲ୍ ଯୋଗ୍ୟତାରୁ ବଞ୍ଚିତ ହୋଇଛି। ଆନ୍ଧ୍ରପ୍ରଦେଶ ଓ ମୁମ୍ବାଇ ଆଗକୁ ବଢ଼ିଛନ୍ତି। ଓଡ଼ିଶା ଓ ତାମିଲନାଡୁ ସମାନ ୧୬ ପଏଣ୍ଟ୍ ପାଇ ଯୁଗ୍ମ ତୃତୀୟରେ ରହିଥିବା ବେଳେ ପରସ୍ପରର ମୁକାବିଲାରେ ଓଡ଼ିଶା ହାରିଥିବାରୁ ଚତୁର୍ଥରେ ରହିଛି। ଏପରିକି ଓଡ଼ିଶା ଏନ୍‌ଆର୍‌ଆର୍‌ରେ ତୃତୀୟରେ ରହି ଚତୁର୍ଥ ସ୍ଥାନ ପାଇଛି। ଓଡ଼ିଶା ଦଳ କ୍ୱାର୍ଟରଫାଇନାଲ୍‌ର ସୁଯୋଗ ପାଇ ନଥିବାରୁ ଅଧିନାୟିକା ମାଧୁରୀ ମେହେଟ୍ଟା ମନସ୍ତାପ କରିଛନ୍ତି। "୭ ମ୍ୟାଚ୍‌ରୁ ଆମେ ୪ ଜିତିଥିଲୁ, କିନ୍ତୁ ତାମିଲନାଡୁଠାରୁ ହାରିଥିବାରୁ ଆମକୁ ପଛରେ ରହିବାକୁ ପଡ଼ିଲା। ତଥାପି ଆମେ ଅଧିକ ଭଲ ବ୍ୟାଟିଂ କରିଥିଲେ ଆଗକୁ ବଢ଼ିପାରିଥାନ୍ତୁ। ଦଳଗତ ଭାବେ ଖେଳାଳିମାନେ ଢେର ଉନ୍ନତି କରିଥିବା ମୋ ବିଶ୍ୱାସ ହୋଇଛି। ଆମ ଗ୍ରୁପ୍‌ରେ କୌଣସି ଦଳ ଶକ୍ତିଶାଳୀ ଆନ୍ଧ୍ରପ୍ରଦେଶକୁ ହରାଇ ନଥିଲେ। ଆମେ ଏକମାତ୍ର ଦଳ ଭାବେ ହରାଇଥିଲୁ। ଅଧିକ ଗୋଟିଏ ବିଜୟ ମିଳିଥିଲେ ଆଗକୁ ବଢ଼ିପାରିଥାନ୍ତୁ ବୋଲି 'ସମ୍ବାଦ' ସହ ହାଇଦ୍ରାବାଦ ବିମାନବନ୍ଦରରୁ କଥା ହେବାବେଳେ ପ୍ରକାଶ କରିଥିଲେ ଅଧିନାୟିକା ମାଧୁରୀ। ଗ୍ରୁପ୍ ପର୍ଯ୍ୟାୟ ଶେଷରେ କିନ୍ତୁ ଓଡ଼ିଶା ଅଧିନାୟିକା ମାଧୁରୀ ବ୍ୟାଟର୍‌ଙ୍କ ତାଲିକାରେ ଶୀର୍ଷରେ ରହି ପୁଣି ଥରେ ନିଜକୁ ଜାତୀୟ ଦଳକୁ ଫେରିବାର ଦାବି ଉପସ୍ଥାପନ କରିଛନ୍ତି। ୭ ମ୍ୟାଚ୍‌ରୁ ସର୍ବାଧିକ ହାରାହାରି (୪୭.୪୦)ରେ ଦୁଇଟି ଅର୍ଦ୍ଧଶତକ ସହ ୨୩୭ ରନ୍ ସଂଗ୍ରହ କରି ଶୀର୍ଷରେ ରହିଛନ୍ତି। ଦୁଇ ଥର ଅପରାଜିତ ରହିବା ସହ ବ୍ୟକ୍ତିଗତ ସର୍ବୋଚ୍ଚ ୭୬ ରନ୍‌ର ପାଳି ଖେଳିଥିଲେ। ଏହା ପରଠାରୁ ମାଧୁରୀ ପୁଣି ଥରେ ଭାରତୀୟ ଦଳକୁ ଫେରିବେ କି ବୋଲି ମହିଳା କ୍ରିକେଟ୍‌ର ଅଗଣିତ ପ୍ରଶଂସକ ଆଶା ବାନ୍ଧିଛନ୍ତି। ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ ମହିଳା କ୍ରିକେଟର୍ ମାଧୁରୀଙ୍କ ଖେଳ ଏବେ ବି ତେଜ ହରାଇନାହିଁ ବୋଲି ବିଶ୍ୱାସ ରଖିଛନ୍ତି ସେମାନେ। କେବଳ ଏହି ଗୋଟିଏ ଋତୁ ନୁହେଁ, ପୂର୍ବରୁ ମଧ୍ୟ ମାଧୁରୀ ଏକାଧିକ ଥର ଶୀର୍ଷ ୩ ମଧ୍ୟରେ ଋତୁ ଶେଷ କରିଛନ୍ତି। କିନ୍ତୁ ତାଙ୍କୁ ଜାତୀୟ ଦଳ ପାଇଁ ବିଚାରକୁ ନିଆ ନଯିବା ସମ୍ପର୍କରେ କେହି ସ୍ୱର ଉଠାଉ ନଥିବାର ସନ୍ଦେହ ଜାତ ହେଉଛି। ରାଜ୍ୟ ଖେଳାଳିଙ୍କ ହେପାଜତରେ ଥିବା ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ଏ ଦିଗରେ ବିଶେଷ ଚାପ ସୃଷ୍ଟି କରିବାର ଆବଶ୍ୟକତା ଥିଲେ ମଧ୍ୟ ସେଭଳି କିଛି କରାଯାଉ ନଥିବାର ଅଭିଯୋଗ ହେଉଛି। 'ମାଧୁରୀଙ୍କ ପ୍ରଦର୍ଶନ ନିଶ୍ଚିତ ପ୍ରଶଂସନୀୟ। ତାଙ୍କ ଜାତୀୟ ଚୟନ ପାଇଁ ମୁଁ ବି ପ୍ରୟାସ କରି ବିଫଳ ହୋଇଛି। ତଥାପି ତାଙ୍କ ପାଇଁ ସମୟ ସରିଯାଇ ନାହିଁ' ବୋଲି ପ୍ରକାଶ କରିଛନ୍ତି ଓସିଏ ମୁଖ୍ୟ ଚୟନକର୍ତ୍ତା ରଶ୍ମିତା ମହାନ୍ତି।



**ମାଧୁରୀ ବ୍ୟାଟରଙ୍କ ତାଲିକାରେ ଶୀର୍ଷରେ**

ବ୍ୟକ୍ତିଗତ ଭାବେ ମାଧୁରୀ କିନ୍ତୁ ମନ ଭିତରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବା କଥାକୁ ସେତେଟା ଗୁରୁତ୍ୱ ଦେଉନାହାନ୍ତି। 'ମୁଁ ଏବେ ଭାରତୀୟ ଦଳକୁ ଫେରିବା କଥା ଭାବୁନାହିଁ। ପ୍ରଥମେ ଆସନ୍ତା ମାସର ବିସିସିଆଇ ଚ୍ୟାଲେଞ୍ଜର୍ ଟ୍ରଫିରେ ସୁଯୋଗ ପାଇଲେ ଏହାର ସଦୁପଯୋଗ କରିବାକୁ ଚେଷ୍ଟା କରିବି। ଏହା ପରେ ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍) ବି ରହିଛି। ଏହି ଦୁଇ ପ୍ରତିଯୋଗିତାରେ ଉନ୍ନତ ପ୍ରଦର୍ଶନ ଦେଖାଇ ପାରିଲେ ନିଶ୍ଚିତ ଭାରତୀୟ ଦଳରେ ଖେଳିବାକୁ ଚୟନକର୍ତ୍ତାଙ୍କ ଉପରେ ଚାପ ପକାଇପାରିବି। କ୍ରିକେଟ୍ ବ୍ୟବସ୍ଥାରେ ସେଭଳି କରିବାକୁ ହୁଏ। ଗୋଟିଏ ଗୋଟିଏ ପାଦ ଆଗକୁ ବଢ଼ାଇବାକୁ ପଡ଼େ' ବୋଲି କହିଥିଲେ ଓଡ଼ିଶା ପୁଲିସରେ ନିଯୁକ୍ତ ବଲାଙ୍ଗୀର ଝିଅ ମାଧୁରୀ।

ସୂଚନାଯୋଗ୍ୟ, ଏକ ସାଧାରଣ ପୃଷ୍ଠଭୂମିରୁ ଆସି ଅସାଧାରଣ ପ୍ରଦର୍ଶନ ଜରିଆରେ ମାଧୁରୀ ପ୍ରଥମ ଓଡ଼ିଆ ଭାବେ ଭାରତୀୟ ମହିଳା ଦଳରୁ ଖେଳିଥିଲେ। ୨୦୧୨ ମସିହା ପ୍ରାରମ୍ଭରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଉଭୟ ଅନ୍ତର୍ଜାତୀୟ ଦିନିକିଆ ଓ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ଖେଳିଥିଲେ। ସୀମିତ ସୁଯୋଗ କିନ୍ତୁ ତାଙ୍କ ପ୍ରତିଭାକୁ ପରିସ୍ଫୁଟନ ଲାଗି ଯଥେଷ୍ଟ ହୋଇ ନଥିଲା। ୫ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ସେ ସୀମିତ ରହିଥିବା ବେଳେ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଘରୋଇ କ୍ରିକେଟ୍‌ରେ ନିରଂତର ପ୍ରଦର୍ଶନ କରି ଆସୁଛନ୍ତି।

# ପୁଣି ପ୍ରେମରେ ପଡ଼ିଲେ ପାଣ୍ଡ୍ୟାଙ୍କ ପୂର୍ବତନ ପତ୍ନୀ



ମୁମ୍ବାଇ,୩୦/୧୦: ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପୂର୍ବତନ ପତ୍ନୀ ନତାଶା ଷ୍ଟାନକୋଭିକ୍ ଆଜିକାଲି ଖୁବ୍ ଚର୍ଚ୍ଚାରେ ଅଛନ୍ତି। କେତେବେଳେ ତାଙ୍କ ମ୍ୟୁଜିକ୍ ଭିଡିଓ ପାଇଁ ତ କେତେବେଳେ ଲୁକ୍ କାରଣରୁ ସେ ଆଲୋଚନାରେ ରହୁଛନ୍ତି। ନିକଟରେ ପ୍ରଯୋଜକ ନିଖିଲ ଦ୍ୱିବେଦୀ ଏକ ଦୀପାବଳି ପାର୍ଟିର ଆୟୋଜନ କରିଥିଲେ, ଯେଉଁଥିରେ ସମସ୍ତ ତାରକା ଯୋଗ ଦେଇଥିଲେ। ପାର୍ଟିରେ ନତାଶାଙ୍କୁ ତାଙ୍କ ଘନିଷ୍ଠ ବନ୍ଧୁ ଆଲେକ୍‌ଜାଣ୍ଡର ଆଲେକ୍ସଙ୍କ ସହ ଦେଖିବାକୁ ମିଳିଥିଲା। ଦୁହିଁଙ୍କ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଚର୍ଚ୍ଚାରେ ରହିଥାଏ। ଆଲେକଜାଣ୍ଡର ଏକ ଗୋଲ୍ଡେନ୍ ରଙ୍ଗର କୁର୍ତ୍ତା ସେଟ୍ ରେ ନଜର ଆସିଥିଲେ। ନତାଶା କଳା ଏବଂ ଗୋଲ୍ଡେନ ରଙ୍ଗର ଏକ ସୁନ୍ଦର ଶାଢ଼ୀ ପିନ୍ଧିଥିବାର ଦେଖିବାକୁ ମିଳିଥିଲା। ହାଲକା ମେକଅପ୍ ସହିତ ନତାଶା ପୂରା ଲୁକରେ ବହୁତ ସୁନ୍ଦର ଦେଖାଯାଉଥିଲେ। ସେ ତାଙ୍କ କ୍ଲାସି ଏବଂ ଚମତ୍କାର ଲୁକରେ ଚମକି ଉଠିଥିଲେ। ନତାଶା ଷ୍ଟାନକୋଭିକ୍ ନିଜର ବ୍ୟକ୍ତିଗତ ଜୀବନକୁ ନେଇ ବହୁତ ଚର୍ଚ୍ଚାରେ ଅଛନ୍ତି। ସେ ୨୦୨୦ରେ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବିବାହ କରିଥିଲେ। ହାର୍ଦ୍ଦିକଙ୍କ ସହ ନତାଶାଙ୍କ ବିବାହକୁ ନେଇ ଖୁବ ଚର୍ଚ୍ଚା ହୋଇଥିଲା। ଦୁହେଁ ଏକ ପୁଅ ଅଗସ୍ତ୍ୟଙ୍କର ପିତାମାତା ଅଟନ୍ତି। ହେଲେ ସେମାନେ ଛାଡ଼ପତ୍ର ଘୋଷଣା କରିଛନ୍ତି। ଛାଡ଼ପତ୍ର ଘୋଷଣା ପୂର୍ବରୁ ନତାଶା ସର୍ବିଆସ୍ଥିତ ନିଜ ଘରକୁ ଚାଲି ଯାଇଥିଲେ। ହେଲେ ଏବେ ସେ ଭାରତ ଫେରିଛନ୍ତି। ନତାଶାଙ୍କ ପାଖରେ ପୁଅ ଅଗସ୍ତ୍ୟ ଏବେ ରହୁଛନ୍ତି। ହାର୍ଦ୍ଦିକଙ୍କଠାରୁ ଅଲଗା ହେବା ପରେ ନତାଶା ଆଲେକଜାଣ୍ଡର ଆଲେକ୍ସଙ୍କ ସହ ନଜର ଆସୁଛନ୍ତି। ଦୁହିଁଙ୍କ ଲିଙ୍କଅପ୍ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଦୁହେଁ ଏ ନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

## ଗଣତନ୍ତ୍ରର ତୃତୀୟ ନୟନ ହେଉ ଗଣମାଧ୍ୟମ: ସୌମ୍ୟରଞ୍ଜନ



**ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ):** ଗତ ଚାରି ଦଶନ୍ଧି ଭିତରେ ଗଣମାଧ୍ୟମରେ ଅନେକ ପରିବର୍ତ୍ତନ ଘଟିଛି। ଛାପା ଗଣମାଧ୍ୟମରୁ ବୈଦ୍ୟୁତିକ ଗଣମାଧ୍ୟମ ଓ ପରେ ସାମାଜିକ ଗଣମାଧ୍ୟମରେ ଆଜି ପହଞ୍ଚିଛି ଗଣମାଧ୍ୟମ ସଂସ୍ଥା। ପରିବର୍ତ୍ତୀତ ପରିସ୍ଥିତିରେ ଖବରକାଗଜର ପାଠକ ସଂଖ୍ୟା ହ୍ରାସ ପାଉଥିବା ବେଳେ ଟେଲିଭିଜନର ଦର୍ଶକ ସଂଖ୍ୟା ପ୍ରାୟ ୮୦ ଭାଗ ହ୍ରାସ ପାଇ ସାରିଲାଣି। ତଥାପି ଆଞ୍ଚଳିକ ଗଣମାଧ୍ୟମର ଆବଶ୍ୟକତା ରହିଛି। ମୁଖ୍ୟକଥା ହେଲା ଗଣମାଧ୍ୟମ ନିଜର ବିଶ୍ୱାସନୀୟତା ହରାଇବା ଯୋଗୁଁ ଏକ ସଙ୍କଟମୟ ପରିସ୍ଥିତିରେ ପଡ଼ିଛି ବୋଲି ଦି ନିୟୁ ଇଣ୍ଡିଆନ ଏକ୍ସପ୍ରେସର ସମ୍ପାଦକୀୟ ନିର୍ଦ୍ଦେଶକ ପ୍ରଭୁଦୟାଲ ଚାୱଲା ମତ ପ୍ରକାଶ କରିଛନ୍ତି। ବୁଧବାର ଶ୍ରୀ ଚାୱାଲା ହୋଟେଲ ତାଜ ଭିଭାନ୍ତରେ ଦୈନିକ ଖବରକାଗଜ ଓ ଡିଜିଟାଲ ଟିଭି ସର୍କାରର ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଗଣମାଧ୍ୟମ ଡରିବା କଥା ନୁହେଁ କି ଡରାଇବା କଥା ନୁହେଁ। ସବୁବେଳେ କିଭଳି ଖବରପରିବେଷଣ ବେଳେ ନିରପେକ୍ଷତା ବଜାଇ ରହିବ ସେ ଦିଗକୁ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଆମେ ଯାହା ଦେଖିବା ଓ ଯାହା ଶୁଣିବା ତାହା ହିଁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ହେବ। ଯଦି ସର୍କାର ଏହି ଗୁରୁଦାୟିତ୍ୱ ନିର୍ବାହ କରିପାରିବ ତେବେ ନିଶ୍ଚିତ ଭାବେ ଲୋକଙ୍କ ଆସ୍ଥାଭାଜନ ହୋଇପାରିବ ବୋଲି ଶ୍ରୀ ଚାୱାଲା କହିଛନ୍ତି। ସେହିପରି ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଇଷ୍ଟଣ୍ଡ ମିଡ଼ିଆ ଗ୍ରୁପର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଗଣମାଧ୍ୟମ ଚତୁର୍ଥସ୍ତମ୍ଭ ବୋଲି ନିଜକୁ ବିଚାର ନ କରି ତୃତୀୟ ନୟନ ଭାବେ କାର୍ଯ୍ୟ କରିବା ଉଚିତ। ସରକାରର ଦୁଇଟି ନୟନ ହେଲା ଦଳର କର୍ମୀ ଓ ସରକାରୀ କର୍ମଚାରୀ। ଅନେକ ସମୟରେ ସେମାନେ ସରକାରଙ୍କୁ ଠିକ କଥା କହି ନ ଥାନ୍ତି। ଏହି ଶୂନ୍ୟସ୍ଥାନ ଗଣମାଧ୍ୟମ ପୂରଣ କରିବା ଉଚିତ। ଏହି ଦିଗରେ ନୂଆ କରି ଜନ୍ମ ନେଇଥିବା ସର୍କାର ଖବରକାଗଜ କାର୍ଯ୍ୟ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏହା ସହିତ ସେ କହିଛନ୍ତି ଯେ, ପୃଷ୍ଠାର ସଂଖ୍ୟାକୁ ନେଇ ଖବରକାଗଜର ଗୁରତ୍ୱ ବିଚାର କରାଯାଏ ନାହିଁ। ବରଂ ଯେତିକି ପୃଷ୍ଠାର କାଗଜ ହେଉନା କାହିଁକି ତାହାର ଖବରର ଗୁଣବତ୍ତା ଲୋକଙ୍କ ଦ୍ୱାରା ଆଦୃତ ହୁଏ। ତେଣୁ ସେ ସର୍କାର ଖବରକାଗଜକୁ ଉଚ୍ଚକୋଟିର ଖବର ପରିବେଷଣ କରିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟତମ ଅତିଥି ରାଜ୍ୟର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ତାଙ୍କର ଶାସନକାଳର ଅନୁଭୂତିରୁ ଗଣମାଧ୍ୟମ ବିଷୟରେ ପରାମର୍ଶ ଦେଇ କହିଥିଲେ ଯେ, ଗଣମାଧ୍ୟମ ନିରପେକ୍ଷ ଭାବେ କାର୍ଯ୍ୟକରିଲେ ଲୋକଙ୍କ ଦ୍ୱାରା ଆଦୃତ ହେବ। ଏହି ପରିପ୍ରେକ୍ଷୀରେ ସେ ସମ୍ବାଦର ଉଦାହରଣ ଦେଇଥିଲେ। ଯେତେ ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ପ୍ରସାର ହେଲେ ବି ଖବରକାଗଜର ଗୁରୁତ୍ୱ ସବୁ ସମ୍ପ୍ରୟରେ ରହିଛି। କାରଣ ଖବରକାଗଜ ହିଁ ସତ୍ୟାସତ୍ୟ ଅନୁସନ୍ଧାନ କରି ଖବର ଲୋକଙ୍କୁ ପରିବେଷଣ କରିଥାଏ। ସର୍କାର ଗ୍ରୁପର ମୁଖ୍ୟ ତଥା ସର୍କାର ଖବରକାଗଜର ପ୍ରତିଷ୍ଠାତା ଜଗଦୀଶ ନାୟକ ମିଡ଼ିଆକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି ବର୍ଣ୍ଣନା କରି ଏହା ଦାୟିତ୍ୱ ସହାକାରେ ସବୁ ଖବରକୁ ଲୋକଙ୍କ ପାଖରେ ପହଞ୍ଚାଇବା ଉଚିତ ବୋଲି କହିଥିଲେ। କେଉଁ ଖବର ପରିବେଷଣ କରାଯିବ, କେତିକି କରାଯିବ ଏବଂ କେଉଁଠି ତାହାକୁ ବନ୍ଦ କରାଯିବ ତାହା ଗୋଟାଏ ଦାୟିତ୍ୱବାନ ଗଣମାଧ୍ୟମ ସଂସ୍ଥାର କର୍ତ୍ତବ୍ୟ ବୋଲି ସେ କହିଥିଲେ। ବିଭିନ୍ନ ଘଟଣା ସମ୍ପର୍କୀତ ଖବରକୁ ବିନା ପକ୍ଷପାତିତାରେ ସର୍କାର ଗ୍ରୁପ ପରିବେଷଣ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୋହନ ଭିଜନ...

ଇ-ମେଲ vision@odisha.gov.in ଜରିଆରେ ରାଜ୍ୟ ସରକାରଙ୍କୁ ଆଜି ଠାରୁ ତିନି ସପ୍ତାହ ମଧ୍ୟରେ ପ୍ରସ୍ତାବ ପଠାଇପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିକଶିତ ଓଡ଼ିଶା ଗଠନ ପାଇଁ ଆମେ ଯେଉଁ ଭିଜନ୍ ଡକୁମେଣ୍ଟ ପ୍ରସ୍ତୁତ କରିବାକୁ ଯାଉଛୁ, ତାହା ଲୋକଙ୍କ ମତାମତ ଆଧାରରେ ହିଁ ପ୍ରସ୍ତୁତ ହେବ। ବିକଶିତ ଓଡ଼ିଶାର ରୂପରେଖ ଓଡ଼ିଶାର ଲୋକମାନେ ହିଁ ପ୍ରସ୍ତୁତ କରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହା କେବଳ ଏକ ସରକାରୀ ଦସ୍ତାବିଜ ହେବ ନାହିଁ, ବରଂ ଏହା ଓଡ଼ିଶାର ଜନସାଧାରଣଙ୍କ ଦ୍ୱାରା, ଜନସାଧାରଣଙ୍କ ପାଇଁ ପ୍ରସ୍ତୁତ ଏପରି ଏକ ଦସ୍ତାବିଜ ହେବ ଯାହା ଜନସାଧାରଣଙ୍କ ଆକାଂକ୍ଷାର ପ୍ରକୃତ ପ୍ରତିଫଳନ ହେବ। ଦୁଇ ଉପ-ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀଗଣ ମଧ୍ୟ ସମାଜର ସବୁ ବର୍ଗର ଜନସାଧାରଣଙ୍କ ସହ ଆଲୋଚନା ମଧ୍ୟ କରି ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଲୋକଙ୍କ ବିଚାର ଓ ପ୍ରସ୍ତାବ ଉପରେ ଅନୁଶୀଳନ କରି ଗ୍ରହଣ କରିବେ। ଆମେ ସମସ୍ତେ ମିଳିମିଶି ଏପରି ଏକ ଓଡ଼ିଶା ଗଠନ କରିବୁ, ଯାହା ଅର୍ଥନୈତିକ ଭାବେ ସମୃଦ୍ଧ ହେବ ଏବଂ ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରିବ। ମାନବ ବିକାଶ ସୂଚକାଙ୍କରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ଅର୍ଜନ କରିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଲୋକଙ୍କ ଇଚ୍ଛା ପ୍ରତିଫଳିତ ହେଉଛି ଏବଂ ହୋଇଚାଲିବ। ୨୦୩୬ ଓ ୨୦୪୭ ର ଓଡ଼ିଶା ଲୋକମାନଙ୍କ ଇଚ୍ଛା ଓ ସ୍ୱପ୍ନର ଏକ ପ୍ରତିଫଳନ ହେବ। ଭିଜନ ଡକୁମେଣ୍ଟ ପ୍ରସ୍ତୁତି ପାଇଁ ବିଶିଷ୍ଟ ନାଗରିକ, ନାଗରିକ ସଂଗଠନ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ପ୍ରବାସୀ ଓଡ଼ିଆ, ଶିଳ୍ପ କ୍ଷେତ୍ରରେ ପ୍ରତିଷ୍ଠିତ ନେତୃବୃନ୍ଦଙ୍କ ସମେତ ସାଧାରଣ ଜନତା ମତାମତ ଦେଇ ପାରିବେ। ଏଥି ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ପରିଚାଳନା କମିଟି ଏବଂ ୬ଟି ସଚିବସ୍ତରୀୟ କମିଟି ଗଠନ କରାଯାଇଛି। ୨୦୪୭ ମସିହାରେ ଭାରତ ସ୍ୱାଧୀନତାର ଶହେ ବର୍ଷ ପୂର୍ତ୍ତି ପାଳନ କରିବ। ଏହା ପୂର୍ବରୁ ୨୦୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ପାଳନ କରିବ । ତେଣୁ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ସଙ୍ଗେ ସଙ୍ଗେ ୨୦୪୭ ମସିହାରେ ବିକଶିତ ଭାରତ ଗଠନ ପାଇଁ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବ।

୨୦୩୬ ସୁଦ୍ଧା ଓଡ଼ିଶା ଏକ ୫୦୦ ବିଲିଅନ୍ ଡଲାର ଅର୍ଥନୀତିରେ ପରିଣତ ହେବାର ଲକ୍ଷ୍ୟ ରଖାଯାଇଛି। ଏହା ସହିତ ୨୦୪୭ ସୁଦ୍ଧା ଆମେ ୧.୫ ଟ୍ରିଲିଅନ୍ ଅର୍ଥନୀତି ହେବାର ଲକ୍ଷ୍ୟ ମଧ୍ୟ ରଖିଛୁ। ପ୍ରଧାନମନ୍ତ୍ରୀଙ୍କର ହୃଦୟରେ ଓଡ଼ିଶା ପ୍ରତି ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ପ୍ରଧାନମନ୍ତ୍ରୀ ଅନେକ ଥର କହିଛନ୍ତି ବିକଶିତ ଭାରତରେ ଓଡ଼ିଶା ବିକାଶର ଇଞ୍ଜିନ ହେବ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ବିକାଶର ଗତି ତ୍ୱରାନ୍ୱିତ ହେବ ଏବଂ ଓଡ଼ିଶା ସବୁ କ୍ଷେତ୍ରରେ ଅଗ୍ରଗତି କରି ଦେଶର ଏକ ପ୍ରମୁଖ ରାଜ୍ୟ ହେବ, ଏଥିରେ ସନ୍ଦେହ ନାହିଁ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକମାନେ ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆମର ଶାସନ ଓ ପ୍ରଶାସନରେ ଏହି ଗଣତାନ୍ତ୍ରିକ ପରମ୍ପରାକୁ ସର୍ବାଧିକ ଗୁରୁତ୍ୱ ଆରୋପ କରାଯାଉଛି।

ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଚାଲୁଥିବା ଆମ ସରକାର ଲୋକଙ୍କ ସରକାର ଭାବରେ ପରିଚୟ ହାସଲ କରିଛି। ଲୋକଙ୍କ ସରକାର ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଲୋକଙ୍କୁ ଅଂଶୀଦାର କରି ଆଗକୁ ବଢ଼ିବ। ତେଣୁ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଯେଉଁ ଭିଜନ ଡକୁମେଣ୍ଟ ପ୍ରସ୍ତୁତ ହେବ ସେଥିରେ ସବୁ ବର୍ଗର ଲୋକଙ୍କ ମତାମତ ପ୍ରତିଫଳିତ ହେବ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ, ନୀତି ଆୟୋଗର ସହଯୋଗରେ ଓଡ଼ିଶା ସରକାର ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ସାଧାରଣ ଲୋକଙ୍କ ଠାରୁ ମତାମତ ସଂଗ୍ରହ କରାଯିବ। ଉତ୍କୃଷ୍ଟ ମତାମତ ଆଧାରରେ ଏହି ଡକୁମେଣ୍ଟ ପ୍ରସ୍ତୁତ କରାଯିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଆଇନ, ଅବକାରୀ ଏବଂ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ, ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଅଦିନିଆ...

ପାଇଁ ଉଦ୍ୟମ ଚାଲିଥିବା ଆଲୋଚନା ହୋଇଥିଲା। ଏହାକୁ ସବୁ ସ୍ତରରେ ବିରୋଧ କରାଯିବା ପରେ ରାଜ୍ୟ ସରକାର ତତ୍କାଳୀନ ଜିଲ୍ଲାପାଳଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶଳ ଦେଇଥିଲେ। ଇସ୍କନ ପକ୍ଷରୁ ମଧ୍ୟ ସ୍ପଷ୍ଟୀକରଣ ଦିଆଯାଇ ଏଭଳି ଯୋଜନା ନ ଥିବା ସ୍ପଷ୍ଟ କରାଯାଇଥିଲା।

### ଏବେ ସମସ୍ତଙ୍କ...

ପ୍ରସ୍ତୁତ ହୋଇଥିବା ଅଡିଓକୁ ବଜାଯାଉଛି। କିଏ କାହାକୁ କ'ଣ କହୁଛି ତାହା ଜଣାପଡୁନଥିଲେ ମଧ୍ୟ ସାଂସଦଙ୍କୁ ଟାଣି ଓଟାରି ଏଥିରେ ଯୋଡାଯାଉଛି। କିଛି ଗଣମାଧ୍ୟମରେ ମଧ୍ୟ ଏହା ସ୍ଥାନ ପାଇବାରେ ଲାଗିଛି । ବିଜେଡିର ପରାଜୟ ପରେ ଦଳର କିଛି ନେତା ବବି ଦାସଙ୍କୁ ଦାୟୀ କରୁଛନ୍ତି । ବବି କୌଣସି ପ୍ରତିକ୍ରିୟାରେ ମୁହଁ ଖୋଲୁନଥିବା ବେଳେ ତାହାର ଫାଇଦା ଉଠାଇବାପାଇଁ କିଛି କୁଜି ନେତା ଲାଗି ପଡିଛନ୍ତି। ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଏଭଳି ଭାଇରାଲ ଅଡିଓ ଉପରେ କିଛି ବିଜେପି ନେତା ମଧ୍ୟ ମତ ରଖିବା ଆରମ୍ଭ କରିଛନ୍ତି। ଏହା ଏବେ ନିଜ ପ୍ରଚାର ପାଇଁ ଯୋଜନା କରିଥିବା କୁଜି ନେତାଙ୍କୁ ଉତ୍ସାହିତ କରିଛି । ଯେଉଁ ନେତାମାନେ ଦିନେ ଦଳୀୟ ଟିକଟ ଖଣ୍ଡିଏ ପାଇବା ପାଇଁ ବବି-ମାନସଙ୍କୁ ଖୋସାମତ କରୁଥିଲେ ଓ ଟିକଟ ନେଇ ନିଜ ଅପାରଗତାରୁ ପରାଜିତ ହେଲେ ସେମାନେ ବି ଏବେ ମଉକା ଦେଖି ଏ ଦୁଇଜଣଙ୍କ ବିରୁଦ୍ଧରେ ମୋର୍ଚ୍ଚା ଖୋଲିଛନ୍ତି। ନକଲି ଅଡିଓକୁ ଭାଇରାଲ କରୁଛନ୍ତି । ଯଦିଓ ଏଭଳି ଅଡିଓ ଓ ବଦନାମ ଖବର ଉପରେ ବବି କିମ୍ବା ମାନସ କେହି ହେଲେ ମୁହଁ ଖୋଲୁ ନାହାନ୍ତି, କିନ୍ତୁ ଏ ଦୁଇଜଣଙ୍କୁ ବଦନାମ କରି କିଛି କୁଜି ନେତା ଯେ ନିଜ ପ୍ରଚାର ଲାଗି ସମସ୍ତ ବନ୍ଦୋବସ୍ତ କରିଛନ୍ତି ତାହା ଜଳ ଜଳ ହୋଇ ଦିଶୁଛି ।

### ପ୍ରମିଳାଙ୍କୁ ...

ନିର୍ବାଚିତ ପ୍ରତିନିଧି ହୋଇଥିଲେ ମଧ୍ୟ ବିଜେପିରୁ ବିଶ୍ୱ ମଲ୍ଲିକଙ୍କୁ ଆଣି ସରକାରୀ କାମରେ ଭାଗ ବସା ଯାଉଥିଲା। ପଞ୍ଚାୟତ ନିର୍ବାଚନରେ ଯେମିତି ମୁଁ ବ୍ଲକ୍ ଅଧ୍ୟକ୍ଷ ପଦ ନହାତେ ପାରିବି, ସେଥିପାଇଁ ବବିଙ୍କ ନିର୍ଦ୍ଦେଶରେ ବରୀ ଓ ରସୁଲପୁର ବିଡିଓ କ୍ରସ୍ ଭୋଟିଂ କରିଥିଲେ ବୋଲି ସାଂଘାତିକ ଅଭିଯୋଗ ଆଣିଛନ୍ତି ସୁନନ୍ଦା। ଅନ୍ୟପଟେ ସୁନନ୍ଦାଙ୍କୁ ଉପରେ ପାଲଟା ଅଭିଯୋଗ ଆଣିଛନ୍ତି, ବିଜେଡି ବିଧାୟକ ବିଶ୍ୱରଂଜନ ମଲ୍ଲିକ। ସୁନନ୍ଦା ନିର୍ବାଚନରେ ବିଜେପି ପାଇଁ କାମ କରୁଥିଲେ। ସେ ଦଳ ଛାଡିଲେ କୌଣସି ପ୍ରଭାବ ପଡିବନି ବୋଲି କହିଛନ୍ତି ବିଶ୍ୱରଞ୍ଜନ ମଲ୍ଲିକ।

### ନଭେମ୍ବର ୨୬ରୁ ...

ଅସ୍ଥାୟୀ କ୍ୟାଲେଣ୍ଡର ଅନୁଯାୟୀ ସରକାରୀ କାର୍ଯ୍ୟ ପାଇଁ ଅତି କମରେ ୨୦ ଦିନ ଏବଂ ବେସରକାରୀ ସଦସ୍ୟ ବ୍ୟବସାୟ (ବିଲ୍ ଏବଂ ସଂକଳ୍ପ) ପାଇଁ ୫ ଦିନ ସମୟ ଦିଆଯିବ। ଡିସେମ୍ବର ୨୫ ରେ ଖ୍ରୀଷ୍ଟମାସ ଅବସରରେ ବିଧାନସଭା ବନ୍ଦ ରହିବ। ନଭେମ୍ବର ୨୬ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ସମସ୍ତ ରବିବାର ଗୃହ ବନ୍ଦ ରହିବ।

### ପାଟନାରେ...

ପାଇଁ ୬ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି।

ପାଟନା ମେଟ୍ରୋ ପ୍ରକଳ୍ପର ଏନ୍‌ଆଇଟି ପ୍ରସ୍ଥାନ ଫାଟକ ନିକଟରେଏହି ଦୁର୍ଘଟଣା ଘଟିଥିଲା। ଯେଉଁଥିରେ ଲୋକୋ ପିକଅପ୍ ବ୍ରେକ୍ ଫେଲ ହେବାରୁ ଦୁଇ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଆହତ ହୋଇଥିଲେ। ନାଇଟ୍ ସିଫ୍ଟ ସମୟରେ ଏକ ଲୋଡ୍ ଲୋକୋ ପିକଅପ୍ ବିବେକ୍ ଫେଲ ହୋଇ ଶ୍ରମିକଙ୍କ ଉପରେ ମାଡ଼ିଯାଇଥିଲା।

### ପତ୍ନୀ ହତ୍ୟା ମାମଲା...

ଆଧାରରେ ରାମମୂର୍ତ୍ତି ଗମାଙ୍ଗଙ୍କୁ ୨୦୨୩ରେ ଦୋଷୀ ସାବ୍ୟସ୍ତ କରି ଆଜୀବନ ଦଣ୍ଡାଦେଶ ଦେଇଥିଲେ। ଆଇପିସି ଦଫା-୩୦୨(ହତ୍ୟା) ରେ ଆଜୀବନ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି।

ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ କହିଥିଲେ। ସେହିପରି ଦଫା-୨୦୧(ପ୍ରମାଣ ନଷ୍ଟ କରିବା) ରେ ତିନି ବର୍ଷ ଜେଲ୍ ଦଣ୍ଡାଦେଶ ଓ ୧୦ ହଜାର ଟଙ୍କା ଜରିମାନା କରାଯାଇଥିଲା। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ। ଉଭୟ ଦଣ୍ଡାଦେଶ ଏକସଙ୍ଗେ ଲାଗୁ ହେବ। ରାଜ୍ୟରେ ଏମପି, ଏମ୍‌ଏଲ୍‌ଏଙ୍କ ମାମଲା ଆଦିର ତ୍ୱରିତ ବିଚାର ପାଇଁ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ହେବା ପରେ ଏହା ପ୍ରଥମ ଦଣ୍ଡାଦେଶ ଥିଲା। ସ୍ୱତନ୍ତ୍ର କୋର୍ଟ ରାୟ ବିରୋଧରେ ଶ୍ରୀ ଗମାଙ୍ଗ ହାଇକୋର୍ଟରେ ଅପିଲ କରିଥିଲେ। ହାଇକୋର୍ଟ ରାୟକୁ କାଏମ ରଖିଛନ୍ତି।

# ଯାନୀଯାତ୍ରା ଆଳରେ ଜୁଆ ଖେଳ

**କାକଟପୁର/ଅସ୍ତରଙ୍ଗ, ୩୦।୧୦ (ସଂଚାର ବ୍ୟୁରୋ) :** ଯାନୀଯାତ୍ରା ଆଢୁଆଳରେ ଚାଲିଛି ଜୁଆଖେଳ।ଯାତ୍ରାରେ ଲୋକଙ୍କ ଗହଳି ଭିତରେ ବେଧଡକ ଜୁଆ ଖେଳ ହେଉଛି।ତେବେ ସଂସ୍କୃତି ପାଳିବା ବେଳେ ଜୁଆ ଖେଳ ଯେମିତି ପରମ୍ପରା ପାଲଟିଯାଇଛି।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ପନ୍ଦର ଟି ପଂଚାୟତ ଅସ୍ତରଙ୍ଗ ଥାନା, କୋଣାର୍କ ଥାନା, କାକଟପୁର ଥାନା ଓ ସାମୁଦ୍ରିକ ଥାନା ନୂଆଗଡ଼ ଥାନା ଅଞ୍ଚଳରେ ଯାଉଥିବା ବେଳେ କିନ୍ତୁ ଗ୍ରାମାଞ୍ଚଳରେ ପରମ୍ପରା ଅନୁଯାଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।ଏହାକୁ ଆଧାର କରି ଅନେକ ଅସାମାଜିକ



ବ୍ୟକ୍ତି ଜନାକୀର୍ଣ୍ଣ ପରିବେଶରେ ଖୁଲମଖୁଲା ଜୁଆ ଖେଳ କରୁଛନ୍ତି।ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅଶୋନ୍ତସ ପ୍ରକାଶ ପାଇଛି।ଏହି ଖେଳଟି ଏକ ପାଲରେ ବିଭିନ୍ନ ରଙ୍ଗରେ ଚିତ୍ରିତ କରାଯାଇ ଚିଡ଼ିଆ, କଳାପାନ, ଲାଲ ପାନ, ପତାକା, ଫୁଲ ଏବଂ ଠିକିରି ଚିତ୍ର କରାଯାଇ ଗ୍ଲାସ ମାଧ୍ୟମରେ ଗୋଟି ଗଡ଼ାଯାଉଛି। ଏହା ଦ୍ୱାରା ଜୁଆ ଖେଳାଳି ସହ ସହ ଟଙ୍କାର ଜୁଆ ପାଲିରେ ଥୋଇଥାନ୍ତି।ଯାହା ଫଳରେ ପୁଲିସ ନିଷ୍କ୍ରିୟତା ଯୋଗୁଁ ଖୁଲମଖୁଲା ବିଳମ୍ବିତ ରାତ୍ରରେ ଚାଲିଛି ଜୁଆ ଆଡ୍ଡା।କେବେ ପୁଲିସ ଜୁଆ ଆଡ୍ଡା ଉପରେ ଚଢ଼ାଉ କରୁଛି ତାହା ହିଁ ଅପେକ୍ଷା।

# ଅଭିଯୁକ୍ତ ଗିରଫ: ବୈଦ୍ୟୁତିକ ସାମଗ୍ରୀ ଜବତ

**କାକଟପୁର/ଅସ୍ତରଙ୍ଗ, ୩୦।୧୦ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ କୃପାସିନ୍ଧୁପୁର (ଶୁଆଖିଆ )ଓ ଫକୀର ଅଂଚଳରେ ଚୋରି କରିଥିବା ଦୁଇ ଜଣ ଯୁବକଙ୍କୁ ଗିରଫ ସହ ଅନେକ ସାମଗ୍ରୀ ଜବତ କରିଛି ପୋଲିସ। ସୂଚନା ମୁତାବକ ଗତ ମେ ମାସ ୧୩ତାରିଖ ଦିନ କୃପାସିନ୍ଧୁପୁର ଅଂଚଳର ବାଳକୃଷ୍ଣ




ମିଶ୍ର ଓ ତାଙ୍କ ପରିବାରର ସଦସ୍ୟମାନେ ପୁଅ ପାଖକୁ ପୁରୀ ଯାଇଥିଲେ। ସେ ମେ ୧୬ତାରିଖରେ ଘରକୁ ଫେରିଦେଖିଥିଲେ ଘରେ ଥିବା ସାମଗ୍ରୀ ଚୋରି ହୋଇଛି। ତା ମଧ୍ୟରେ ଫ୍ରିଜ, ଇନିଭଟର, ଫଙ୍ଖା ଦୁଇଟା, ପାଣି ପମ୍ପ ଓ କଂସା ବାସନ ଚୋରି ହୋଇଛି, ଯାହାକୁ ନେଇ କାକଟପୁର ଥାନାରେ ଅଭିଯୋଗ କରିଥିଲେ। ଥାନାରେ କେଶ ନମ୍ବର ୧୧୫/୨୪ରୁଜୁ କରି ପୋଲିସ ତଦନ୍ତ କରୁଥିଲା। ଅକ୍ଟୋବର ୫ତାରିଖରେ ଫକୀର ସାହି ନିକଟରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରରୁ ରାତିରେ ଦୁର୍ବୃତ୍ତ ତାଲା ଭାଙ୍ଗି ଗୋଟେ ଫ୍ରିଜ, ଗୋଟେ ଷ୍ଟିଲ ଟେବୁଲ, ୬ଟି ପ୍ଲାଷ୍ଟିକି ଚୌକି ଚୋରି ହୋଇଥିବା କବିତା ସାହୁ କାକଟପୁର ଥାନାରେ ଅଭିଯୋଗ ପରେ କେଶ ନମ୍ବର ୨୦୨/୨୪ରୁଜୁ କରି ତଦନ୍ତ ଜାରି ରଖିଥିଲା କାକଟପୁର ପୋଲିସ। ବିଶେଷ ସୂତ୍ରରୁ ଖବର ପାଇଁ ପୋଲିସ ଚଢ଼ଉ କରି ପବିତ୍ର କାଣ୍ଡି ଓରଫ ପବନି (୪୫)ଓ ଅଶୋକ କାଣ୍ଡି (୪୫) ଗିରଫ କରିବା ସହ ତାଙ୍କ ନିକଟରୁ ବୈଦ୍ୟୁତିକ ସାମଗ୍ରୀ ଜବତ କରିଛି। ଏନେଇ ସୂଚନା ଦେଇଛନ୍ତି କାକଟପୁର ଥାନାଅଧିକାରୀ ବିଜୟ କେତନ ବେହେରା।

### ଗୋମାଂସ ଚାଲାଣ ଅଭିଯୋଗ

# ଗାଡ଼ି ଛାଡି ଚାଳକ ଫେରାର

**ବାଲିପାଟଣା, ୩୦।୧୦ (ସଂଚାର ବ୍ୟୁରୋ):** ଭୁବନେଶ୍ୱର କମିସନରେଟ ପୁଲିସ ଅଧୀନ ବାଲିପାଟଣା ଥାନା ନରୋଦା ବଜାରରୁ ୧ କୁଇଣ୍ଟାଲରୁ ଉର୍ଦ୍ଧ ଗୋ ମାଂସ ଜବତ ହୋଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଜବତ ହୋଇଛି। ସୂଚନା ଅନୁସାରେ ଆଜି ସକାଳୁ ନିମାପଡ଼ା ଅଞ୍ଚଳରୁ ଓଡିଓ୨ସିଏମ୍ ୭୧୮୨ ନମ୍ବର ଥିବା ଏକ ପିକପ୍ ଭ୍ୟାନ୍ ରେ ଚାଲାଣ ହେଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ନିମାପଡ଼ା ଅଞ୍ଚଳର ୩ଜଣ ଯୁବକ ସେହି ଗାଡ଼ିଟିର ପିଛା କରିଥିଲେ। ଚାଳକ ଟି ଦୃତଗତିରେ ଗାଡ଼ିକୁ ନେଇ ଖସିବାକୁ ଚେଷ୍ଟା କରୁଥିବା ବେଳେ ନରୋଦା ବଜାର ଷ୍ଟେଟବ୍ୟାଙ୍କ ସମ୍ମୁଖରେ



ଯୁବକ ଅଟକାଇ ଥିଲେ। ଗାଡିରୁ ଓହ୍ଲାଇବା ପରେ ଚାଳକ ଅନ୍ଧାର ଥିବା ହେତୁ ଫାଇଦା ଉଠାଇ ପିକପ୍ ଭ୍ୟାନ୍‌ଟିକୁ ଛାଡିଦେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ସୂଚନା ମିଳିଛି। ଗାଡିରୁ ସୂତା ଆଖରେ ଥିବା ୩ଟି ଗୋମାଂସ ଭର୍ତ୍ତି ଅଖାଥିଲା ୧କୁଇଁଣ୍ଟାଲ ରୁ ଅଧିକ ଥିବା ଗୋମାଂସ ବାଲିପାଟଣା ଥାନା ଏସଆଇ ରାକେଶ ସାମଲ ସୂଚନା ଦେଇଛନ୍ତି। ଗାଡ଼ିରେ ଏତେ ପରିମାଣର ଗୋମାଂସ ଦେଖିଲା ପରେ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।ବାଲିପାଟଣା ପୋଲିସ୍ ଘଟଣା ସ୍ଥଳରୁ ପିକପ୍ ଭ୍ୟାନ ଓ ଗୋମାଂସ କୁ ଜବତ କରି ଅଧିକ ତଦନ୍ତ ଚଳାଇଛି।

### ଆଧୁନିକ ଯୁଗର ରଙ୍ଗୀନ ଆଲୋକ କାଳ

# ବିଲୁପ୍ତ ହେବାକୁ ବସିଲାଣି ମାଟି ଦୀପ

**ବାଲିପାଟଣା, ୩୦।୧୦ (ସଂଚାର ବ୍ୟୁରୋ) :** ଆଲୋକର ପର୍ବ ଦୀପାବଳି । ଏହି ଉତ୍ସବକୁ ନେଇ ବେଶ ଦୁଇ ପଇସା ରୋଜଗାର କରିବା ଆଶାରେ ଥିବା କୁମ୍ଭକାର ପରିବାର ଏବେ ଦୁର୍ଦ୍ଦିନରେ। ଦିନ ଥିଲା ପ୍ରତି ଘରେ ମାଟି ପାତ୍ରର ଚାହିଦା ଥିଲା । କିନ୍ତୁ ଆଧୁନିକତାର ଛାପରେ ମାଟି ପାତ୍ରର ବ୍ୟବହାର ଆଉ ଦେଖିବାକୁ ମିଳୁନାହିଁ । କେବଳ ସାମାଜିକ ଉତ୍ସବ ଅନୁଷ୍ଠାନରେ ହିଁ ଖୋଜା ପଡେ କୁମ୍ଭକାରଙ୍କୁ।

ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକର ଦାମୋଦରପୁର/ତୁରିନ୍ତିରା ଏବଂ ନରୋଦା ଗ୍ରାମରେ ରୁହନ୍ତି ପ୍ରାୟ ଶତାଧିକ କୁମ୍ଭକାର ପରିବାର । ପୂର୍ବ ପୁରୁଷରୁ ଚଳି ଆସିଥିବା ଏମାନଙ୍କ କୌଳିକ ବୃତ୍ତି ଆଜି ବିଲୁପ୍ତ ପ୍ରାୟ । ସମୟ ସ୍ରୋତରେ ଆଜିର ଯୁବପିଢ଼ି ଏହି କୌଳିକ ବୃତ୍ତି ଠାରୁ ନିଜକୁ ଦୂରେଇ ରଖୁଛନ୍ତି । ଉପଯୁକ୍ତ ପ୍ରୋତ୍ସାହନ ଅଭାବ ହେଉ କି ବ୍ୟବସାୟରେ ମାନ୍ଦା ଯୋଗୁଁ ଏହି ପୁରାତନ କୌଳିକ ବୃତ୍ତି ସଙ୍କଟରେ । ଆଗକୁ ଆସୁଛି ଆଲୋକର ପର୍ବ ଦୀପାବଳି । ଏଠାରେ ବିଭିନ୍ନ ରକମର ଦୀପ ତିଆରି



କରିଛନ୍ତି କୁମ୍ଭକାର । ଆଧୁନିକ ଯୁଗର ଲୋକମାନଙ୍କୁ ସୁହାଇଲା ଭଳି ସେମାନଙ୍କ ପାଖରେ ଟଙ୍କା ରହିଥିବା ବେଳେ ନିଜର ପୁରୁଣା ଜ୍ଞାନ କୌଶଳରେ ନିର୍ମିତ ମାଟିର ଅତିସୁନ୍ଦର କାରୁକାର୍ଯ୍ୟକୁ ଲୋକମାନେ ନେବାପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି । କାରଣ ମେସିନରେ ତିଆରି ବିଭିନ୍ନ ମାଟି ତିଆରି ସାମଗ୍ରୀ ବଜାରରେ ଅତି କମଦାମରେ ମିଳୁଥିବା ବେଳେ ଗାଁର କୁମ୍ଭାର ତିଆରି ସାମଗ୍ରୀ ଟିକେ ଦାମ ରହୁଥିବାରୁ ଲୋକମାନେ ସେମାନଙ୍କ ଜିନିଷ ନେବାକୁ ପସନ୍ଦ କରୁନାହାନ୍ତି। ଏଣୁ କୁମ୍ଭକାର ପରିବାର ଏବେ ହତାଶ।

ଚଳିତ ବର୍ଷ ଆଧୁନିକତାର ତାଳରେ ତାଳ ଦେଇ ରଙ୍ଗ ବେରଙ୍ଗର ବିଭିନ୍ନ ପ୍ରକାର ଦୀପ ତିଆରିରେ ଲାଗି ପଡିଛନ୍ତି ସନ୍ତୋଷ ମୁଦୁଲି, ରଚନା ମୁଦୁଲି, ଲଳିତା ମୁଦୁଲି, ବାସନ୍ତୀ ମୁଦୁଲି ଏମିତି ବହୁତ କାରିଗର। ଗାଁ ଗାଁ ବୁଲି ମାଟି ପାତ୍ର, ଦୀପ, ହାଣ୍ଡି, ମାଠିଆ ଇତ୍ୟାଦି ଧରି ବିକ୍ରି କରିବାକୁ ଯାଉଥିବା ବେଳେ ଲୋକେ ଆଧୁନିକ ଜିନିଷ ପ୍ରତି ଆକୃଷ୍ଟ ଯୋଗୁଁ ଗାଁରେ ସେମାନଙ୍କ ବିକ୍ରିବଟା ଠିକ୍‌ସେ ହୋଇପାରୁନଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି କୁମ୍ଭକାର ପରିବାର । ସରକାରଙ୍କ କ୍ଷୁଦ୍ର ଶିଳ୍ପ ନିଗମ କିମ୍ବା ଓରମାସ ପକ୍ଷରୁ ଏହି କୌଳିକ ବୃତ୍ତିକୁ ଯଦି ଉପଯୁକ୍ତ ମାନ୍ୟତା ଏବଂ ପ୍ରୋତ୍ସାହନ ମିଳିଥିଲେ ଆଜିର ଯୁବ ପିଢ଼ି ଏହି କୌଳିକ ବୃତ୍ତିକୁ ଆପଣେଇବା ସହ ନିଜେ ସ୍ୱାବଲମ୍ବୀ ହୋଇପାରିଥାନ୍ତେ ବୋଲି ମତ ପ୍ରକାଶ କରିଛନ୍ତି।

# ପୋଖରୀରେ ବୁଡି ଯୁବକ ମୃତ



**କେନ୍ଦ୍ରାପଡା, ୩୦।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଗୋପ ଗ୍ରାମର ଶରତ ପ୍ରଧାନଙ୍କ ପୁଅ ରାଜେଶ ପ୍ରଧାନ (୩୫) ଗତକାଲି ଠାରୁ ନିଖୋଜ ଥିଲେ। ବହୁ ଖୋଜ ଖୋଜି କରିବା ପରେ ମଧ୍ୟ ରାଜେଶଙ୍କର ଖବର ମିଳିନଥିଲା । ବୁଧବାର ସକାଳେ ରାଜେଶଙ୍କ ମୃତ ଦେହ ଗାଁ ମହାଦେବ ପୋଖରୀରେ ଭାସୁ ଥିବାର ଦେଖିବାକୁ ମିଳିଥିଲା। ଖବର ପାଇ ଅଗ୍ନିଶମ ବିଭାଗ ଓ କେନ୍ଦ୍ରାପଡା ପୋଲିସ ଘଟଣା ସ୍ଥଳରେ ପହଁଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି । ତେବେ ରାଜେଶ ବାତ ରୋଗରେ ପୀଡିତ ଥିବାରୁ ପାଣିରେ ବୁଡି ପ୍ରାଣ ହରାଇଥିବା ଅନୁମାନ କରାଯାଉଛି । ପୋଲିସ ଘଟଣା ତଦନ୍ତ କରୁଥିବାର ଜଣାପଡିଛି ।

# ଅଭିନବ ଉପାୟରେ ଦୀପାବଳି ପାଳନର ବାର୍ତ୍ତା ଦେଲେ ସ୍ୱେଚ୍ଛାସେବୀ

**ଭୁବନେଶ୍ୱର, ୩୦।୧୦ (ସଂଚାର ବ୍ୟୁରୋ):** ସାମାଜିକ ଅନୁଷ୍ଠାନ 'ଇଣ୍ଡିଆ କ୍ଲିନ୍ ଏୟାର ନେଟ୍‌ୱାର୍କ' ଓ 'ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ' ତରଫରୁ ଏକ ଅଭିନବ ଉପାୟରେ ଦୀପାବଳୀ ପାଳନ କରିବାର ବାର୍ତ୍ତା ପ୍ରଦାନ କରିଛନ୍ତି। 'ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ' ସର୍ବଦା ପରିବେଶ ସୁରକ୍ଷା ପ୍ରତି କାର୍ଯ୍ୟକ୍ରମଗୁଡ଼ିକ କରିଆସୁଛନ୍ତି। ଏହାକୁ ବଜାୟ ରଖି ଆଜି ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ପରିବେଶ ସୁରକ୍ଷା ପାଇଁ ଆଲୋକରେ ସୁସଜ୍ଜିତ ସାଇକେଲ୍ ଭୁବନେଶ୍ୱରସ୍ଥିତ ଶିଶୁଭବନ ଛକରୁ ମାଷ୍ଟରକ୍ୟାଣ୍ଟିନ୍ ପର୍ଯ୍ୟନ୍ତ ଯାତ୍ରା କରିଥିଲେ।




ଆତସବାଜୀ ମୁକ୍ତ ଓ ପରିବେଶ ଅନୁକୂଳ ଦୀପାବଳୀ ପାଳନ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା।

ସ୍ୱେଚ୍ଛାସେବୀମାନେ ବାଣକୁ ନା, ପ୍ରଦୂଷଣମୁକ୍ତ ପରିବେଶ ପ୍ରଭୃତି ଲେଖାଥିବା ସ୍ଲୋଗାନର ପୋଷ୍ଟର ଧରି ସାଇକେଲ୍ ଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ଛାତ୍ରଛାତ୍ରୀମାନେ ଯୋଗଦେଇ ଉପସ୍ଥିତ ଜନସାଧାରଣମାନଙ୍କୁ ଏହି ଦୀପାବଳୀରେ ଆତସର କରାଳ ଶବ୍ଦ ଓ ପ୍ରଦୂଷଣରୁ ନିଜକୁ ଦୂରେଇ ରଖିବା ସହ ଅନ୍ୟମାନଙ୍କୁ ଦୂରେଇ ରଖିବାକୁ ଅନୁରୋଧ କରିଥିଲେ। ଯେହେତୁ ଦୀପାବଳୀଟି ଆଲୋକର ପର୍ବ ତେଣୁ ବିଭିନ୍ନ ପ୍ରକାରର ଆଲୋକରେ ଘର, ଯାନବାହନ ପ୍ରଭୃତିକୁ ସଜାଇବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ହାସ୍ୟ ଅଭିନେତା ହାଡୁ, ମୀର ଅହମ୍ମଦ ଅଲ୍ଲୀ, ମଧୁସ୍ମିତା ଦାସ, ବିନ୍ଦୁଜା ଉପାଧ୍ୟାୟ, ବିନୋଦ ରାଉତ, ମନୋଜ କୁମାର ସାହୁ, ସରୋଜ କୁମାର ପ୍ରଧାନ, ତାପସ ଦେ, ଚନ୍ଦନ, ବିଷ୍ଣୁ, ସତ୍ୟ, ସୂର୍ଯ୍ୟ, ପ୍ରଜ୍ଞା, ଦିବ୍ୟାଙ୍ଗନା, ଲକ୍ଷ୍ମୀପ୍ରିୟା, ଶ୍ରାବଣୀ ପୂଜା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ସଚେତନ କରାଇଥିଲେ।

# ଦୁର୍ନୀତି ନିବାରଣ ସତର୍କତା ସଭା




**ଜଗତସିଂହପୁର, ୩୦।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାରେ ୨୮.୧୦.୨୦୨୪ତାରିଖ ଠାରୁ ୦୩.୧୧.୨୦୨୪ରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଠାରେ ଦୁର୍ନୀତି ନିବାରଣ ସତର୍କତା ସଭା ଡି.ଏସ.ପି ଭିଜିଲାନ୍ସ ଅନୁପମା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ଲକ ସଭାପତି ମନୋଜ କୁମାର ବେହେରା ଉପସ୍ଥିତ ସମସ୍ତଙ୍କୁ ନିଜ ଆଚରଣରେ ସାଧୁତା, ସଚ୍ଚୋଟତା ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଏହି ସଭାରେ ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ସତ୍ୟଜିତ ସ୍ୱାଇଁ, ଦୁର୍ନୀତି ନିବାରଣ ବିଭାଗର ଇନ୍ସପେକ୍ଟର ସିଦ୍ଧାର୍ଥ କୁମାର ରାଉତ ଓ ଅର୍ଥ ଅଧିକାରୀ ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ରହି ଦୁର୍ନୀତି ନିବାରଣ ବିଷୟ ରେ ସତର୍କତା ବାର୍ତ୍ତା ଦେଇଥିଲେ। ଆୟୋଜିତ ଏହି ସଭାରେ ତିର୍ତ୍ତୋଲ ବ୍ଲକ୍ ଅଫିସ୍ ର କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ, ଜନସାଧାରଣ ତଥା ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଜଳ ନିଷ୍କାସନ ନାଳ ପୋତି ହେବାରୁ ଶହଶହ ଏକର ଜମି ଚିରୁଡିମୟ

**କଣାସ, ୩୦।୧୦ (ସଂଚାର ବ୍ୟୁରୋ):** କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀ ଓ ଲୁଣାନଦୀ ମଧ୍ୟବର୍ତ୍ତୀ ଅଞ୍ଚଳର ବର୍ଷା ଓ ବନ୍ୟାଜଳ ନିଷ୍କାସନ ପାଇଁ କଣାସ ଠାରୁ ଚିଲିକା ପର୍ଯ୍ୟନ୍ତ ଯାଇଥିବା ଜଳନିଷ୍କାସନ ନାଳଟି ପୋତି ହେବା ଦ୍ୱାରା ବର୍ଷା ଜଳ ନିଷ୍କାସନ ନ ହୋଇପାରି ମାସ ମାସ ଧରି ଜଳ ଜମି ରହୁଥିବାରୁ ଶାରଦ ଧାନ ଫସଲ ନଷ୍ଟ ହେବା ସହ ଅନେକ ଜମିରେ ଚିରୁଡି ମାଡିଯାଇଥିବା ଦେଖିବାକୁ ମିଳୁଛି।



କଣାସ ବ୍ଲକର ତ୍ରିଲୋଚନପୁର, କଣାସ, ଅଣ୍ଡାଳସିଂହ, ସିରେଇ, ବିଜିପୁର, ବିନ୍ଧଣ, ଗଡ଼ସାହି, ଖଣ୍ଡହତା, ଆଳିବାଡ, ଯାମଳଗୋଦା, ଗଡ଼ିଶାଗୋଦା ଗ୍ରାମପଞ୍ଚାୟତର ବର୍ଷାଜଳ ଓ ବନ୍ୟାଜଳ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରୁ ଯାଇଥିବା ଖରଖରା ନାଳରେ ଯାଇ ଦୁପୁର ନିକଟରେ ଚିଲିକାକୁ ମିଶି ଥିବା ସୁହାଗପୁର ନାଳ ସହିତ ସଂଯୋଗ ହୋଇଛି। ଉକ୍ତ ଦୁଇଟି ଯାକ ନାଳ ଦୀର୍ଘଦିନ ହେଲା ଖନନ ନ ହେବାରୁ ପୋତି ହୋଇପଡ଼ିବା ଓ କଲିକତି ଦଳ ଜମା ହୋଇରହିଥିବାରୁ ଚିଲିକାକୁ ଜଳ ନିଷ୍କାସନ ହୋଇପାରୁନାହିଁ। ଯାହାଫଳରେ ଶହଶହ ଏକରର ଧାନଜମି ବର୍ତ୍ତମାନ ଚିରୁଡିବଣରେ ପରିଣିତ ହୋଇଗଲାଣି। ଦୁଇନାଳ କାହିକି ଖୋଳା ଯାଇନାହିଁ ଡ୍ରେନେଜ୍ ବିଭାଗର କନିଷ୍ଠଯନ୍ତ୍ରୀ ପ୍ରଦୀପ ସାହୁଙ୍କୁ ପଚାରିବାରୁ ସେ କୁହନ୍ତି ଦଳସଫ କରିବାପାଇଁ କୌଣସି ଆଲଟ୍‌ମେଣ୍ଟ ନାହିଁ। ଖୋଳା ହେବାପାଇଁ ଏଷ୍ଟିମେଣ୍ଟ କରି ପଠାଯାଇଛି।

# ଚୌଦ୍ୱାରରେ ଖୋଲିଲା ୧୮ ବାଣ ଦୋକାନ

**ଟାଙ୍ଗୀ-ଚୌଦ୍ୱାର, ୩୦।୧୦ (ସଂଚାର ବ୍ୟୁରୋ):** ଆଲୋକର ପର୍ବ ଦୀପାବଳୀ ଉପଲକ୍ଷେ ଚୌଦ୍ୱାର ତଥା ଏହାର ଆଖପାଖରେ ସୀମିତ ଭାବେ ଅସ୍ଥାୟୀ ବାଣ ଦୋକାନ ଖୋଲିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ଚୌଦ୍ୱାର ସହର ଭିତରେ ୨ଟି ସ୍ଥାନରେ ସମସ୍ତ ବାଣ ଦେକାନ ପ୍ରତିଷ୍ଠା ପାଇଁ ସ୍ଥିର କରାଯାଇଛି। କପାଳେଶ୍ୱର ଖେଳ ପଡ଼ିଆରେ ୧୭ଟି ବାଣ ଦୋକାନ ପାଇଁ ଅନୁମତି ମିଳିଥିବା ବେଳେ ଚୌଦ୍ୱାର ରୂପଯାତ୍ରା ପଡ଼ିଆରେ ଗୋଟିଏ ମାତ୍ର ଦୋକାନ ଖୋଲିଛି। ବାଣ ବିକ୍ରି ସମୟରେ ଯେପରି କୌଣସି ଦୁର୍ଘଟଣା ନଘଟେ ସେଥିଲାଗି ପ୍ରଶାସନ ତରଫରୁ ଜାରୀ କରାଯାଇଥିବା ସମସ୍ତ ସୁରକ୍ଷା ନିୟମାବଳୀକୁ ବ୍ୟବସାୟୀ ମାନେ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଆଇଆଇସି ବିଶ୍ୱ ରଞ୍ଜନ ସାହୁ ପରାମର୍ଶ ଦେବା ସହିତ ଏହାର ଖିଲାପ ହେଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ସୂଚନା ଦେଇଛନ୍ତି।

# ଯୁବକ ସଂଘ ପକ୍ଷରୁ ବନ୍ଧୁମିଳନ

**ଟାଙ୍ଗୀ-ଚୌଦ୍ୱାର, ୩୦।୧୦ (ସଂଚାର ବ୍ୟୁରୋ):** ଚୌଦ୍ୱାର ଯୁବକ ସଂଘ ଆନୁକୂଲ୍ୟରେ ଥର୍ମାଲ ରୋଡ଼ ସ୍ଥିତ କଳାପ୍ରକାଶିନୀ କ୍ଲବ୍ ପରିସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ପୌରପାଳିକା ୧ନଂ. ୱାର୍ଡ଼ର ପୂର୍ବତନ ପାରିଷଦ ବିଷ୍ଣୁଚରଣ ପରିଡ଼ା, ସମାଜସେବୀ ଡକ୍ଟର ଶୋଭେନ୍ ମହାନ୍ତି, ଯୁବ ବ୍ୟବସାୟୀ ଅଶୋକ ସାହୁ, ଦେବାଶିଷ ସାମଲ, ସଞ୍ଜୟ କୁମାର ପରିଜା, ବଂଶୀଧର ବେଉରା, ସୁଶାନ୍ତ ଚୌଧୁରୀ, ନାରାୟଣ ପୃଷ୍ଟି, ଅଭିରାମ ସାହୁ, ଦେବେନ୍ଦ୍ର ପୃଷ୍ଟି ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଆଲୋକର ପର୍ବ ଦୀପାବଳୀର ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ସ୍ଥାନୀୟ ଜନସାଧାରଣ, ସାମାଜିକ ସଂଗଠନ ଓ ଯୁବ ଗୋଷ୍ଠୀ ସାମିଲ ହୋଇଥିଲେ।

### ଇକୋ ରିଟ୍ରିଟ୍ ଭିତ୍ତିଭୂମି କାର୍ଯ୍ୟ ନିମ୍ନମାନର

# କଞ୍ଚା ଇଟାରେ ହେଉଛି ପାଚେରି

**କୋଣାର୍କ, ୩୦।୧୦ (ସଂଚାର ବ୍ୟୁରୋ):** ପୁରୀ କୋଣାର୍କ ମେରାଇନ୍ ଡ୍ରାଇଭ୍ ରାସ୍ତାର ରାମଚଣ୍ଡୀ ନିକଟ ସାହୁଖାଣତା ଠାରେ ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଳାସପୂର୍ଣ୍ଣ ରହଣୀ ଓ ମଉଜ ପାଇଁ ଇକୋ ରିଟ୍ରିଟ୍ ଓଡ଼ିଶା ପ୍ରଥମେ ୨୦୧୯-୨୦ରେ ଆରମ୍ଭ ହୋଇଥିଲା। ଏନେଇ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପୂର୍ତ୍ତ, ବିଦ୍ୟୁତ୍, ୱାଟକୋ ସହ କେତେକ ବିଭାଗ ଦ୍ୱାରା ଭିତ୍ତିଭୂମି କାର୍ଯ୍ୟ କରାଯାଏ। ରାସ୍ତା ନିର୍ମାଣ, ବାରିକେଡ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ ଆଦି ବ୍ୟବସ୍ଥା ସ୍ଥାନୀୟ ପ୍ରଶାସନ କରେ। ଏନେଇ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୁଏ। କିନ୍ତୁ ଏହାର ସ୍ଥାୟୀତ୍ୱ କିଛି ରୁହେନି। ୩ ମାସ ଇକୋ ରିଟ୍ରିଟ୍ ପରେ ଏହା ପୁଣି ଅକାମୀ ଓ ନଷ୍ଟ ହୋଇଯାଏ। ପ୍ରତିବର୍ଷ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ବିଭିନ୍ନ ବିଭାଗ ପକ୍ଷରୁ ଭିତ୍ତିଭୂମି କାର୍ଯ୍ୟ ପାଇଁ ପୁଣି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହୁଏ। ଇକୋ ରିଟ୍ରିଟ୍ ଉତ୍ସବରୁ ପର୍ଯ୍ୟଟନ ବିଭାଗ କେତେ ଲାଭ ପାଏ ଆଜି ପର୍ଯ୍ୟନ୍ତ ଲୋକ ଲୋଚନକୁ ଆସି ନାହିଁ। କିନ୍ତୁ ଠିକାଦାର, ନେତା, ମନ୍ତ୍ରୀ ଓ ଯନ୍ତ୍ରୀ ମାନଙ୍କ ପେଟ ପୋଷିବା ପାଇଁ ପ୍ରତିବର୍ଷ ମରାମତି ହୁଏ ଓ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୁଏ।

ଚଳିତ ବର୍ଷ ମଧ୍ୟ ଇକୋ ରିଟ୍ରିଟ୍ ଭିତ୍ତିଭୂମି କାର୍ଯ୍ୟ ଆରମ୍ଭ ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ଓ ସୁରକ୍ଷା ବନ୍ଧ ବାଡ କାର୍ଯ୍ୟ ଜାରୀ ରହିଛି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ସମୟରେ ଆସାଧୁ ଠିକାଦାର ମାନେ ନିମ୍ନ ମାନର କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ବଲ୍‌ଡା ବାଡ ନହୋଇ ନିମ୍ନ ମାନର ଡବ୍ଲ୍ୟୁଏମ ଓ ଜିଏସପି ବ୍ୟବହାର ହୋଇ ରାସ୍ତା କାର୍ଯ୍ୟ ଚାଲୁଛି। ଯାହାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏଥି ସହିତ ରାସ୍ତାର ସୁରକ୍ଷା ପାଇଁ ପୂର୍ବରୁ ପଥର ବନ୍ଧ ନିର୍ମାଣ ହୋଇଥିବା





ବେଳେ ବର୍ଷା କାରଣରୁ କେତେକ ଜାଗାରେ ଭାଙ୍ଗି ଯାଇଛି। ସେଠାରେ ଅତ୍ୟନ୍ତ ନିମ୍ନ ମାନର କଞ୍ଚା ସିମେଣ୍ଟ ଇଟା ବ୍ୟବହାର କରି ପ୍ରାଚୀର ନିର୍ମାଣ କରାଯାଉଛି। ପଥର ବଦଳରେ ନିମ୍ନମାନର ଇଟା ବ୍ୟବହାର ଯୋଗୁଁ ଏହାର ସ୍ଥାୟୀତ୍ୱ ପ୍ରତି କୌଣସି ଗ୍ୟାରେଣ୍ଟି ନାହିଁ। ଯାହା ସରକାର କା ମାଲ୍ ଦରିଆ ମେ ଡାଲ ସଦୃଶ।

ଜଣେ ଠିକାଦାର କାମ ନେଇଥିବା ବେଳେ ୪ ଜଣ କୁଜି ଠିକାଦାର ମିଶି କାର୍ଯ୍ୟ କରୁଛନ୍ତି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଯାହା ଫଳରେ ନିମ୍ନ ମାନର କାର୍ଯ୍ୟ କରି ସମସ୍ତେ ମୁନାଫା ବାଣ୍ଟି ନେବେ। ଏନେଇ ନୂତନ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପର୍ଯ୍ୟଟନ ସଚିବ ବଳବନ୍ତ ସିଂ, ପର୍ଯ୍ୟଟନ ଅଧକ୍ଷ ସମର୍ଥ ବର୍ମା ଓ ପର୍ଯ୍ୟଟନ ତଥା ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# 'ରାଷ୍ଟ୍ରୀୟ ଏକତା ଦିବସ' ପାଳନ

**ଖୋର୍ଦ୍ଧା, ୩୦।୧୦ (ସଂଚାର ବ୍ୟୁରୋ):** ଭାରତର ଲୌହ ପୁରୁଷ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଜନ୍ମ ବାର୍ଷିକୀ ଉପଲକ୍ଷେ ଖୋର୍ଦ୍ଧାରୋଡ୍ ମଣ୍ଡଳ ଦ୍ୱାରା "ରାଷ୍ଟ୍ରୀୟ ଏକତା ଦିବସ" ପାଳନ କରାଯାଇଛି। ଏହା ଦେଶର ଏକତା, ଅଖଣ୍ଡତା ଏବଂ ନିରାପତ୍ତାକୁ ସୁଦୃଢ଼ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ବିକାଶ ଏବଂ ମଜଭୁତ କରିବା ପାଇଁ ଏକ ସୁଯୋଗ। ଏହି ଅବସରରେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ରେଳ ପ୍ରବନ୍ଧକ ଶ୍ରୀ ଏଚ୍.ଏସ୍.ବାଜୱା, ଅଧିକାରୀ ଏବଂ କର୍ମଚାରୀଙ୍କୁ "ଏକତା ଦିବସ ପ୍ରତିଶୃତି" ର ଶପଥ ପାଠ କରାଇ ଥିଲେ। ଦେଶର ଏକତା ରକ୍ଷା ପାଇଁ ନିଜକୁ ଉତ୍ସର୍ଗ କରିବାକୁ ସମସ୍ତେ ପ୍ରତିଶୃତି ଦେଇଥିଲେ।




ଏକତା ଦିବସ ପାଳନ ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟରୁ ଖୋର୍ଦ୍ଧା ରୋଡ଼ ଷ୍ଟେସନ ପର୍ଯ୍ୟନ୍ତ "ଏକତା ଦୌଡ" ଆୟୋଜିତ କରଯାଇଥିଲା ଏହି ଏକତା ଦୌଡରେ, ସମସ୍ତେ ଅଧିକାରୀ, କର୍ମଚାରୀ, ରେଳ ସୁରକ୍ଷା ବାହିନୀ ଓ ସ୍କାଉଟ-ଗାଇଡ୍ ପିଲାମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀ ପ୍ରମୋଦ ବେହେରା, ମଣ୍ଡଳ କାର୍ମିକ ଅଧିକାରୀ ସଂଯୋଜନା କରିଥିଲେ ।

# ଏନ୍‌ଡିଆରଏଫ୍ କାର୍ଯ୍ୟାଳୟରେ ପରିସମ୍ବାଦ କାର୍ଯ୍ୟକ୍ରମ

**ବାଲେଶ୍ୱର, ୩୦।୧୦ (ସଂଚାର ବ୍ୟୁରୋ):** ଚାନ୍ଦିପୁରସ୍ଥିତ ଜିଲ୍ଲାସ୍ତରୀୟ ତୃତୀୟ ବାଟାଲିଅନ୍ ଏନ୍‌ଡିଆର୍‌ଏଫ୍ କାର୍ଯ୍ୟାଳୟ (ରାଷ୍ଟ୍ରୀୟ ଆପଦା ପ୍ରତିକ୍ରିୟାବଳ)ରେ ଯୋଗ ଓ ଆୟୁର୍ବେଦ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜୀବ କୁମାର ସଭାପତି ଭାବରେ ଏହାକୁ ଉଦ୍‌ଘାଟନ କରିଥିଲେ। ଗତ 'ଦାନା' ବାତ୍ୟାରେ ନିୟୋଜିତ ହୋଇଥିବା ପ୍ରତିକ୍ରିୟାବଳର




ସଦସ୍ୟମାନେ ସେମାନଙ୍କର କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇବା ପରେ ମୁଖ୍ୟାଳୟରେ ଏକତ୍ରିତ ହୋଇଥିଲେ। ଏହି କର୍ମଶାଳାରେ ସେମାନଙ୍କର ସୁସ୍ଥତା ପାଇଁ ଯୋଗ ଆୟୁର୍ବେଦ ଉପରେ ସକାରାତ୍ମକ ପ୍ରଭାବ ପାଇଁ ଯୋଗାଚାର୍ଯ୍ୟ ତଥା ଅବସରପ୍ରାପ୍ତ ପଦାର୍ଥବିତ୍ ସୁଜିତ୍‌କୁମାର ଜେନା ବକ୍ତବ୍ୟ ପ୍ରଦାନ କରିଥିଲେ। ଆୟୁର୍ବେଦର ସାହାଯ୍ୟ ନେଇ ପଞ୍ଚକର୍ମ ତଥା ଷଟ୍‌କ୍ରିୟାକୁ ଆପଣାଇବା ପାଇଁ ସମସ୍ତଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଆଜିବି ଅନ୍ୟାନ୍ୟ ଚିକିତ୍ସା ପଦ୍ଧତି ଦ୍ୱାରା ଯାହାକୁ ସମାଧାନ କରିବା ସମ୍ଭବ ହେଉନଥିବା ବେଳେ ଆୟୁର୍ବେଦ ମାଧ୍ୟମରେ ତା'ର ଆସୁସମାଧାନ ସୂତ୍ର ରହିଛି ବୋଲି ଯୋଗଗୁରୁ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ପ୍ରତ୍ୟହଯୋଗ ତଥା ଜୀବନଶୈଳୀର ପରିବର୍ତ୍ତନ କରି ନିଜେ ସୁସ୍ଥ ରହିଲେ ସମାଜକୁ ସୁସ୍ଥ ଭାବରେ ସେବା ଯୋଗାଇ ପାରିବେ ବୋଲି ପରାମର୍ଶ ପ୍ରଦାନ କରିଥିଲେ। ଶେଷରେ ପି.ସି. ଦୋରା ଧନ୍ୟବାଦ ଅର୍ପଣକରିଥିଲେ।

ସଂଚାର THE SANCHAR

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୭୧ ଲକ୍ଷ ଟଙ୍କା ପ୍ରଦାନ



ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ): ବାତ୍ୟା 'ଦାନା' କ୍ଷତିଗ୍ରସ୍ତଙ୍କ ସହାୟତା ଓ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଆଜି ଲୋକସେବା ଭବନ ଠାରେ ବିଭିନ୍ନ ସଂସ୍ଥା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରିଛନ୍ତି। ବାତ୍ୟା ବିପନ୍ନଙ୍କ ସହାୟତା ପାଇଁ ସେମାନଙ୍କ ଠାରୁ ଏହି ସହାୟତା ରାଶି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗ୍ରହଣ କରିଛନ୍ତି। ସୂଚନା ଯୋଗ୍ୟ ଯେ କେଏମ୍‌ଭି ପ୍ରୋଜେକ୍ଟ ଲିମିଟେଡେ ପକ୍ଷରୁ ୫୦ଲକ୍ଷ ଟଙ୍କା, ବିଜ୍ଞାନ ଭାରତୀ ଚାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ୧୦ଲକ୍ଷ ଟଙ୍କା, ହାଇ ଇଲ୍‌ଡ ଇଷ୍ଟେଟ୍ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ୫ ଲକ୍ଷ ଟଙ୍କା, ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ୍ ପକ୍ଷରୁ ୨ ଲକ୍ଷ ଟଙ୍କା, ଶିବାନୀ ରିସୋର୍ସେସ ପକ୍ଷରୁ ୨ ଲକ୍ଷ ଟଙ୍କା ଏବଂ ଭୁବନେଶ୍ୱର ସେଣ୍ଟ୍ ଜାଭିୟର୍ସ ସ୍କୁଲ ପିଲାମାନଙ୍କ ପକ୍ଷରୁ ୨ଲକ୍ଷ ୧ ହଜାର ଟଙ୍କାର ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରାଯାଇଛି। ୬ଟି ସଂସ୍ଥା ପକ୍ଷରୁ ୭୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବିପଦ ସମୟରେ ରାଜ୍ୟବାସୀଙ୍କୁ ସହାୟତା କରିବା ପାଇଁ ସହୃଦୟତାର ସହ ଆଗେଇ ଆସିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## କନଷ୍ଟେବଲ ନିଯୁକ୍ତି ଆବେଦନ ଅବଧି ବୃଦ୍ଧି

**କଟକ, ୩୦।୧୦ (ସଂଚାର ବ୍ୟୁରୋ):** ଓଡ଼ିଶାର ବିଭିନ୍ନ ବାଟାଲିଅନରେ କନଷ୍ଟେବଲ ନିଯୁକ୍ତି ପାଇଁ ଆବେଦନର ଶେଷ ତାରିଖ ବୁଧବାର ଥିବାବେଳେ ଏହାକୁ ବୃଦ୍ଧି କରିଛନ୍ତି ହାଇକୋର୍ଟ। ଆବେଦନ ତାରିଖର ସମୟ ସୀମା ନଭେମ୍ବର ୧୫ ପର୍ଯ୍ୟନ୍ତ ବଢ଼ିଛି। ଓଡ଼ିଶା ପୋଲିସ ପକ୍ଷରୁ ଆବେଦନର ସମୟସୀମା ୩୦ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ଥିଲା । ଯାହାକୁ ଆଜି ପୁଣି ଘୁଞ୍ଚାଇ ଦିଆଯାଇଛି। ଗତ ୬ ବର୍ଷ ଧରି ନିଯୁକ୍ତି ବନ୍ଦ ଥିବାରୁ ଏହି ମାମଲା ହାଇକୋର୍ଟ ଯାଇଛି। ସର୍ବାଧିକ ବୟସ ସୀମା କୋହଳ ପାଇଁ ଆଶାୟୀମାନେ ଆବେଦନ କରିଥିବାବେଳେ ଏ ସମ୍ପର୍କିତ ଶୁଣାଣି ନଭେମ୍ବର ୧୧ରେ କରିବାକୁ ଧାର୍ଯ୍ୟ କରାଯାଇଛି। ଓଡ଼ିଶା ପୋଲିସ ପକ୍ଷରୁ ପ୍ରକାଶ ପାଇଥିବା ସବିଶେଷ ବିଜ୍ଞପ୍ତି ଅନୁଯାୟୀ, ଏହି ନିଯୁକ୍ତି ପ୍ରକ୍ରିୟାରେ ଅତିରିକ୍ତ ୭୨୦ ପଦବୀ ଯୋଗ କରାଯାଇଛି । ଫଳରେ ନିଯୁକ୍ତି ହେବାକୁ ଥିବା ପଦବୀ ୧୩୬୦ ରୁ ୨୦୩୦କୁ ବୃଦ୍ଧି ପାଇଛି।

## ଅନୁପସ୍ଥିତ ଅଫିସରଙ୍କୁ ସିଏମ୍‌ସି ବୈଠକରୁ ବାଦ ଦିଆଯାଉ

**କଟକ,୩୦।୧୦ (ସଂଚାର ବ୍ୟୁରୋ):** କଟକ ମହାନଗର ନିଗମ (ସିଏମ୍‌ସି)ର କିଛି ଅଧିକାରୀ ଜନପ୍ରତିନିଧିମାନଙ୍କୁ ଅସମ୍ମାନ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। କାଉନସିଲ ବୈଠକରେ ଜନପ୍ରତିନିଧିଙ୍କୁ ଅସମ୍ମାନ ଓ ବେଖାତିର କରି ସରକାରୀ ଅଧିକାରୀ ଅନୁପସ୍ଥିତ ରହିଛନ୍ତି। ଏହା ସୁସ୍ଥ ଗଣତନ୍ତ୍ର ପ୍ରତି ବିପଦ ବୋଲି କୁହାଯାଇଛି। ଯଦି କାଉନସିଲ ବୈଠକକୁ ଅଧିକାରୀ ଆସୁନାହାଁନ୍ତି ତେବେ ଏହି ଅଧିକାରୀଙ୍କୁ କଟକ ମହାନଗର ନିଗମରୁ ସବୁଦିନ ପାଇଁ କାର୍ଯ୍ୟରୁ ନିବୃତ୍ତ କରାଯାଇ ବଦଳି କରାଯାଉ ବୋଲି କମିଶନରଙ୍କ ନିକଟରେ ଦାବି କରାଯାଇଛି। ସଂପୃକ୍ତ ଅଧିକାରୀଙ୍କୁ ବଦଳି ଓ ନୂତନ ଅଧିକାରୀଙ୍କୁ ନିଯୁକ୍ତି ନ ଦେଲେ ସିଏମ୍‌ସି ଗେଟ୍ ସମ୍ମୁଖରେ ଧାରଣା ଦିଆଯିବ। ଅନ୍ୟଥା ଜନପ୍ରତିନିଧିଙ୍କ ପ୍ରତି ଅସମ୍ମାନ ଏବଂ ବେଖାତିର ଯୋଗୁଁ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ତୁଟିଯିବ ବୋଲି କୁହାଯାଇଛି।

## ଅଟ୍ରିରେ ପାସେଞ୍ଜର ହଲ୍ଟ

**ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନର ଅଟ୍ରି ଠାରେ ଏକ ନୂତନ ପାସେଞ୍ଜର ହଲ୍ଟ ଯାତ୍ରୀମାନଙ୍କୁ ସମର୍ପିତ କରାଯାଇଅଛି ଯାହା ଏହି ଅଞ୍ଚଳର ପରିବହନ ଭିତ୍ତିଭୂମିରେ ଏକ ଉଲ୍ଲେଖନୀୟ ଉନ୍ନତି ଘଟାଇଛି। ଅଟ୍ରି ପାସେଞ୍ଜର ହଲ୍ଟ ଉଦ୍‌ଘାଟନୀ ସମାରୋହରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବେଗୁନିଆ ବିଧାୟକ ପ୍ରଦିପ କୁମାର ସାହୁ , ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଏବଂ ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ପ୍ରବନ୍ଧକ ଏଚଏସ ବଜଓ୍ୱା ଉପସ୍ଥିତ ଥିଲେ। ଅଟ୍ରି ପାସେଞ୍ଜର ହଲ୍ଟ ଠାରେ ଦଶପଲ୍ଲା-ଭୁବନେଶ୍ୱର ମେମୁ ପ୍ରଥମ ଟ୍ରେନ ଭାବେ ରହଣି କରିଛି। ଜନସାଧାରଣଙ୍କ ଦାବି ପୂରଣ କରିଥିବାରୁ ପ୍ରଧାନମନ୍ତ୍ରୀ ଏବଂ ରେଳମନ୍ତ୍ରୀଙ୍କୁ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କୃତଜ୍ଞତା ଜଣାଇଛନ୍ତି। ଅଟ୍ରି ପାସେଞ୍ଜର ହଲ୍ଟ ନିର୍ମାଣକ୍ଷଣ ପ୍ରାୟ ୫୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଯେଉଁଥିରେ ୪୬୭ ମିଟର ଦୈର୍ଘ୍ୟ ପ୍ଲାଟଫର୍ମ, ୬ ଛୋଟ ଯାତ୍ରୀ ଆଶ୍ରୟସ୍ଥଳୀ ଏବଂ ୩୦ ଜଣଙ୍କ ବସିବା ଭଳି ୬ ବେଞ୍ଚ ରହିଛି। ଏହା ସହିତ ୧୪ ଟି ଲାଇଟ ପୋଷ୍ଟ, ଏକ ନଳକୂଅ ଏବଂ ଏକ ବୁକିଂ କାଉଣ୍ଟର ରହିଛି। ଅଟ୍ରି ପାସେଞ୍ଜର ହଲ୍ଟ ଠାରେ ଭଦ୍ରକ-ଦଶପଲ୍ଲା-ଭଦ୍ରକ ମେମୁ, ଭୁବନେଶ୍ୱର-ଦଶପଲ୍ଲା-ଭୁବନେଶ୍ୱର ମେମୁ ଏବଂ ପୁରୀ-ଦଶପଲ୍ଲା-ପୁରୀ ମେମୁ ପାସେଞ୍ଜର ଟ୍ରେନ ଅଟକିବ।

# ଅଙ୍ଗନୱାଡ଼ି କର୍ମୀ ପାଇବେ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଅଙ୍ଗନବାଡ଼ି କର୍ମୀମାନଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିଛନ୍ତି। ଏହା ଦ୍ୱାରା ଏହି ଯୋଜନାରୁ ବାଦ୍ ପଡ଼ିଥିବା ଅଙ୍ଗନବାଡ଼ି କର୍ମୀମାନେ ପ୍ରଥମ କିସ୍ତି ପାଇବେ। ଅଙ୍ଗନବାଡ଼ି କର୍ମୀମାନଙ୍କୁ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟରେ ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏନେଇ ସୂଚନା ଦେଇଛନ୍ତି।

ଶ୍ରୀମତୀ ପରିଡ଼ା କହିଛନ୍ତି, ବାଦ ପଡ଼ିଥିବା ସବୁ ଅଙ୍ଗନବାଡ଼ି କର୍ମୀଙ୍କୁ ତୃତୀୟ ପର୍ଯ୍ୟାୟରେ ସୁଭଦ୍ରା ମିଳିବ। କୌଣସି ଯୋଗ୍ୟ ହିତାଧିକାରୀ ବାଦ ପଡ଼ିବେନି। ଖାରଜ ହୋଇଥିବା ୨ ଲକ୍ଷ ୬୭ ହଜାର ଆବେଦନ ରି-ଚେକ ହେବ; ବାରମ୍ବାର ଚେକ ହେବ, କେହି ବି ବଞ୍ଚିତ ହେବେ ନାହିଁ। ସୂଚନାଯୋଗ୍ୟ, ରାଜ୍ୟରେ ସୁଭଦ୍ରା ଯୋଜନା ସେପ୍ଟେମ୍ବର ୧୭ ତାରିଖରେ ଶୁଭାରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୫ଲକ୍ଷରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା। ସେହିପରି ଅକ୍ଟୋବର ୯ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ୩୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଖାତାକୁ ଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ୧କୋଟିରୁ ଅଧିକ ମହିଳା ସୁଭଦ୍ରା ଯୋଜନାରେ ସାମିଲ ହେବାକୁ ଆବେଦନ କରିଥିବାରୁ ଆହୁରି ପ୍ରାୟ ୪୦ଲକ୍ଷ ଆବେଦନକାରୀ ଅପେକ୍ଷାରେ ରହିଛନ୍ତି। ୨ଲକ୍ଷ ଆବେଦନକାରୀଙ୍କୁ ରିଜେକ୍ଟ କରାଯାଇଛି। ସୁଭଦ୍ରା ଯୋଜନା ନିୟମରେ ସଂଶୋଧନ ଆଣି କେମିତି ଅଧିକ ଯୋଗ୍ୟ ହିତାଧିକାରୀ ଏଥିରେ ସାମିଲ ହୋଇପାରିବେ ସେଦିଗରେ ସରକାର କାର୍ଯ୍ୟ କରୁଛନ୍ତି। ଅନ୍ୟପଟରେ ଯେଉଁ ମହିଳାମାନଙ୍କର ଆବେଦନ ଖାରଜ ହୋଇଛି, ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନେକ ମହିଳାଙ୍କର ଅଭିଯୋଗ ଯେ ସରକାର ତାଙ୍କୁ ଅଣଦେଖା କରିଛନ୍ତି। ଆବେଦନ ଖାରଜର କାରଣ ମଧ୍ୟ ଆଶ୍ଚର୍ଯ୍ୟ କରୁଛି। ଯଦି ଗୋଟିଏ ପରିବାରରେ ୪ ଜଣ ମହିଳା ଆର୍ଥିକ ଏବଂ ସାମାଜିକ ଦୃଷ୍ଟିକୋଣରୁ ସମାନ ସ୍ଥିତିରେ ଅଛନ୍ତି ଓ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଯୋଜନାରେ ସାମିଲ ଅନ୍ୟମାନଙ୍କୁ ନ ମିଳିବାର କାରଣ କ'ଣ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ସରୋଜିନୀ ସାହୁ ପାଇଲେ ସାରଳା ପୁରସ୍କାର



**ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ):** ବିଶିଷ୍ଟ ଲେଖିକା ସରୋଜିନୀ ସାହୁଙ୍କୁ ଶାରଳା ପୁରସ୍କାରରେ ସମ୍ମାନିତ କରାଯାଇଛି। ଉପନ୍ୟାସ 'ଅସ୍ଥିର ପାଦ' ପାଇଁ ତାଙ୍କୁ ୪୫ତମ ଶାରଳା ପୁରସ୍କାର ପ୍ରଦାନ କରାଯାଇଛି। ଏକ ଭବ୍ୟ ସମାବେଶରେ ଲେଖିକାଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହିତ ୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ବିଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ସୁଦର୍ଶନ ସାହୁ ଓ ପ୍ରସିଦ୍ଧ କଣ୍ଠଶିଳ୍ପୀ ତାନସେନ୍ ସିଂଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ପ୍ରଦାନ କରାଯାଇଛି। କଳା ସମ୍ମାନ ଅର୍ଥରାଶିକୁ ୨ ଲକ୍ଷରୁ ବଢ଼ାଇ ୨ ଲକ୍ଷ ୫୦ ହଜାର କରାଯାଇଛି। ପ୍ରତିବର୍ଷ ଇମ୍ପା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶ୍ରେଷ୍ଠ ସାହିତ୍ୟ କୃତି ପାଇଁ ସମ୍ମାନଜନକ ଶାରଳା ପୁରସ୍କାର ପ୍ରଦାନ କରାଯାଉଛି।

# ନଭେମ୍ବରରୁ ନୂଆ ରାସନ କାର୍ଡ



**ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ):** ନଭେମ୍ବରରୁ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ମିଳିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୁଧବାର ଦିନ କହିଛନ୍ତି। ରାସନ କାର୍ଡନେଇ ସୃଷ୍ଟି ହୋଇଥିବା ସନ୍ଦେହ ଦୂର କରିବାକୁ ଯାଇ ସେ କହିଛନ୍ତି, ଦଶ ଲକ୍ଷରୁ ଅଧିକ ଆବେଦନ ଉପରେ ଯାଞ୍ଚ ଚାଲିଛି। ପ୍ରକ୍ରିୟା ଶେଷ ହେଲା ପରେ ରାଜ୍ୟରେ କେତେ ଲୋକ ରାସନକାର୍ଡରେ ସାମିଲ ହୋଇଛନ୍ତି, ତା'ର ତାଲିକା ପ୍ରସ୍ତୁତ ହେବ। ଏହା ପରେ ସରକାର ନୂତନ ରାସନ କାର୍ଡ ପ୍ରଦାନ ଆରମ୍ଭ କରିବେ ବୋଲି ମନ୍ତ୍ରୀ କହିଛନ୍ତି।ଏହା ପୂର୍ବରୁ ନୂତନ ରାସନ କାର୍ଡ ପାଇଁ ଆବେଦନକାରୀଙ୍କ ଇ-କେଓ୍ୱାଇସି ଯାଞ୍ଚ କରିବାରେ ବ୍ୟସ୍ତ ଥିଲେ କର୍ତ୍ତୃପକ୍ଷ। ସରକାର ଏହା ପୂର୍ବରୁ କହିଥିଲେ ଯେ ଖାଦ୍ୟ ସୁରକ୍ଷା ଅଧିନିୟମ ଅନୁଯାୟୀ ଅଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡଧାରୀ ତାଲିକାରୁ ବାଦ ଦିଆଯିବ। ଯୋଗ୍ୟ ପରିବାରକୁ ସାମିଲ କରିବା ପାଇଁ ସରକାରଙ୍କ ଦ୍ୱାରା ୧୨ଟି ମାନଦଣ୍ଡ ଦିଆଯାଇଛି। ସେହିଭଳି ଅଯୋଗ୍ୟ ପରିବାରକୁ ବାଦ ଦେବା ପାଇଁ ଦଶଟି ମାନଦଣ୍ଡ ରହିଛି। ରାଜ୍ୟରେ ସରକାର ବଦଳିବା ପରେ ନୂଆ ସରକାର ପ୍ରକୃତ ହିତାଧିକାରୀଙ୍କ ସଂଖ୍ୟା କେତେ ତାହା ଜାଣିବାକୁ ଚାହୁଁଛନ୍ତି। ଏଥି ପାଇଁ ଗତ ସେପ୍ଟେମ୍ବର ମାସ ଠାରୁ ଇ-କେଓ୍ୱାଇସି କରୁଛନ୍ତି।

### ନାରୀ ନିର୍ଯ୍ୟାତନା ପ୍ରତି ଶୂନ୍ୟ ସହନଶୀଳତା

# ବଦଳିଲେ ସିଡିପିଓ, ତଦନ୍ତ ଆରମ୍ଭ କଲା କମିଟି



**କେନ୍ଦ୍ରାପଡା,୩୦।୧୦ (ସଂଚାର ବ୍ୟୁରୋ):** ଡେରାବିଶ ସିଡିପିଓ ସ୍ନେହଲତା ସାହୁଙ୍କ ନାଁରେ ଅଭିଯୋଗର ଫର୍ଦ୍ଦ ଲମ୍ବିବାରେ ଲାଗିଛି। ଗତକାଲି ଜଣେ ମହିଳା କିରାଣି ତାଙ୍କ ନାଁରେ ସାଂଘାତିକ ଅଭିଯୋଗ ଆଣିଥିବା ବେଳେ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା। ଆଜି ତାଙ୍କୁ କାର୍ଯ୍ୟରୁ ଅପସାରଣ କରାଯାଇ ପରବର୍ତ୍ତି ସମୟରେ ତାଙ୍କୁ ଢେଙ୍କାନାଳ ବଦଳି କରାଯାଇଥିବା ସୂଚନା ମିଳିଛି। କିରାଣି ବର୍ଷା ପ୍ରିୟଦର୍ଶିନୀ ମହାପାତ୍ର ଆଣିଥିବା ଅଭିଯୋଗର ତଦନ୍ତ ନିମନ୍ତେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ନିମନ୍ତେ ଏକ ୩ ଜଣିଆ ତଦନ୍ତକାରୀ ଟିମ୍ ଗଠନ ହୋଇଥିଲା। ତହସିଲଦାର ପ୍ରଜ୍ଞାପାରମିତା ପୃଷ୍ଟି, ସ୍ଥାନୀୟ ମେଡିକାଲ୍ ଅଫିସର ଡା. ଚିତ୍ତରଞ୍ଜନ ବେହେରା ଓ ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁ ବର୍ଷାଙ୍କ ଘରକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ତଦନ୍ତର ନିରପେକ୍ଷତା ନେଇ ସନ୍ଦେହ ପ୍ରକାଶ ପାଇଛି।

ସିଡିପିଓଙ୍କ ବିରୋଧରେ ଜଣେ ମହିଳା ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ପାଇବା ଲାଗି ସିଡିପିଓଙ୍କୁ ଜଣେ ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ ୯୦ ହଜାର ଟଙ୍କା ଦେଇଥିବା ଅଭିଯୋଗ କରିଛନ୍ତି। ଏହାସହିତ ଅଚଳ ଗାଡ଼ି ନିମନ୍ତେ ଡିଜେଲ ବିଲ୍ କରିବା, ମିଥ୍ୟା ଟୁର ବିଲ କରିବା, ଆଲମିରା ନକିଣି ନୂଆ ଆଲମିରାର ବିଲ କରିବା ଇତ୍ୟାଦି ଅଭିଯୋଗ ହୋଇଛି। ବହୁ ଅଙ୍ଗନୱାଡ଼ି କର୍ମୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି, ସିଡିପିଓ ଶିଶୁମାନଙ୍କ ନିମନ୍ତେ ଆସୁଥିବା ପୋଷାକରୁ ପ୍ରତିହଳ ପୋଷାକ ବାବଦରେ ୨୦ ଟଙ୍କା ଲେଖାଏ ଲାଂଚ ଦାବି କରିଥାନ୍ତି। ଖେଳଣା ଓ ଅନ୍ୟାନ୍ୟ ସାମଗ୍ରୀରେ ମଧ୍ୟ କମିଶନ ନେଇଥାନ୍ତି। ଦଶହରା ଭେଟି ବାବଦରେ ୫୦୦ ଟଙ୍କା ଲେଙ୍କା ଲେଖାଏ ନେଇଛନ୍ତି ବୋଲି ଅଭିଯୋଗ ହୋଇଛି। ଚାକିରି କରାଇଦେବା ନାମରେ ଟଙ୍କା ଲାଂଚ ନେଉଥିବାର ଅଡ଼ିଓ ଭାଇରାଲ ହେଉଥିବା ଶୁଣିବାକୁ ମିଳିଛି। ସ୍ଥାନୀୟ ଲୋକେ ଏସବୁର ଭିଜିଲାନ୍ସ ତଦନ୍ତ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟ ଅମଲାସଘ ପକ୍ଷରୁ ମଧ୍ୟ ତାଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ମାନବାଧିକାର କର୍ମୀ ଜୟନ୍ତ ଦାସ ଜାତୀୟ ମାନବାଧିକାର କମିଶନରଙ୍କ ନିକଟରେ ଅଭିଯୋଗ କରିବା ସହ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୁରଣ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି।

# କଞ୍ଜରଭେନ୍ସି ଲେନ୍‌ରେ ହେବ ଫଳ ଓ ପରିବା ମାର୍କେଟ




**ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ):** ବିଏମସି ର ୨୫ ତମ କର୍ପୋରେସନ ବୈଠକ। ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ସେଥି ମଧ୍ୟରେ ଚନ୍ଦ୍ରଶେଖରପୁର ସ୍ଥିତ କଲ୍ୟାଣ ମଣ୍ଡପ ପୁନରୁଦ୍ଧାର ହେବ। କ୍ରିଷ୍ଟଲ କ୍ରାଉନ ଶୈଳୀରେ ପ୍ରସ୍ତୁତ ହେବ କଲ୍ୟାଣ ମଣ୍ଡପ। ବିଡିଏ ଅଧୀନରେ ଥିବା ପାର୍କ ବିଏମ୍‌ସିକୁ ଯିବ ଏବଂ ଏହାର ତଦାରଖ ବିଏମ୍‌ସି କରିବ। କଲୋନୀ ମଧ୍ୟରେ ଥିବା କଞ୍ଜର୍ଭେନ୍ସି ଲେନ୍ଗୁଡିକରେ ଫଳ ଓ ପରିବା ମାର୍କେଟ କରାଯିବ। ଯେଉଁମାନେ ଏଠାରେ ବ୍ୟବସାୟ କରିବେ ତାହା ବୁଝିବେ ସ୍ଥାନୀୟ କର୍ପୋରେଟର । ପ୍ରତି ୱାର୍ଡରେ ନିର୍ମାଣ ହେବ ନେବର୍‌ହୁଡ୍ ମାର୍କେଟ । ବିଭିନ୍ନ ଟ୍ରାଫିକ ପୋଷ୍ଟରେ ହେବ ସ୍ଥାୟୀ ସେଡ । ଖରାଦିନେ ଭୀଷଣ ଗରମରୁ କିପରି ସାମାନ୍ୟ ଆଶ୍ୱସ୍ତି ମିଳିବ ସେନେଇ ଭୁବନେଶ୍ୱରରେ ଗ୍ରୀଷ୍ମ ତାପ ନିୟନ୍ତ୍ରଣ ପାଇଁ ସର୍ଭେ କରାଯିବା ଭଳି ବିଭିନ୍ନ ପ୍ରସ୍ତାବ ଦେଇଛି ବିଏମ୍‌ସି। ଆଜି ବସିଥିବା କର୍ପୋରେସନ ବୈଠକରେ ଏସବୁ ଦିଗ ନେଇ ଆଲୋଚନା ହୋଇଛି।

ଭୁବନେଶ୍ୱରର ଉନ୍ନତି ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ମେୟର ସୁଲୋଚନା ଦାଶ ଆହ୍ୱାନ ଜଣାଇଥିଲେ । ସ୍ୱଚ୍ଛ ସବୁଜ ଦୀପାବଳି ପାଳନ କରିବାକୁ ଶପଥ ଗ୍ରହଣ କରିଥିଲେ ମେୟରଙ୍କ ସମେତ ସମସ୍ତ କର୍ପୋରେଟର ଏବଂ ଟିମ୍ ବିଏମ୍‌ସି। ସେହିଭଳି ଟେଣ୍ଡର କମିଟିରେ ମେୟର ରହିବା ପାଇଁ ଦଳମତ ନିର୍ବିଶେଷରେ କର୍ପୋରେଟରଙ୍କ ପକ୍ଷରୁ ଦାବି ହୋଇଥିଲା। ପାର୍କ ପାଇଁ ସ୍ୱତନ୍ତ୍ର ପରିଚାଳନା ନୀତି ପ୍ରସ୍ତୁତ ଲାଗି ନିଷ୍ପତ୍ତି ହୋଇଛି। ଏହାସହିତ ଡ୍ରେନଗୁଡିକରେ କଭର ସ୍ଲାବକୁ ନିଶ୍ଚିତ କରାଯିବ । ଟ୍ରାଫିକ୍ ଛକରେ ହେବାକୁ ଥିବା ସ୍ଥାୟୀ ଛାତ ଉପରେ ଆଲୋକ ପାଇଁ ସୋଲାର ପ୍ୟାନେଲ୍ ଲାଗିବ। ପ୍ରଥମେ ଏଜି ଛକରେ ପରୀକ୍ଷାମୂଳକ ଭାବେ କରାଯିବ ।

# ଏମ୍‌କେସିଜିରେ ର୍‍ୟାଗିଂ: ୫ ସିନିଅର୍ ଛାତ୍ରଙ୍କୁ କ୍ୟାମ୍ପସ୍ ମନା




**ବ୍ରହ୍ମପୁର, ୩୦।୧୦ (ସଂଚାର ବ୍ୟୁରୋ):** ଏମ୍‌କେସିଜି ମେଡିକାଲ କଲେଜରେ ର୍‍ୟାଗିଂ ମାମଲାରେ ଅଭିଯୁକ୍ତ ଛାତ୍ରଙ୍କ ବିରୋଧରେ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ର୍‍ୟାଗିଂ କରିଥିବା ଚତୁର୍ଥ ବର୍ଷର ୫ ଛାତ୍ରଙ୍କୁ ୬ ମାସ ପର୍ଯ୍ୟନ୍ତ କଲେଜ କ୍ୟାମ୍ପସ ବାରଣ କରାଯାଇଛି। ଏହି ଛାତ୍ରମାନେ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଇଥିଲେ। ଦୁଇ ଘଣ୍ଟା ଧରି ଆଣ୍ଟି ର୍‍ୟାଗିଂ କମିଟିର ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। କଲେଜ ପକ୍ଷରୁ ୫ ଛାତ୍ରଙ୍କୁ କ୍ୟାମ୍ପସ ବାରଣ ପରେ ପୋଲିସରେ ମଧ୍ୟ ଏନେଇ ଲିଖିତ ଅଭିଯୋଗ ଦିଆଯିବ। ଅଭିଯୋଗ ଅନୁଯାୟୀ ତଦନ୍ତ କରି ପୋଲିସ ମଧ୍ୟ ୫ ଛାତ୍ରଙ୍କ ବିରୁଦ୍ଧରେ ନେବ ଆଇନଗତ କାର୍ଯ୍ୟାନୁଷ୍ଠାନ। ର୍‍ୟାଗିଂର ଜଣେ ଦ୍ୱିତୀୟ ବର୍ଷର ଛାତ୍ର ଓ ତାଙ୍କ ଅଭିଭାବକ ଦୁଇ ଦିନ ପୂର୍ବରୁ ମେଡିକାଲ ଡିନ୍‌ଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଆଉ ଦୁଇ ଜଣ ମଧ୍ୟ ଏନ୍‌ଏମ୍‌ସି ନିକଟରେ ର୍‍ୟାଗିଂ ନେଇ ଅଭିଯୋଗ କରିଛନ୍ତି। ଏନ୍‌ଏମ୍‌ସି ନିକଟରେ ହୋଇଥିବା ଅଭିଯୋଗର ମଧ୍ୟ ତଦନ୍ତ କରାଯାଇ ଖୁବଶୀଘ୍ର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏମ୍‌କେସିଜି ମେଡିକାଲ କଲେଜ ଡିନ ଡା. ସୁଚିତ୍ରା ଦାସ ସୂଚନା ଦେଇଛନ୍ତି। ଗତକାଲି ଜଣେ ଦ୍ୱିତୀୟ ବର୍ଷର ଛାତ୍ର ଓ ତାଙ୍କ ଅଭିଭାବକ ଡିନ୍‌ଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ର୍‍ୟାଗିଂ କରିଥିବା ଚତୁର୍ଥ ବର୍ଷର ୫ ଛାତ୍ରଙ୍କ ନାମ ମଧ୍ୟ ଉଲ୍ଲେଖ୍ କରିଥିଲେ।

# ବନ୍ଦ ହେବ ଯାତ୍ରାରେ ଅଶ୍ଳୀଳତା




**ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ):** ଯାତ୍ରା ଏବେ ମନୋରଞ୍ଜନର ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ଦିନକୁଦିନ ନାମୀଦାମୀ କଳାକାରମାନେ ଯାତ୍ରାମୁହାଁ ହେଉଥିବାରୁ ଅପେରାର ଲୋକପ୍ରିୟତା ବୃଦ୍ଧି ପାଉଛି। ହେଲେ ଯାତ୍ରାରେ ହେଉଥିବା ଆଇଟମ୍ ଡ୍ୟାନ୍ସକୁ ନେଇ ଅନେକ ସମୟରେ ବିବାଦ ଦେଖା ଦେଉଛି। ଫଳରେ ନାନା ପ୍ରକାରର ବିଶୃଙ୍ଖଳା ସୃଷ୍ଟି



ହେଉଛି । ଯାହାକୁ ନେଇ କଠୋର ହୋଇଛନ୍ତି ରାଜ୍ୟ ସରକାର। ଯାତ୍ରାରେ ଅଶ୍ଳୀଳ ନୃତ୍ୟ ବନ୍ଦ କରିବା ପାଇଁ ଖୁବଶୀଘ୍ର ନୂଆ ଆଇନ ଆସିବ ବୋଲି ବୁଧବାର କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଗତକାଲି ଅବକାରୀ ଆଇନରେ ସଂଶୋଧନ କରାଯାଇ ବାର୍‌ରେ ନୃତ୍ୟକୁ ସଂପୂର୍ଣ୍ଣ ବନ୍ଦ କରାଯାଇଛି। ବାର୍‌ରେ କେବଳ ସଂଗୀତ କାର୍ଯ୍ୟକ୍ରମ ଚାଲିବା ବୋଲି ଦର୍ଶାଯାଇଛି। ଓଡ଼ିଆ ସଂସ୍କୃତିରୁ ଅଶ୍ଳୀଳତା ସଂପୂର୍ଣ୍ଣ ଲୋପ କରିବା ପାଇଁ ରାଜ୍ୟ ସରକାର ପ୍ରୟାସ ଚଳାଇଛନ୍ତି। ଏହିକ୍ରମରେ ମନ୍ତ୍ରୀ କହିଛନ୍ତି ଯେ, ଯାତ୍ରାରେ ଅଶ୍ଳୀଳ ନୃତ୍ୟକୁ ନେଇ ଚର୍ଚ୍ଚା ହେଉଛି । ଯାତ୍ରାରେ ଏଭଳି ନୃତ୍ୟ ଓଡ଼ିଆ ସଂସ୍କୃତି ବିରୋଧୀ । ଯାତ୍ରା ମାଲିକମାନେ ଏ ବାବଦରେ ନିଷ୍ପତ୍ତି ନିଅନ୍ତୁ କି ଯାତ୍ରାରେ ଯେପରି ଅଶ୍ଳୀଳତା ରହିବ ନାହିଁ। ରାଜ୍ୟ ସରକାର ଏହାକୁ ସମ୍ବେଦନଶୀଳ ଭାବେ ଗ୍ରହଣ କରିଛନ୍ତି। ଅଶ୍ଳୀଳତା ବନ୍ଦ କରାଯିବା ପାଇଁ ବିଚାର ବିମର୍ଶ ଚାଲିଛି । ଯାତ୍ରା ପାର୍ଟିର ମାଲିକଙ୍କ ସହ ଏ ନେଇ ଆଲୋଚନା ହେବ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯିବା ପରେ ଯାତ୍ରାପ୍ରେମୀମାନେ ସ୍ୱାଗତ କରିଛନ୍ତି। ଅଶ୍ଳୀଳତା ବନ୍ଦ ହେଲେ ପରିବାର ସହ ଯାତ୍ରା ଉପଭୋଗ କରିହେବ। ଅଶ୍ଳୀତା ସମାଜ ଉପରେ କୁପ୍ରଭାବ ସୃଷ୍ଟି କରୁଛି ବୋଲି ଅନେକ କହୁଛନ୍ତି। ସେହିପରି ଯାତ୍ରା କଳାକାରମାନେ ମଧ୍ୟ ଅଶ୍ଳୀଳତା ବିରୋଧରେ ପ୍ରତିକ୍ରିୟା ଦେଇଛନ୍ତି।

# 'ଓଡ଼ିଶା ଯାତ୍ରୀ' ଆପ୍ ଉନ୍ମୋଚିତ

## ଉବେର, ଓଲାକୁ ଟକ୍କର ଦେବ

**ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ):** 'ଓଡ଼ିଶା ଯାତ୍ରୀ' ଆପ୍ ଉନ୍ମୋଚିତ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହାକୁ ଉନ୍ମୋଚନ କରିଛନ୍ତି। ଉବେର ଏବଂ ଓଲା କମ୍ପାନୀକୁ ଟକ୍କର ଦେବ ଓଡ଼ିଶା ଯାତ୍ରୀ ଆପ୍। ଏଥର ରାସ୍ତାରେ ଗଡିବ ଅଟୋ ଓ କାର୍। 'ଓଡ଼ିଶା ଯାତ୍ରୀ' ଆପ୍ ଜରିଆରେ ସାଧାରଣ ଲୋକେ ବୁକ୍ କରି ଅଟୋ ଓ କାର୍‌ରେ ଯାତ୍ରା କରିପାରିବେ। ଏହାସହିତ ମନ୍ତ୍ରୀ ଶ୍ରୀ ମହାପାତ୍ର ବରମୁଣ୍ଡା ବସଷ୍ଟାଣ୍ଡରେ ୧୨ ଇ-ବସର ଉଦ୍‌ଘାଟନ କରିଛନ୍ତି। ସେହିପରି ବସ୍‌ଷ୍ଟାଣ୍ଡରେ ସ୍ୱୟଂଚାଳିତ ଟିକେଟ ଭେଣ୍ଡିଂ ମେସିନ ମଧ୍ୟ ଉଦ୍‌ଘାଟନ କରିଛନ୍ତି ମନ୍ତ୍ରୀ।



# ପତ୍ନୀଙ୍କୁ ଆନେସ୍ଥେସିଆ ଦେଇ ହତ୍ୟା



ସହଯୋଗ କରିଥିଲେ ଦୁଇ ପ୍ରେମିକା

**ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ):** ଦୁଇ ଯୁବତୀଙ୍କ ପ୍ରେମରେ ଅନ୍ଧ ହୋଇ ପତ୍ନୀଙ୍କୁ ନିଶା ଇଞ୍ଜେକ୍‌ସନ୍ ଦେଇ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେଇ ମୃତଦେହ ଧରି ମେଡିକାଲ୍‌ରେ ପହଞ୍ଚିଲା ସ୍ୱାମୀ। ଡାକ୍ତର ମୃତ ଘୋଷଣା କରିବା ସହିତ ପୁଲିସ୍‌କୁ ସୂଚନା ଦେଇଥିଲା। ଭୁବନେଶ୍ୱର କମିଶନରେଟ୍ ପୁଲିସ୍ ଶବ ବ୍ୟବଚ୍ଛେଦ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଖୋଲିଗଲା ସତ ଜଣାପଡ଼ିଛି। ପୁଲିସ୍ ଅଭିଯୁକ୍ତ ସ୍ୱାମୀ ଓ ଦୁଇ ପ୍ରେମିକାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ମାର୍ଶାଘାଇ କାଶୋତି ଗାଁର ପ୍ରଦ୍ୟୁମ୍ନ କୁମାର ଦାସ ଜଣେ ଫାର୍ମାସିଷ୍ଟ୍। ୪ ବର୍ଷ ତଳେ ସେ ବିଜେବି ନଗରର ଶୁଭଶ୍ରୀ ନାୟକଙ୍କୁ ପ୍ରେମ ବିବାହ କରିଥିଲେ। ଉଭୟ ଭୁବନେଶ୍ୱରରେ ଘର ଭଡ଼ା ନେଇ ରହୁଥିଲେ। ପ୍ରାଇଭେଟ୍ ମେଡ଼ିକାଲ୍‌ରେ ନର୍ସ ଥିବା ଦୁଇ ଯୁବତୀଙ୍କ ସହ ବନ୍ଧୁତା ହେବା ପରେ ପ୍ରଦ୍ୟୁମ୍ନ ବଦଳି ଯାଇଥିଲା।ଏଥିପାଇଁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଅନେକ ସମୟରେ କଳି ଲାଗୁଥିଲା। ପ୍ରଦ୍ୟୁମ୍ନର ନିର୍ଯାତନା ସହି ନ ପାରି ଶୁଭଶ୍ରୀଙ୍କୁ ବାପ ଘରକୁ ପଳାଇଥିଲେ। ପତ୍ନୀ ଗଲା ପରେ ପ୍ରଦ୍ୟୁମ୍ନ ଲଗାମଛଡ଼ା ହୋଇ ଯାଇଥିଲା। ପ୍ରଦ୍ୟୁମ୍ନ ବିବାହିତ ଜାଣି ମଧ୍ୟ ଉଭୟ ଯୁବତୀ ତା' ପ୍ରେମରେ ପଡ଼ିଥିଲେ। ଶୁଭଶ୍ରୀଙ୍କୁ ହଟାଇବା ପାଇଁ ସିଆର୍‌ପି ଛକରେ ପ୍ରଦ୍ୟୁମ୍ନ, ଓ ଦୁଇ ନର୍ସ ଯୋଜନା ପ୍ରସ୍ତୁତ କରିଥିଲେ। ଦୁଇ ନର୍ସ ହସ୍ପିଟାଲ୍‌ରୁ ଆଣିଥିଲେ ଅନାସ୍ଥେସିଆ ଇଞ୍ଜେକସିନ୍। ଗତ ୨୭ ତାରିଖରେ ପ୍ରଦ୍ୟୁମ୍ନ ଶ୍ୱଶୁର ଘର ଯାଇ ବୁଝାଇସୁଝାଇ ଶୁଭଶ୍ରୀଙ୍କୁ ଆଣିଥିଲା। ୨୮ରେ ଶୁଭଶ୍ରୀଙ୍କୁ ଧରି ପ୍ରଦ୍ୟୁମ୍ନ ପ୍ରେମିକାର ଭଡ଼ା ଘର ସାମପୁରକୁ ଯାଇଥିଲେ। ସେଠାରେ ପ୍ରଦ୍ୟୁମ୍ନ ଓ ଦୁଇ ପ୍ରେମିକା ବଳପୂର୍ବକ ଶୁଭଶ୍ରୀଙ୍କୁ ଆନେସ୍ଥେସିଆ ଓଭର ଡୋଜ୍ ଇଞ୍ଜେକ୍‌ସିନ୍ ଦେଇଥିଲେ। ଯାହାଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟରେ ଶୁଭଶ୍ରୀଙ୍କୁ ଆନେସ୍ଥେସିଆ ଇଞ୍ଜେକ୍‌ସିନ୍ ଓଭର ଡୋଜ୍ ଦିଆଯାଇଥିବା ଦର୍ଶାଯାଇଥିଲା। ପୁଲିସ୍ ପ୍ରଥମେ ପ୍ରଦ୍ୟୁମ୍ନକୁ ଜେରା ପରେ ସତ ସାମ୍ନାକୁ ଆସିଥିଲା। ଶୁଭଶ୍ରୀଙ୍କୁ ଆନେସ୍ଥେସିଆ ଇଞ୍ଜେକ୍‌ସିନ୍ ଦେଇ ହତ୍ୟା କରିବାରେ ଦୁଇ ପ୍ରେମିକା ନର୍ସଙ୍କ ହାତ ଥିବା ସ୍ପଷ୍ଟ ହୋଇଥିଲା। ଏପରିକି ସେମାନେ ସବୁ ଦୋଷ ସ୍ୱୀକାର କରିଥିବା ଜଣାପଡ଼ିଛି। ପୁଲିସ୍ ୩ ଜଣଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

# ପରକୀୟାରୁ ଗଡ଼ିଲା ୫ ମୁଣ୍ଡ

## ମହିଳା ଓ ୨ ପିଲାଙ୍କୁ ଅପହରଣ

**ସୁନ୍ଦରଗଡ଼,୩୦।୧୦ (ସଂଚାର ବ୍ୟୁରୋ):** ପରକୀୟା ପ୍ରୀତିରୁ ରାତି ଅଧରେ ବଞ୍ଜାରା ଗୋଷ୍ଠୀ ମଧ୍ୟରେ ଭୟଙ୍କର ସଂଘର୍ଷ ଘଟି ୩ ମହିଳା ସମେତ ୫ ଜଣଙ୍କ ପ୍ରାଣହାନି ଘଟିଛି। ସୁନ୍ଦରଗଡ଼ ସଦର ଥାନା କରମଡିହି ଗୀତାପଡ଼ାରେ ଘଟିଛି ଏହି ରକ୍ତାକ୍ତ ସଂଘର୍ଷ। ୪ ଆହତଙ୍କୁ ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆକ୍ରମଣକାରୀ ଜଣେ ମହିଳା ଓ ଦୁଇ ଶିଶୁଙ୍କୁ ଅପହରଣକରି ନେଇଛନ୍ତି। ପୁଲିସ ପହଞ୍ଚି ଛାନଭିନ ଚଳାଇଛି। ପଶ୍ଚିମାଞ୍ଚଳ ଡିଆଇଜି ଓ ସୁନ୍ଦରଗଡ଼ ଏସ୍‌ପି ମାମଲାର ଅନୁଧ୍ୟାନ କରିଛନ୍ତି। କିଛି ମାସ ହେଲା ମହାରାଷ୍ଟ୍ର ୱାର୍ଦ୍ଧା ଅଞ୍ଚଳର ଏକ ଯାଯାବର ଦଳ ଆସି କରମଡିହି ନିକଟରେ ତମ୍ବୁ ଲଗାଇ ରହି ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଅବିନାଶ ପାୱାରର ପ୍ରଥମ ପତ୍ନୀ ପୁଅକୁ ଛାଡ଼ି ଅନ୍ୟ ଜଣେ ସହିତ ପଳାଇଥିଲେ। ଏହାପରେ ଅବିନାଶ ଆଉ ଜଣେ ବିବାହିତାଙ୍କୁ ବିବାହ କରିଥିଲେ। ଦ୍ୱିତୀୟ ପତ୍ନୀଙ୍କର ବି ଦୁଇ ସନ୍ତାନ ଅଛନ୍ତି। ଦ୍ୱିତୀୟ ପତ୍ନୀଙ୍କ ପୂର୍ବ ପରିବାର ସହ ପୂର୍ବରୁ ଝଗଡ଼ା ଲାଗି ରହୁଥିଲା। ମଙ୍ଗଳବାର ରାତି ପ୍ରାୟ ୧୧.୩୦ରେ ସମସ୍ତେ ଶୋଇଥିବା ବେଳେ ୪ ଜଣ ଲୋକ ଅବିନାଶଙ୍କ ପରିବାର ସଦସ୍ୟଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଯାହା ଫଳରେ ତିନି ମହିଳାଙ୍କ ସହିତ ପାଞ୍ଚ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଆକ୍ରମଣରେ ଦୁଇ ଶିଶୁଙ୍କ ସମେତ ଅବିନାଶ ଓ ତାଙ୍କ ଦ୍ୱିତୀୟ ପତ୍ନୀ ଆହତ ହୋଇଛନ୍ତି । ସେମାନେ ଅବିନାଶଙ୍କ ଦ୍ୱିତୀୟ ପତ୍ନୀ ଓ ଦୁଇ ଶିଶୁଙ୍କୁ ନେଇ ଫେରାର ହୋଇ ଯାଇଛନ୍ତି। ମୃତକମାନେ ହେଲେ ଛମା ଭୋସଲେ (୨୫), ଅନିନାଶଙ୍କ ଭାଇ ସୁବାସ ପାୱାର (୨୩), ଚରଣ କୁମାର (୪୫), ତାଙ୍କ ପତ୍ନୀ କାଇଲା କୁମାର (୩୫) ଓ ଦାଦି କୁଣ୍ଡି ପାୱାର। ଆହତମାନେ ହେଲେ ଅବିନାଶ ପାୱାର (୩୦), ପୀୟୁଷ କୁମାର (୧୩), ମଞ୍ଜୁ ପାୱାର (୧୦), ଅନିଶା କୁମାରୀ (୧୨)। ଖବର ପାଇ ସଦର ଥାନା ପୁଲିସ ପହଞ୍ଚି ସେମାନଙ୍କୁ ଧରିବା ପାଇଁ ତନାଘନା ଚଳାଇ ଥିବା ବେଳେ ସଦର ଏସଡିପିଓ, ଏସପି ଏବଂ ଡିଆଇଜି ପଶ୍ଚିମାଞ୍ଚଳ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଛନ୍ତି । ଆକ୍ରମଣକାରୀମାନେ ବିରୋଧୀ ଗୋଷ୍ଠୀର ବୋଲି ଅବିନାଶ ପୁଲିସ୍‌କୁ କହିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ଆଲୁମିନିୟମ ଶିଳ୍ପର ଅଭିବୃଦ୍ଧିକୁ ଗୁରୁତ୍ୱ



**ନୂଆଦିଲ୍ଲୀ,୩୦।୧୦:** ଦେଶର ପ୍ରମୁଖ ଶିଳ୍ପ ସଙ୍ଗଠନ ତଥା ଆଲୁମିନିୟମ ଆସୋସିଏସନ ଅଫ୍ ଇଣ୍ଡିଆ(ଏଏଆଇ)ର ପ୍ରସ୍ତାବ ଅନୁଯାୟୀ ଆଲୁମିନିୟମ ଉଦ୍ୟୋଗ ଘରୋଇ ବଜାର ପ୍ରବେଶକୁ ସୁରକ୍ଷା ଓ ସଦ୍ୟ ନିବେଶକୁ ଆକର୍ଷିତକରିବା ଲାଗି ସର୍ଜିଂ ଇମ୍ପୋର୍ଟ ବିପକ୍ଷରେ ସୁରକ୍ଷା ଚାହୁଁଛି। ଏପରିକି ଆଗାମୀ ୬ ବର୍ଷ ମଧ୍ୟରେ ୩ଲକ୍ଷ କୋଟି ବିନିଯୋଗ ଆବଶ୍ୟକ ରହିଛି। ସେହିଭଳି ଆଲୁମିନିୟମ ଆମଦାନୀ ଉପରେ ଅତ୍ୟଧିକ ଶୁଳ୍କ ଲଗାଯାଇ ଘରୋଇ ଉଦ୍ୟୋଗୀଙ୍କୁ ସୁରକ୍ଷା ଦେବା ସହିତ ଅତ୍ୟାବଶ୍ୟକ କଞ୍ଚାମାଲ ଉପରେ ବିଦ୍ୟମାନ ଶୁଳ୍କ ଯଥାର୍ଥ ହେବା ଉଚିତ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଭାରତର ସର୍ବୋଚ୍ଚ ଆଲୁମିନିୟମ ଉପତ୍ାଦକମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ସଂସ୍ଥା ତଥା ଭାରତ ସରକାରଙ୍କ ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ଡିପାର୍ଟମେଣ୍ଟ ଫର୍ ପ୍ରୋମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟରନାଲ ଟ୍ରେଡ୍ (ଡିପିଆଇଆଇଟି) ଜରିଆରେ ଏଏଆଇ ଏହାର ପୂର୍ବ ବଜେଟ ପ୍ରତିନିଧିତ୍ୱ ଦାଖଲ କରିଛି। ଏପରିକି ଏହା ଦେଶର ଆଲୁମିନିୟମ ଅଭିବୃଦ୍ଧି ଉପରେ ନିରନ୍ତର ଗୁରୁତ୍ୱ ଦେଇଥାଏ। ବିଶେଷକରି ୨୦୪୭ ସୁଦ୍ଧା ଦେଶ ଏକ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିବା ଲାଗି ପ୍ରୟାସୀ ଥିଲାବେଳେ ଏହାଦ୍ୱାରା ଆମେରିକା, ମାଲେସିଆ ଓ ଇଣ୍ଡୋନେସିଆ ପରି ଅନେକ ଦେଶ ଆଲୁମିନିୟମକୁ ଏକ ରଣନୀତିକ କ୍ଷେତ୍ର ଭାବେ ବିବେଚନା କରିଛନ୍ତି।

ସେହିଭଳି ଶିଳ୍ପ ଆକଳନ ଅନୁସାରେ ବିଶ୍ୱର ହାରାହାରି ୧୨ କିଲୋଗ୍ରାମ ତୁଳନାରେ ଭାରତର ମୁଣ୍ଡ ପିଛା ଆଲୁମିନିୟମ ବାର୍ଷିକ ୩ କିଲୋ ରହିଛି। ଏପରିକି ୨୦୩୦ ସୁଦ୍ଧା ଆଲୁମିନିୟମର ୧୦ ଏମ୍‌ଟିପିଏରେ ପହଞ୍ଚିବାକୁ ଥିବା ଘରୋଇ ଚାହିଦା ସତ୍ତ୍ୱେ ଏହି କ୍ଷେତ୍ର ନୂଆ ପୁଞ୍ଜି ନିବେଶକୁ ଆକର୍ଷିତ କରିବାର ପ୍ରମୁଖ ଆହ୍ୱାନର ସମ୍ମୁଖୀନ ହୋଇଛି। ଏହି ଆଶା କରାଯାଉଥିବା ଚାହିଦା ପୂରଣ ଲାଗି ଆଗାମୀ ୬ବର୍ଷ ମଧ୍ୟରେ ୩ ଲକ୍ଷ କୋଟି ବିନିଯୋଗ ଆବଶ୍ୟକ ରହିଛି। ଏହା ହେଲେ ଦେଶରେ ଏକ ବ୍ୟାପକ ନିଯୁକ୍ତି ସୃଷ୍ଟି ମଧ୍ୟ ହୋଇପାରିବ।

ଏ ନେଇ ଶିଳ୍ପ ସଦସ୍ୟମାନେ ଉଲ୍ଲେଖ କରିଛନ୍ତି, ଘରୋଇ ବଜାରରେ ଆମଦାନୀ ପ୍ରବାହ ଓ ପୁଞ୍ଜି ବିନିଯୋଗ କରିବାରେ ଏକ ପ୍ରତିବନ୍ଧକ ରହିଛି, ଯେତେବେଳେ କି ଭାରତରେ ଆଲୁମିନିୟମ ହବ୍ ଉପତ୍ନ ହେବା ପାଇଁ ସବୁ ପ୍ରକାର ଉପାଦାନ ଉପଲବ୍ଧ ଅଛି। ତେଣୁ ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଉଚିତ ବୋଲି ଶିଳ୍ପ ସଦସ୍ୟମାନେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

ତେଣୁ ଏଏଆଇ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛି, ଦେଶର ଆତ୍ମନିର୍ଭରଶୀଳତାକୁ ସହାୟକ ହେବା ଓ ପ୍ରାଥମିକ/ଡାଉନଷ୍ଟ୍ରିମ୍ ଉପତ୍ାଦ ଉପରେ ଆମଦାନୀ ଶୁଳ୍କକୁ ବିଦ୍ୟମାନ ୭.୫% ରୁ ୧୦%କୁ ବୃଦ୍ଧି କରାଗଲେ ଦେଶ ନୂଆ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବ। ଅପରପକ୍ଷରେ ଶସ୍ତା ଆମଦାନୀକୁ ନିୟନ୍ତ୍ରଣ କରିବା ଲାଗି ଆବଶ୍ୟକ ବ୍ୟବସ୍ଥା ରହିବା ଉଚିତ ରହିଛି।

ବିଶ୍ୱର ପ୍ରତିଦ୍ୱନ୍ଦ୍ୱିତାକୁ ସୁନିଶ୍ଚିତ କରିବା ଲାଗି ଏହା ଜରୁରୀ ଯେ ନୀତିଗୁଡ଼ିକ ଏକ ସ୍ଥାୟୀ ପରିବେଶ ପ୍ରତିପୋଷଣ କରିବା ସହ ଘରୋଇ ଶିଳ୍ପ ଲାଗି ଅଭିବୃଦ୍ଧି ଘଟାଇବା ସହ ବିଶ୍ୱ ବଜାରରେ ଏକ ଅଗ୍ରଣୀ ଭାବେ ସ୍ଥାନିତ କରିବ। ବର୍ତ୍ତମାନ ଶିଳ୍ପ ଏହାର ଉପତ୍ାଦନ ମୂଲ୍ୟର ୧୭% ଟିକସ, ଶୁଳ୍କ ବହନ କରୁଛି। ଏହାକୁ ହ୍ରାସ କରିବା ଲାଗି ଏଏଆଇ ପ୍ରସ୍ତାବ ଦେଇଛି।

ଘରୋଇ ଆଲୁମିନିୟମ ଉଦ୍ୟୋଗର କ୍ଷମତା ବିନିଯୋଗରେ ୮ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇଥିଲା ଏବଂ ଦୁର୍ଗମ ଅଞ୍ଚଳରେ ବିଶେଷକରି ଡାଉନଷ୍ଟ୍ରିମ କ୍ଷେତ୍ରରେ ୪୦୦୦ରୁ ଅଧିକ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶରେ ସହାୟକ ହୋଇଥିଲା।




## ସ୍ମାଇଲ ଗୋଲ୍ଡର ଆକର୍ଷଣୀୟ ଅଫର

**ଭୁବନେଶ୍ୱର,୩୦।୧୦:** ସ୍ମାଇଲ ଗୋଲ୍ଡ ଜୁଏଲର୍ସର ବହୁ ପ୍ରତୀକ୍ଷିତ ସ୍କିମ୍ ତଥା ଧନ୍‌ତେରସ ଅଫର୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅଫର ସ୍ୱଳ୍ପ ଅବଧି ଲାଗି ଉପଲବ୍ଧ ରହିଛି। ଏପରିକି ଏହି ଅଫର ଜରିଆରେ ଗ୍ରାହକଙ୍କୁ ସୁନାଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୪୮୯ ଟଙ୍କାର ରିହାତି ଦିଆଯାଉଛି। ସେହିଭଳି ରୁପାଗହଣା ଉପରେ ୫୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଥିବାବେଳେ ହୀରାଗହଣା ଉପରେ ୨୫% ପର୍ଯ୍ୟନ୍ତ ରିହାତି ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଏପରିକି ବ୍ରାଣ୍ଡେଡ୍ ହାତଘଣ୍ଟା ଓ ଫ୍ରେମ୍ ଆଇଟମ୍ ଉପରେ ୨୫% ଲେଖାଏଁ ରିହାତି ପ୍ରଦାନ କରାଯାଉଛି। ଏ ନେଇ ସ୍ମାଇଲ ଗୋଲ୍ଡ ଜୁଏଲର୍ସର ଏମ୍‌ଡି ଇଂ. ବାବୁରାମ ସ୍ୱାଇଁ କହିଥିଲେ, ଆମେ ଆମର ଧନ୍‌ତେରସ ଅଫରର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆଶାୟୀ ଗ୍ରାହକମାନେ ଏହି ଆକର୍ଷଣୀୟ ଅଫରର ଲାଭ ଉଠାଇବା ସହିତ ସେମାନଙ୍କ ମନପସନ୍ଦର ସାମଗ୍ରୀ ଘରକୁ ନେଇପାରିବେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଭାରତର ସବୁଠାରୁ ମହଙ୍ଗା ମିଠା




**ନୂଆଦିଲ୍ଲୀ, ୩୦।୧୦ :** ଦୀପାବଳି ପର୍ବର ଖୁସିକୁ ଦ୍ୱିଗୁଣିତ କରିଥାଏ ମିଠା। ପାର୍ବଣ ସମୟରେ ଘରେ ଘରେ ମିଠାର ଆସର ଜମିଥାଏ। ପରସ୍ପରକୁ ମିଠା ଦେଇ ସମସ୍ତେ ଶୁଭେଚ୍ଛା ଜଣାଇଥାନ୍ତି। ମିଠା ଅନେକ ପ୍ରକାର ହୋଇଥାଏ। ସାଧାରଣତଃ ମିଠା ୪୦୦-୫୦୦ ଟଙ୍କା ପ୍ରତି କେଜି ହୋଇଥାଏ। କିନ୍ତୁ ଆପଣ ଜାଣିଛନ୍ତି କି ଭାରତର ସବୁଠାରୁ ମହଙ୍ଗା ମିଠା ଦାମ୍ କେତେ ? ଭାରତର ସବୁଠାରୁ ମହଙ୍ଗା ମିଠା ନାଁ 'ଏକ୍ସୋଟିକା'। ଏହି ମିଠା ନିଜ ଦାମ୍ ଓ ପ୍ରସ୍ତୁତିର ଖାସ୍ ପ୍ରକ୍ରିୟା ଯୋଗୁଁ ସାରା ଦେଶରେ ପ୍ରସିଦ୍ଧ। ଏହା କେବଳ ୟୁପିର ରାଜଧାନୀ ଲକ୍ଷ୍ନୌରେ ମିଳିଥାଏ। ଲକ୍ଷ୍ନୌର ସଦର କ୍ୟାଣ୍ଟରେ 'ଛପନ ଭୋଗ' ନାମକ ଏକ ଦୋକାନ ରହିଛି ଯେଉଁଠି ଏହି ମିଠା ମିଳିଥାଏ। ଏହି ମିଠାର ଦାମ୍ ୫୬ ହଜାର ଟଙ୍କା ପ୍ରତି କିଲୋ। ଏତେ ଦାମ୍ ସତ୍ତ୍ୱେ ଏହାର ଚାହିଦା ବହୁତ ଅଧିକ। ଧନୀ ବ୍ୟକ୍ତିମାନଙ୍କର ଏହା ପ୍ରଥମ ପସନ୍ଦ। ବିଦେଶରୁ ଆସୁଥିବା ବିଦେଶୀ ପର୍ଯ୍ୟଟକ ମଧ୍ୟ ଏହାକୁ ସାଙ୍ଗରେ ନେଇଯାଇଥାନ୍ତି। ଏହାର ଦାମ୍ ଅଧିକ ଯୋଗୁଁ ଏହାକୁ ସବୁବେଳେ ପ୍ରସ୍ତୁତ କରାଯାଏନି। ଏଥିପାଇଁ ଅର୍ଡର ଦେବାକୁ ପଡେ।

## ଅଶୋକ ଚନ୍ଦ୍ରା ହୋଇପାରନ୍ତି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ପରବର୍ତ୍ତି ଏମଡି ତଥା ସିଇଓ



**ନୂଆଦିଲ୍ଲୀ, ୩୦।୧୦:** ଅଶୋକ ଚନ୍ଦ୍ରା ହୋଇପାରନ୍ତି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ପରବର୍ତ୍ତୀ ଏମଡି ତଥା ସିଇଓ। ଭାରତ ସରକାର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଦାୟିତ୍ୱ ଅଶୋକ

**କେନ୍ଦ୍ର ସରକାରଙ୍କୁ ସୁପାରିସ କଲା ଏଫଏସଆଇବି**

ଚନ୍ଦ୍ରାଙ୍କୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇପାରନ୍ତି। ଆର୍ଥିକ ସେବା ପ୍ରତିଷ୍ଠାନ ବ୍ୟୁରୋ ତାଙ୍କ ନିଯୁକ୍ତିକୁ ସୁପାରିଶ୍ କରିଛି। ଏହା ସହ ପିଏନବିର ନୂତନ ଏମଡି ତଥା ସିଇଓ ପଦରେ ତାଙ୍କୁ ନିଯୁକ୍ତ କରିବା ପାଇଁ ରାସ୍ତା ସଫା କରିଛି। ଅଶୋକ ଚନ୍ଦ୍ରା ବର୍ତ୍ତମାନ କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ନିଯୁକ୍ତ ଅଛନ୍ତି। ସେ ଅତୁଲ କୁମାର ଗୋଏଲଙ୍କ ସ୍ଥାନ ନେବେ, ଯିଏକି ଡିସେମ୍ବର ୩୧, ୨୦୨୪ ରେ ଅବସର ନେବାକୁ ଯାଉଛନ୍ତି। ସରକାରୀ ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥାର ନିର୍ଦ୍ଦେଶକ ଚୟନ କରୁଥିବା ସଂସ୍ଥା FSIB ସୋମବାର ଏହି ନିଷ୍ପତ୍ତି ନେଇଛି। ଏଥିପାଇଁ ୧୬ ଜଣ ଆଶାୟୀଙ୍କ ସାକ୍ଷାତକାର ନେଇଥିଲା ସଂସ୍ଥା। ଏନେଇ ସଂସ୍ଥା କହିଛି ଯେ, ସାକ୍ଷାତକାରରେ ତାଙ୍କ ପ୍ରଦର୍ଶନ, ସମଗ୍ର ଅନୁଭବ ଓ ଉପସ୍ଥିତ ମାପଦଣ୍ଡକୁ ଧ୍ୟାନରେ ରଖି ବ୍ୟୁରୋ ପିଏନବିରେ ଏମଡି ଏବଂ ସିଇଓ ପଦ ପାଇଁ ଅଶୋକ ଚନ୍ଦ୍ରାଙ୍କ ନାମରେ ସୁପାରିଶ୍ କରିଛି। ଏଫଏସଆଇବିର ସୁପାରିଶ୍ ଆଧାରରେ ଅନ୍ତିମ ନିର୍ଣ୍ଣୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ନିଯୁକ୍ତି ସମିତି ଦ୍ୱାରା ନିଆଯିବ।

# ଲଞ୍ଚ ହେଲା ରେନଲ୍ଟର ଇଲେକ୍ଟ୍ରିକ୍ ବାଇକ୍

**ନୂଆଦିଲ୍ଲୀ, ୩୦।୧୦:** ରେନଲ୍ଟ ପ୍ୟାରିସ୍ ମୋଟର ସୋ'ରେ ୪ ଇ-ଟେକ୍ ଇଲେକ୍ଟ୍ରିକ୍ କାର୍ ଉପସ୍ଥାପନ କରିଛି। ରେନାଲ୍ଟର କେବଳ ଇଲେକ୍ଟ୍ରିକ୍ କାର୍ ନୁହେଁ, ଅନ୍ୟାନ୍ୟ ପ୍ରଡ଼କ୍ଟ ମଧ୍ୟ ଅଟୋ ଇଣ୍ଡଷ୍ଟ୍ରିର ଦୃଷ୍ଟି ଆକର୍ଷଣ କରିଛି। ଏହି ମୋଟର ଶୋ'ରେ ରେନାଲ୍ଟ ହେରିଟେଜ୍ ସ୍ପିରିଟ୍ ସ୍କ୍ରାମବ୍ଲର୍ ମଧ୍ୟ ପ୍ରଦର୍ଶନ କରିଥିଲେ, ଯାହା ଏକ ଇଲେକ୍ଟ୍ରିକ୍ ମୋଟରସାଇକେଲ୍। ଏହି ଇଭିର ମୂଲ୍ୟ ହେଉଛି ୨୩,୩୪୦ ୟୁରୋ ଅର୍ଥାତ ଏହାର ଭାରତୀୟ ମୂଲ୍ୟ ପ୍ରାୟ ୨୧. ୨ ଲକ୍ଷ ଟଙ୍କା। ଭାରତରେ ଉପଲବ୍ଧ ମହିନ୍ଦ୍ରା ସ୍କର୍ପିଓ N ର ମୂଲ୍ୟ ମଧ୍ୟ ଏହି ଇଭି ବାଇକ୍ ଠାରୁ କମ୍ ଅଟେ।

ସ୍କର୍ପିଓର ଏକ୍ସ-ସୋରୁମ୍ ମୂଲ୍ୟ ୧୩.୮୫ ଲକ୍ଷରୁ ଆରମ୍ଭ ହୋଇ ୨୪. ୫୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାଏ। ଫ୍ରେଞ୍ଚ ଷ୍ଟାର୍ଟ ଅପ୍ କମ୍ପାନୀ ଆଟେଲିର୍ସ ହେରିଟେଜ୍ ବାଇକ୍ ଦ୍ୱାରା ରେନାଲ୍ଟ ଇଲେକ୍ଟ୍ରିକ୍ ମୋଟରସାଇକେଲ୍ ପ୍ରସ୍ତୁତ କରାଯାଇଛି। ଏହି ଇଲେକ୍ଟ୍ରିକ୍ ମୋଟରସାଇକେଲର ମୂଲ୍ୟ ଭାରତରେ ଉପଲବ୍ଧ ଇଭି ତୁଳନାରେ ବହୁତ ଅଧିକ। କିନ୍ତୁ ଏହି ବାଇକ୍ ବିଷୟରେ ବିଶେଷ କଥା ହେଉଛି ଏହି ବାଇକ୍ ସଂପୂର୍ଣ୍ଣ ଭାବେ ହାତରେ ତିଆରି ହୋଇଛି। ଏହି ବାଇକର କେବଳ ଲିମିଟେଡ୍ ମଡେଲଗୁଡିକ ବଜାରକୁ ଅଣାଯାଇଛି। ଏହି ବାଇକ୍ ପାଇଁ କମ୍ପାନୀ ବୁକିଂ ମଧ୍ୟ ଆରମ୍ଭ କରିଛି। ଯଦି ଆପଣ ଆଜି ଏହି ବାଇକ୍ ବୁକ୍ କରନ୍ତି, ତେବେ ଏହି ଇଭିର ଡେଲିଭରି ୨୦୨୫ରେ ଉପଲବ୍ଧ ହେବ। ଏହି ମୋଟର ସୋ'ରେ ରେନାଲ୍ଟ ଏକ ମିନି କାର୍ଭାନ୍, ଏକ ବିମାନ ଏବଂ ଏକ ୱାଟର୍ ଭେଇକିଲ୍ ମଧ୍ୟ ପ୍ରକାଶ କରିଛି। ବିଶ୍ୱ ବଜାରରେ ରେନାଲ୍ଟ ଇଲେକ୍ଟ୍ରିକ୍ ମୋଟରସାଇକେଲର ଦୁଇଟି ଭରିଆଣ୍ଟ



ଆସିଛି - ଷ୍ଟାଣ୍ଡାର୍ଡ ଏବଂ ୫୦ version। ଏହାର ୫୦ version ମଡେଲର ମୂଲ୍ୟ ୨୧. ୨ ଲକ୍ଷ ଟଙ୍କା। ଯେଉଁଠାରେ ଷ୍ଟାଣ୍ଡାର୍ଡ ମଡେଲର ମୂଲ୍ୟ ୨୨. ୭ ଲକ୍ଷ ଟଙ୍କା ରଖାଯାଇଛି।

କମ୍ପାନୀ ଦାବି କରିଛି ଯେ ଷ୍ଟାଣ୍ଡାର୍ଡ ମଡେଲର ଟପ୍ ସ୍ପିଡ୍ ୯୯ କିଲୋମିଟର ହୋଇଥିବାବେଳେ 50 versionର ଟପ୍ ସ୍ପିଡ୍ ୪୫ କିଲୋମିଟର ବୋଲି କୁହାଯାଉଛି। ରେନାଲ୍ଟ ଇଲେକ୍ଟ୍ରିକ୍ ମୋଟରସାଇକେଲ୍ ହେଉଛି ଏକ ନିଓ-ରେଟ୍ରୋ ସ୍କ୍ରାମବ୍ଲର୍। ଏହି ବାଇକରେ LED DRL ସହିତ LED ହେଡଲାଇଟ୍ ରହିଛି। ଏହି ବାଇକ୍ ର ସିଟ୍ ସିଙ୍ଗଲ୍ ପିସ୍ ରିବଡ୍ ଡିଜାଇନ୍ ସହିତ ଆସିଥାଏ। ରେନାଲ୍ଟ ନିଜ ବାଇକରେ ଏକ ବହୁତ ବଡ ହ୍ୟାଣ୍ଡଲ୍ ବାର୍ ଦେଇଛି, ଯେଉଁଥିରେ ସର୍କୁଲାର୍ ବାର୍-ଏଣ୍ଡ ମିରର୍ ଅଛି।

ବାଇକର ଫୁଏଲ୍ ଟ୍ୟାଙ୍କରେ ଟ୍ରାଡିସନାଲ୍ ମୋଟରସାଇକେଲ ପରି ଏଲିମେଣ୍ଟ ଦିଆଯାଇଛି। ଏହି ରେନାଲ୍ଟ ମୋଟରସାଇକେଲରେ ୪. ୮ kWh ବ୍ୟାଟେରୀ ପ୍ୟାକ୍ ଅଛି। ଏହି ବାଇକରେ ସ୍ଥାପିତ ଇଲେକ୍ଟ୍ରିକ୍ ମୋଟର ୧୦ bhp ପିକ୍ ପାୱାର ଏବଂ ୨୮୦ Nm ଟର୍କ ପ୍ରଦାନ କରିଥାଏ। କମ୍ପାନୀ ଦାବି କରିଛି ଯେ ଏହି ରେନାଲ୍ଟ ଇଲେକ୍ଟ୍ରିକ୍ ମୋଟରସାଇକେଲ୍ ସିଙ୍ଗଲ୍ ଚାର୍ଜିଂରେ ୧୧୦ କିଲୋମିଟର ଦୂରତା ଦେଇଥାଏ।

**ପୋଷ୍ଟାଲ ସ୍କିମ୍**

## ମାତ୍ର ୧୦ହଜାର ଟଙ୍କା ଜମା କଲେ ମିଳିବ ୭ଲକ୍ଷ ଟଙ୍କା




**ନୂଆଦିଲ୍ଲୀ,୩୦।୧୦:** ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକ ପାଇଁ କ୍ଷୁଦ୍ର ସଞ୍ଚୟ ଯୋଜନାର ସୁଧ ହାରରେ ପରିବର୍ତ୍ତନ ଘୋଷଣା କରିବାକୁ ଅର୍ଥ ମନ୍ତ୍ରଣାଳୟ ଘୋଷଣା କରିଥିଲେ। ଏହି ପରିବର୍ତ୍ତନ ଅଧୀନରେ ୫ ବର୍ଷର ବାରମ୍ବାର ଜମା ଅଧିକ ଆକର୍ଷଣୀୟ ହୋଇଛି। ସରକାର ଏହାର ସୁଧ ହାରକୁ ୩୦ ଆଧାର ପଏଣ୍ଟ ବୃଦ୍ଧି କରିଛନ୍ତି। ବର୍ତ୍ତମାନ ପୋଷ୍ଟ ଅଫିସ ବାରମ୍ବାର ଜମା ଉପରେ ୬.୨ ପ୍ରତିଶତ ପରିବର୍ତ୍ତେ ୬.୫ ପ୍ରତିଶତ ସୁଧ ମିଳିବ। ଏହା ବ୍ୟତୀତ ୧ ବର୍ଷ ୨ ବର୍ଷର ସମୟ ଜମା ଉପରେ ସୁଧ ହାର ମଧ୍ୟ ୧୦ ଆଧାର ପଏଣ୍ଟକୁ ବୃଦ୍ଧି କରାଯାଇଛି।

ଏହି ଯୋଜନା ଯାହା ମଧ୍ୟମ ଅବଧି ନିବେଶକମାନଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ ବାର୍ଷିକ ୬.୫ ପ୍ରତିଶତ ସୁଧ ଉପଲବ୍ଧ, କିନ୍ତୁ ଗଣନା ତ୍ରୈମାସିକ ଯୌଗିକ ଆଧାରରେ କରାଯାଇଥାଏ। ଜମା ପାଇଁ ସର୍ବନିମ୍ନ ରାଶି ହେଉଛି ୧୦୦ ଟଙ୍କା ଏବଂ ତା'ପରେ ଯେକୌଣସି ରାଶି ୧୦୦ ଟଙ୍କା ଗୁଣରେ ଜମା ହୋଇପାରିବ। କହିବା ଗଲେ ବ୍ୟାଙ୍କ ତୁଳନାରେ, ପୋଷ୍ଟାଲ ବାରମ୍ବାର ଜମା କେବଳ ୫ ବର୍ଷ ପାଇଁ। ପରେ ଏହାକୁ ପୁଣି ୫ ବର୍ଷ ପାଇଁ ବୃଦ୍ଧି କରାଯାଇପାରେ। ସମ୍ପ୍ରସାରଣ ସମୟରେ, ଆପଣ କେବଳ ପୁରୁଣା ସୁଧ ହାରର ଲାଭ ପାଇବେ।

ଡାକଘର ଆରଡି କାଲକୁଲେଟର ଅନୁଯାୟୀ ଯଦି ଜଣେ ନିବେଶକ ପ୍ରତି ମାସରେ ୧୦ ହଜାର ଟଙ୍କା ଜମା କରନ୍ତି ତେବେ ପାଞ୍ଚ ବର୍ଷ ପରେ ତାଙ୍କୁ ୭ ଲକ୍ଷ ୧୦ ହଜାର ଟଙ୍କା ମିଳିବ। ତାଙ୍କର ମୋଟ ଜମା ହୋଇଥିବା ପୁଞ୍ଜି ୬ ଲକ୍ଷ ଟଙ୍କା ଏବଂ ସୁଧ ଅଂଶ ପ୍ରାୟ ୧ ଲକ୍ଷ ୧୦ ହଜାର ଟଙ୍କା ହେବ। ଯଦି ଆପଣ ମଧ୍ୟ ପୋଷ୍ଟାଲରେ ବାରମ୍ବାର ଜମା ଖାତା ଖୋଲିବାକୁ ଚାହାଁନ୍ତି, ତେବେ ଆପଣ ୧ରୁ ୧୫ ତାରିଖ ମଧ୍ୟରେ ଖାତା ଖୋଲିପାରିବେ। ତେଣୁ ପ୍ରତ୍ୟେକ ମାସର ୧୫ ତାରିଖ ସୁଦ୍ଧା ଜମା କରିବାକୁ ପଡ଼ିବ। ୧୫ ତାରିଖ ପରେ ଯଦି କୌଣସି ମାସରେ ଆକାଉଣ୍ଟ ଖୋଲାଯାଏ, ତେବେ ପ୍ରତ୍ୟେକ ମାସ ଶେଷ ସୁଦ୍ଧା କିସ୍ତି ଜମା କରିବାକୁ ହେବ। ୧୨ତମ କିସ୍ତି ଜମା କରିବା ଉପରେ ସୁବିଧା ମଧ୍ୟ ଉପଲବ୍ଧ। ଆରଡି ଆକାଉଣ୍ଟରେ ଉପଲବ୍ଧ ସୁଧ ହାରଠାରୁ ସୁଧ ହାର ୨ ପ୍ରତିଶତ ଅଧିକ ହେବ। ଯଦି ୫ ବର୍ଷ ପୂର୍ବରୁ ୧ ଦିନ ପୂର୍ବରୁ ଆକାଉଣ୍ଟ ବନ୍ଦ ହୋଇଯାଏ, ତେବେ କେବଳ ସଞ୍ଚୟ ଆକାଉଣ୍ଟରେ ସୁଧର ଲାଭ ଉପଲବ୍ଧ ହେବ। ବର୍ତ୍ତମାନ ସଞ୍ଚୟ ଆକାଉଣ୍ଟରେ ସୁଧ ହାର ୪ ପ୍ରତିଶତ।

## ଜେଏସଡବ୍ଲ୍ୟୁ ସହ ବୁଝାମଣା କଲା ପସ୍କୋ

**ନୂଆଦିଲ୍ଲୀ, ୩୦।୧୦:** ଦକ୍ଷିଣ କୋରିଆ କମ୍ପାନୀ ପସ୍କୋ ପ୍ରାୟ ୧୯ବର୍ଷ ପରେ ଓଡ଼ିଶା ଫେରିବ। ଆଉ ଇସ୍ପାତ କ୍ଷେତ୍ରରେ ପୁଞ୍ଜିନିବେଶ କରିବ। ବିଶ୍ୱର ସପ୍ତମ ବୃହତମ ଇସ୍ପାତ ଉତ୍ପାଦନକାରୀ ପସ୍କୋ ଆଜି ଜେଏସଡବ୍ଲ୍ୟୁ ସହ ଏମଓୟୁ ସ୍ୱାକ୍ଷର କରି ଇସ୍ପାତ, ବ୍ୟାଟେରୀ ସାମଗ୍ରୀ ଓ ଅକ୍ଷୟଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ସହମତ ହୋଇଛି। ଓଡ଼ିଶାର ପାରାଦୀପଠାରେ(ପସ୍କୋର ପୁରୁଣା ପ୍ରକଳ୍ପ ସ୍ଥାନ) ଜେଏସଡବ୍ଲ୍ୟୁର ପ୍ରସ୍ତାବିତ ମେଗା ଇସ୍ପାତ ପ୍ରକଳ୍ପରେ ଏକାଠି କାମ କରିବାକୁ ଉଭୟ କମ୍ପାନୀ ମଧ୍ୟରେ ବୁଝାମଣା ହୋଇଥିବା ଜଣାପଡ଼ିଛି।

ଦକ୍ଷିଣ କୋରିଆର ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁସାରେ, ମେଗା ଷ୍ଟିଲ ପ୍ଲାଂଟ ସ୍ଥାପନ ପାଇଁ ଭାରତର ଜେଏସଡବ୍ଲ୍ୟୁ ଗ୍ରୁପ୍ ସହ ପସ୍କୋ ଗ୍ରୁପ୍ ଏମଓୟୁ ସ୍ୱାକ୍ଷର କରିଛି। ଉଭୟ କମ୍ପାନୀ ଓଡ଼ିଶାରେ ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଂଟରେ ବାର୍ଷିକ ୫ନିୟୁତ ଟନ୍ ଉତ୍ପାଦନ କରିବା ସହ ଭବିଷ୍ୟତରେ ଏହାର କ୍ଷମତା ସମ୍ପ୍ରସାରଣ ପାଇଁ ମଧ୍ୟ ରାଜି ହୋଇଛନ୍ତି। ଉଭୟ କମ୍ପାନୀ ୫୦ ପ୍ରତିଶତ ଲେଖାଏଁ ପୁଞ୍ଜିନିବେଶ କରିବେ ଯାହାକି ବିଲିୟନ ଡଲାରରେ ବୋଲି ଆଶା କରାଯାଉଛି।

ହି ଏମଓୟୁ ପରେ ପସ୍କୋ ଗ୍ରୁପ୍ ଅଧ୍ୟକ୍ଷ ଚାଙ୍ଗ-ଇନ ହ୍ୱା ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ, ଜେଏସଡବ୍ଲ୍ୟୁ ଗ୍ରୁପ୍ ସହ ଭାଗିଦାରୀ ଦ୍ୱାରା କୋରିଆ ଓ ଭାରତର ଆର୍ଥିକ ବିକାଶରେ ଯୋଗଦାନ ଦେଇପାରିବୁ ବୋଲି ଆଶା କରୁଛୁ। ପସ୍କୋ ଭବିଷ୍ୟତରେ ନିଜର ବିଦେଶୀ ପୁଞ୍ଜିନିବେଶକୁ ବୃଦ୍ଧି କରିବ। ଏହି ଭାଗିଦାରୀ ଭାରତରେ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଇସ୍ପାତ ଚାହିଦାକୁ ଦୃଷ୍ଟିରେ ରଖି କରାଯାଇଛି। ଗତବର୍ଷ ଭାରତରେ ଇସ୍ପାତ ଚାହିଦା ୧୨୦ ମିଲିୟନ ଟନ୍ ଥିବାବେଳେ ୨୦୪୭ ସୁଦ୍ଧା ଏହା ୪୦୦ ମିଲିୟନ ଟନରେ ପହଂଚିବ ବୋଲି ପସ୍କୋ ପକ୍ଷରୁ ଆକଳନ କରାଯାଇଛି। ପସ୍କୋ ଏବେ ମହାରାଷ୍ଟ୍ରରେ ରୋଲିଂ ମିଲ୍ ସ୍ଥାପନ କରିଛି।

ଉଲ୍ଲେଖଯୋଗ୍ୟ, ଓଡ଼ିଶାର ପାରାଦୀପ(ଏରସମା)ଠାରେ ମେଗା ଇସ୍ପାତ ପ୍ରକଳ୍ପ ନିମନ୍ତେ ପସ୍କୋ ୧୨ ବିଲିୟନ ଡଲାର ପୁଞ୍ଜିନିବେଶ କରିବାକୁ ୨୦୦୫ ମସିହାରେ ତତକାଳୀନ ଓଡ଼ିଶା ସରକାରଙ୍କ ସହ ଏମଓୟୁ ସ୍ୱାକ୍ଷର କରିଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ସହଯୋଗ ନମିଳିବାରୁ କମ୍ପାନୀ ୨୦୧୭ରେ ଏହି ପ୍ରକଳ୍ପରୁ ଓହରି ଯାଇଥିଲା। ଏବେ ପୁଣିଥରେ କମ୍ପାନୀ ଓଡ଼ିଶା ଫେରିବାକୁ ନିଷ୍ପତ୍ତି ନେଇଛି। ଜେଏସଡବ୍ଲ୍ୟୁ ଏବେ ଏରସମାଠାରେ ନିଜର ମେଗା ଇସ୍ପାତ ପ୍ରକଳ୍ପ ସ୍ଥାପନ କାର୍ଯ୍ୟ ଜାରି ରଖିଛି। କମ୍ପାନୀକୁ ରାଜ୍ୟ ସରକାର ଜମି ହସ୍ତାନ୍ତର କରିସାରିଛନ୍ତି। ପସ୍କୋ ଏବେ ନିଜର ସେହି ପୁରୁଣା ସ୍ଥାନରେ ଜେଏସଡବ୍ଲ୍ୟୁ ସହ ମିଶି ପ୍ରକଳ୍ପ କରିବ ବୋଲି ଜଣାପଡ଼ିଛି।

## ରେକର୍ଡ ପରିମାଣର କାରବାର

**ଭୁବନେଶ୍ୱର,୩୦।୧୦:** ପ୍ରତିବର୍ଷ ଭଳି ଚଳିତ ବର୍ଷ ଧନ୍‌ତେରସ୍ ଅବସରରେ ଓଡ଼ିଶା ସୁନା ବଜାର ରେକର୍ଡ ପରିମାଣର କାରବାର କରିଛି। ଏପରିକି ଦରବୃଦ୍ଧି ସତ୍ତ୍ୱେ ବ୍ୟବସାୟରେ ଉତ୍ସାହ ଉଭୟ ଭୁବନେଶ୍ୱର ଏବଂ ଓଡ଼ିଶାର ପ୍ରମୁଖ ବଜାରଗୁଡିକରେ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଘରୋଇ ପାଞ୍ଜି ଗଣନା ଅନୁଯାୟୀ ଚଳିତ ବର୍ଷ ଓଡ଼ିଶାରେ ଧନ୍‌ତେରସ୍ କ୍ରମାଗତ ୨ ଦିନ ଧରି ପାଳନ ହେଉଛି। ଏହି ୨ ଦିନ ଯାକ ଓଡ଼ିଶା ବଜାରର ବ୍ୟବସାୟୀମାନେ ବ୍ୟାପକ ପ୍ରସ୍ତୁତ କରିଛନ୍ତି। ଫଳରେ ଧନ୍‌ତେରସ୍‌ର ପ୍ରଥମ ଦିନର କାରବାର ପ୍ରାୟ ୧୦୦କୋଟି ଛୁଇଁଥିବା ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ଆକଳନ କରାଯାଇଛି। ସେହିଭଳି ଆଗକୁ ଦୀପାବଳି ଓ ଛଟ୍ ଭଳି ପର୍ବପର୍ବାଣି ସାଙ୍ଗକୁ ବାହାଘର ଥିବାରୁ ଗ୍ରାହକ ଏକ ସଙ୍ଗେ କ୍ରୟ କରୁଥିବା ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ସୂଚନା ଦିଆଯାଇଛି। କାରଣ କ୍ରମାଗତ ଭାବେ ଦରବୃଦ୍ଧି ଘଟୁଥିବାବେଳେ ଘରୋଇ ବଜାରର ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୮୦,୪୫୦ ଟଙ୍କାରେ କାରବାର ହେଉଛି। ଏପରିକି ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୩,୫୦୦ ଟଙ୍କା ଥିଲାବେଳେ ୧୮ ଗ୍ରାମ ଓ ଅନ୍ୟ ମୂଲ୍ୟବାନ୍ ଧାତୁର ମୂଲ୍ୟ ପ୍ରାୟ ୪୦ରୁ ୫୦ ହଜାର ଟଙ୍କା ଏବଂ ରୁପା ଦର କେଜି ପ୍ରତି ୧,୦୭,୦୦୦ ଟଙ୍କାରେ କାରବାର ହେଉଛି। ଭାରତୀୟ ପରମ୍ପରା ଓ ସଂସ୍କୃତି ଅନୁଯାୟୀ ଧନ୍‌ତେରସ୍ ଅବସରରେ ମୂଲ୍ୟବାନ୍ ଧାତୁ କ୍ରୟ ବିଧି ଥିଲାବେଳେ ସବୁ ବର୍ଗର ଲୋକ ସେମାନଙ୍କର ସକ୍ଷମ ଅନୁଯାୟୀ ଅଳ୍ପ ବହୁତ ମୂଲ୍ୟରେ ସୁନା ଓ ମୂଲ୍ୟବାନ୍ ଧାତୁ କିଣିଛନ୍ତି। ଏପରିକି ଧନ୍‌ତେରସ୍ ଉପଲକ୍ଷେ କାରବାର ବୃଦ୍ଧି ପାଇଁ ବ୍ୟବସାୟୀମାନେ ଆକର୍ଷଣୀୟ ରିହାତି, ଅଫର ଓ ଉପହାର ଜରିଆରେ ଗ୍ରାହକଙ୍କୁ ବହୁ ପରିମାଣରେ ଆକୃଷ୍ଟ କରିବାରେ ସକ୍ଷମ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ନୂଆଦିଲ୍ଲୀରେ ମଧ୍ୟ ୨୪କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୭୯,୯୬୩ ଟଙ୍କା ଥିଲାବେଳେ ୨୨କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୩,୩୧୦ଟଙ୍କା ରହିଛି।

# କେନ୍ଦ୍ର ସରକାରଙ୍କ ସ୍କାନରରେ ଓଲା

**ନୂଆଦିଲ୍ଲୀ, ୩୦।୧୦:** ଗ୍ରାହକଙ୍କ ଅଭିଯୋଗ ବଢ଼ୁଥିବା ବେଳେ ଓଲା ଇଲେକ୍ଟ୍ରିକ୍ ଏବେ ସରକାରଙ୍କ ସ୍କାନରକୁ ଆସିଛି। ଖାଉଟି ସୁରକ୍ଷା ଆଇନ (୨୦୧୯)ର ସମ୍ଭାବ୍ୟ ଉଲ୍ଲଂଘନ କୁ ନେଇ ଭାରତର ଉପଭୋକ୍ତା ପର୍ଯ୍ୟବେକ୍ଷକ କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ (ସିସିପିଏ) ଓଲା ଇଲେକ୍ଟ୍ରିକ୍‌କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଖାଉଟି ବ୍ୟାପାର ବିଭାଗ ଦ୍ୱାରା ପରିଚାଳିତ ଜାତୀୟ ଉପଭୋକ୍ତା ହେଲ୍ପଲାଇନ୍ (ଏନ୍‌ସିଏଚ୍) ୨୦୨୩ ସେପ୍ଟେମ୍ବରରୁ ଓଲା ଇଲେକ୍ଟ୍ରିକ୍ ବିରୋଧରେ ୧୦,୬୪୪ଟି ଅଭିଯୋଗ ଆସିଛି। ଯେତେବେଳେ ଏନ୍‌ସିଏଚ୍ ଓଲା ଇଲେକ୍ଟ୍ରିକ୍ ର ଦ୍ୱାରସ୍ଥ ହୋଇଥିଲା, ସେତେବେଳେ କମ୍ପାନି ପକ୍ଷରୁ ମୃତଦେହକୁ ଉଦାସୀନତାର



ସମ୍ମୁଖୀନ ହେବାକୁ ପଡ଼ିଥିଲା। ୧୦,୬୪୪ଟି ଅଭିଯୋଗ ମଧ୍ୟରୁ ୩,୩୮୯ଟି ଅଭିଯୋଗ ଗାଡ଼ିସେବା ଯୋଗାଇବାରେ ବିଳମ୍ବ, ୧,୮୯୯ଟି ନୂଆ ଗାଡ଼ିର ଡେଲିଭରି ବିଳମ୍ବ ଏବଂ ୧,୪୫୯ ଜଣ ଗ୍ରାହକ ପ୍ରତିଶ୍ରୁତି ଦିଆଯାଇଥିବା କିନ୍ତୁ ପ୍ରଦାନ କରାଯାଇ ନଥିବା ସେବା ସମ୍ପର୍କରେ ଅଭିଯୋଗ କରିଛନ୍ତି।

ସେହିଭଳି କେବଳ ସୋସିଆଲ ମିଡିଆ ନୁହେଁ, ବିକ୍ରି ସହ ସଲା କମ୍ପାନୀର ବଜାର ଅଂଶ ମଧ୍ୟ ହ୍ରାସ ପାଇବାରେ ଲାଗିଛି । ଏପ୍ରିଲ ୨୦୨୪ରେ କମ୍ପାନୀର ବଜାର ଅଂଶ ପାଖାପାଖି ୫୦% ଥିବା ବେଳେ ସେପ୍ଟେମ୍ବର ୨୦୨୪ରେ ଏହା ୨୭% କୁ ହ୍ରାସ ପାଇଛି। ସେପ୍ଟେମ୍ବର ୨୦୨୪ରେ ବଜାଜ ଅଟୋର ବଜାର ଅଂଶ ୨୧.୫% ଥିବା ବେଳେ ଟିଭିଏସ୍ ମୋଟର ର ବଜାର ଅଂଶ ୨୦.୩% ରହିଛି। ବଜାରର ପ୍ରାୟ ଅଧା ଅଂଶ ଦଖଲ କରିଥିବା ଓଲା ଇଲେକ୍ଟ୍ରିକ୍ ଏବେ ଏକ ଚତୁର୍ଥାଂଶ ରେ ସୀମିତ ରହିଛି ଏବଂ ବର୍ତ୍ତମାନର ଧାରା ଜାରି ରହିଲେ କମ୍ପାନୀ ବର୍ଷ ଶେଷ ସୁଦ୍ଧା ଶୀର୍ଷ ସ୍ଥାନ ଦଖଲ କରିବାରେ ସକ୍ଷମ ହୋଇପାରିବ ନାହିଁ।

# ବୌଦ୍ଧରେ ଦୋହଲି ଗଲାଣି ସ୍ୱାସ୍ଥ୍ୟ ବ୍ୟବସ୍ଥା

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ମିଳୁନି ଶଯ୍ୟା




**ବୌଦ୍ଧ,୩୦।୧୦ (ସଂଚାର ବ୍ୟୁରୋ):** ହସ୍ପିଟାଲରେ ନାହିଁ ପର୍ଯ୍ୟାପ୍ତ ବେଡ଼ । ତେଣୁ ପ୍ରସୂତୀ ୱାର୍ଡରେ ତଳେ ଶୋଇ ରହିଛନ୍ତି ମହିଳା । କୋଳରେ ଧରିଛନ୍ତି ନବଜାତ ଶିଶୁ । ସେପଟେ ପରୀକ୍ଷାଗାର ଆଗରେ ନାହିଁ ନଥିବା ଭିଡ । ଘଣ୍ଟାଘଣ୍ଟା ଅପେକ୍ଷା ପରେ ପଡୁଛି ନମ୍ବର । ଦିବ୍ୟାଙ୍ଗ, ବୟସ୍କ, ଟ୍ରାନ୍ସଜେଣ୍ଡରଙ୍କ ପାଇଁ ନିର୍ମାଣ ହେଇଥିବା ଟିକେଟ କାଉଣ୍ଟର ଅଳିଆ ଆବର୍ଜନାର ଠିକଣା ପାଲଟିଛି । ହସ୍ପିଟାଲ ବାହାରେ ବି ସମାନ ଅବସ୍ଥା । ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ବୌଦ୍ଧ ଜିଲ୍ଲା ସମେତ ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ଓ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ଲୋକ ନିର୍ଭର କରନ୍ତି । କିନ୍ତୁ ଚିକିତ୍ସାଳୟରେ ଅଧାରୁ ଅଧିକ ଡାକ୍ତର ପଦବୀ ଖାଲିପଡ଼ିଛି । ବିଶେଷଜ୍ଞ ଡାକ୍ତରଙ୍କ କଥା ନ କହିବା ଭଲ । ହାତ ଗଣତି କିଛି ବିଶେଷଜ୍ଞଙ୍କୁ ନେଇ ଚାଲିଛି ଜିଲ୍ଲା ଚିକିତ୍ସା ସେବା । କୌଣସି ଗୁରୁତର ରୋଗୀ ଆସିଲେ ତାଙ୍କୁ ବୁର୍ଲା କି ବଲାଙ୍ଗୀର ରେଫ କରାଯାଉଛି । ବୌଦ୍ଧର ପୁରାତନ ଜେଲ ନିକଟରେ ନିର୍ମାଣ ଚାଲିଛି ୩ ଶହ ଶଯ୍ୟା ବିଶିଷ୍ଟ ନୂଆ ଡାକ୍ତରଖାନା । ବାହାରୁ ଦେଖି ଭାବୁଥିବେ ହସ୍ପିଟାଲ ନିର୍ମାଣ ସରିଛି, କେବଳ ଉଦଘାଟନ୍ ବାକି ଅଛି । କିନ୍ତୁ ଆପଣ ଭୁଲ ଭାବୁଛନ୍ତି । ୨୦୨୦-୨୧ରୁ ୧୧୮.୨୭ କୋଟି ବ୍ୟୟରେ ହସ୍ପିଟାଲ ନିର୍ମାଣ କାର୍ଯ୍ୟ ହାତକୁ ନେଇଛି ଘରୋଇ ଠିକାସଂସ୍ଥା। ୨୦୨୩ ଡିସେମ୍ବର ୩୧ ତାରିଖ ସୁଦ୍ଧା କାର୍ଯ୍ୟ ସାରିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । କିନ୍ତୁ ୨୦୨୪ ଅକ୍ଟୋବର ସରିବାକୁ ବସିଲାଣି କିନ୍ତୁ ସରିନି ନିର୍ମାଣ। କେଉଁଠି ନିଅଁ ଖୋଳା ଚାଲିଛି ତ ଆଉ କେଉଁଠି ଘର ତିଆରି ସାରଞ୍ଜାମ ଗଦା ହୋଇରହିଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହ ରାସ୍ତା ଓ କୋଠାବାଡ଼ି ବିଭାଗ ବାରମ୍ବାର ନକ୍ସା ପରିବର୍ତ୍ତନ କରୁଥିବାରୁ ନିର୍ମାଣ ବିଳମ୍ବ ଦେଉଥିବା ଠିକାସଂସ୍ଥାର ଅଧିକାରୀ କହିଛନ୍ତି ।

## ଏଡସ୍ ସଚେତନତା କାର୍ଯ୍ୟକ୍ରମ



**ଯୋଡା,୩୦।୧୦(ସଂଚାର ବ୍ୟୁରୋ):** ଯୋଡା ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ମଧ୍ଯରେ ଏକ ଏଡସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଉପଲକ୍ଷେ କଲେଜର ରେଡ୍ ରିବନ କ୍ଲବ୍ ତରଫରୁ କଲେଜର ସଭାଗୃହରେ ଛାତ୍ରୀମାନଙ୍କ ପାଇଁ ଏଚଆଇଭି-ଏଡସ୍ ଉପରେ ଏକ ସଚେତନତା ସଭା ଆୟୋଜନ ହୋଇଥିଲା । ଏହି ସଚେତନତା ସଭାରେ କଲେଜର ଅଧ୍ୟକ୍ଷା ଜୟଶ୍ରୀ ମହାନ୍ତି, ଅଧ୍ୟାପିକା ଗୀତା ମିଶ୍ର, ଅଧ୍ୟାପିକା ଶୁଶ୍ରୀ ଶୁଭଦର୍ଶିନୀ ପଣ୍ଡା, ଅଧ୍ୟାପକ ବିଭୂତି ଭୂଷଣ ମହାନ୍ତି ପ୍ରମୁଖ ଭୟାବହ ଏଡସ୍ ରୋଗ ଉପରେ ବାର୍ତ୍ତା ଦେଇ ଛାତ୍ରୀମାନଙ୍କୁ ସଚେତନ କରାଇ ଥିଲେ । ବକ୍ତାମାନେ ଏଡସ୍ ରୋଗକୁ ଭୟ କର ରୋଗୀକୁ ନୁହେଁ ବୋଲି ମତ ପ୍ରକାଶ କରିଥିଲେ ଏବଂ ମୁଖ୍ୟ ବକ୍ତା ଅଧ୍ୟାପକ ବିଭୂତି ଭୂଷଣ ମହାନ୍ତି ଏଡସ୍ କୁ ଜାଣିଲେ ଏଡସ୍ କୁ ଜିଣି ପାରିବା ବୋଲି ନିଜର ମତ ରଖିଥିଲେ । କଲେଜର ଯୁକ୍ତ ତିନି ଯୁଥ ରେଡ କ୍ରସ କାଉନସିଲ ତଥା ରେଡ ରିବନ୍ କ୍ଲବ ଦାୟିତ୍ୱରେ ଥିବା ଅଧ୍ୟାପକ ପବିତ୍ର ମୋହନ କର ଓ କଲେଜର ଯୁକ୍ତଦୁଇ କାଉନସିଲର ତଥା ରେଡ୍ ରିବନ୍ କ୍ଲବ୍ ମୁଖ୍ୟା ଅଧ୍ୟାପିକା ଐଶ୍ୱର୍ଯ୍ୟାମୟୀ ପାତ୍ର ସଚେତନତା ସଭାର ମଞ୍ଚ ପରିଚାଳନା କରିଥିଲେ।

## ରଙ୍ଗ ତୂଳୀରେ ରାଷ୍ଟ୍ରୀୟ ଏକତାର ବାର୍ତ୍ତା



**ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ):** କଥାରେ ଅଛି ଏକତା ହିଁ ବଳ। ଦେଶର ଅଖଣ୍ଡତା ଲାଗି ଏକତା ଜରୁରୀ। ଏକତା ଦ୍ୱାରା ଦେଶର ସମୃଦ୍ଧି ଓ ପ୍ରଗତି ସମ୍ଭବ। ଏକତା ହିଁ ଭାରତୀୟଙ୍କ ପରିଚୟ। ଭାରତରେ ଭାଷା, ଧର୍ମ ଅନେକ, କିନ୍ତୁ ଭାବ ଏକ। ରାଜ୍ୟ ଅନେକ କିନ୍ତୁ ରାଷ୍ଟ୍ର ଏକ। ବିବିଧତା ମଧ୍ୟରେ ଏକତା ହିଁ ଭାରତର ଶକ୍ତି ଓ ଆତ୍ମା। ଏହି କଥାକୁ ରାଷ୍ଟ୍ରୀୟ ଏକତା ଦିବସ ତଥା ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀରେ ମନେ ପକାଇଛନ୍ତି ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ଜଣାଶୁଣା ୧୦ ବର୍ଷ ବୟସର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ। ରଙ୍ଗ ତୂଳୀରେ ନିଖୁଣ ରୂପେ ସେ ଏକ ଭାରତ ଶ୍ରେଷ୍ଠ ଭାରତର ଭାବ ଓ ଭାବନାକୁ ଚିତ୍ରରେ ଦେଖାଇବା ପାଇଁ ପ୍ରୟାସ କରିଛନ୍ତି। ପ୍ରତିବର୍ଷ ଅକ୍ଟୋବର ମାସ ୩୧ ତାରିଖଟିକୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଇଥାଏ। ଏକତାର ଭାବ ରହିଲେ ଦେଶ ବିଭାଜିତ ହେବ ନାହିଁ। ଏଣୁ ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ଆମର ପରମ କର୍ତ୍ତବ୍ୟ ବୋଲି ଶାନ୍ତନୁ ଏହି ପରିପ୍ରେକ୍ଷୀରେ ମତ ପ୍ରକାଶ କରିଛନ୍ତି।

## ଜିଲ୍ଲା ପ୍ରଶାସନ ଦ୍ୱାରା ୱାକାଥନ୍ ଓ ପଥ ଉତ୍ସବ

**ସୁନ୍ଦରଗଡ଼,୩୦।୧୦(ସଂଚାର ବ୍ୟୁରୋ):** ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅଧୀନରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟ ରେ ଜିଲ୍ଲା ପ୍ରଶାସନ ଦ୍ୱାରା ମଙ୍ଗଳବାର ସୁନ୍ଦରଗଡ଼ଠାରେ ୱାକାଥନ୍ ଓ ପଥ ଉତ୍ସବ ଆୟୋଜିତ ହୋଇଅଛି। ଏହି ଅବସରରେ ସ୍ଥାନୀୟ ଡିଆରଡିଏ ଛକ ଠାରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ଛକ ପର୍ଯ୍ୟନ୍ତ ପଥ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଯୋଗଦେଇ ଜିଲ୍ଲାପାଳ ମନୋଜ ମହାଜନ ଭୋଟ ଦାନ ପ୍ରକିୟା ହେଉଛି ଏକ ମହାନ ଗଣତାନ୍ତ୍ରିକ ପର୍ବ ଏବଂ ଏହି ଗଣତାନ୍ତ୍ରିକ ପର୍ବରେ ସମସ୍ତଙ୍କ ଯୋଗଦାନ ଆମ ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ, ଏଣୁ ପ୍ରତ୍ୟେକ ସଚେତନ ନାଗରିକ ଏହି ପ୍ରକିୟାରେ ନିଜର ସକ୍ରିୟ ଅଂଶଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥି ମାନେ ଭୋଟ ଦାନ ପ୍ରତ୍ୟେକ ନାଗରିକ ମାନଙ୍କର ମୌଳିକ ଅଧିକାର ଏବଂ ମତଦାନ ପ୍ରକିୟାରେ ସାମିଲ ହୋଇ ପ୍ରତ୍ୟେକ ନାଗରିକ ନିଜର ଅଧିକାର ସାବ୍ୟସ୍ତ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଗଣତନ୍ତ୍ରର ମହାନ ପର୍ବରେ ସାମିଲ ହେବା ନିମନ୍ତେ ପ୍ରତ୍ୟେକ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇ ଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବି ନାରାୟଣ ସାହୁ , ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ ଯୋଗ ଦେଇ ସମସ୍ତ କାର୍ଯ୍ୟକ୍ରମ ସହିତ ଷ୍ଟଲ୍ ବୁଲି ଦେଖିଥିଲେ। ଏହି ପଥ ଉତ୍ସବ ଆୟୋଜନ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ତଥା ମହା ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ରଙ୍ଗୋଲି, ଡ୍ରଇଂ, ପେଣ୍ଟିଂ, ଭୋଟଦାନ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା, ଓପନ ମାଇକ, ନୃତ୍ୟ ଆଦି ପ୍ରତିଯୋଗିତା କରି କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜନସଚେତନତା ସୃଷ୍ଟି ନିମନ୍ତେ ସରକାରୀ ମହା ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପିରାମିଡ୍ କରାଯାଇଥିଲା। ଏହି ଅବସରରେ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଉପରେ ବ୍ୟାପକ ଜନ ସଚେତନତା ନିମନ୍ତେ ଏକ ପଦଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥିଲା ଏବଂ ଏକ ସଚେତନତା ରଥକୁ ଜିଲ୍ଲାପାଳ ମହାଜନ ଶୁଭାରମ୍ଭ କରିଥିଲେ। ଏଥିରେ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ର ଛାତ୍ରୀ , ସ୍ପୋର୍ଟସ ହଷ୍ଟେଲର ଛାତ୍ର ଛାତ୍ରୀ ଏବଂ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ, ସଦର ତହସିଲଦାର କୁଳମଣି ରନବିଡା, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ଆଞ୍ଚଳିକ ପରିବହନ ଅଧିକାରୀ ପର୍ଶୁରାମ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ବିଶ୍ୱ କେତନ ପାଣ୍ଡେ, ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରୀ ପ୍ରଧାନ, ଅନ୍ୟାନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଓ ସମସ୍ତ କର୍ମଚାରୀ , ଜିଲ୍ଲାର ସଚେତନ ନାଗରିକ, ଛାତ୍ର ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ବିକାଶ ଦାସ ଏବଂ ଡେପୁଟି କଲେକ୍ଟର ସ୍ମୃତି ସୌମ୍ୟା ଦାସ ପରିଚାଳନା କରିଥିଲେ।

## ଇ-କାର୍ଟ ଗୋଦାମରୁ ଚୋରି ଚୋର ଗିରଫ



**ପାଟଣାଗଡ,୩୦।୧୦(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ପେଟ୍ରୋଲ ଟେଙ୍କ ନିକଟରେ ଥିବା ଇ-କାର୍ଟ ଗୋଦାମ ରୁ ସୋମବାର ବିଳମ୍ବିତ ରାତି ରେ ଚୋରି ହୋଇଥିବା ନେଇ ଖପ୍ରାଖୋଲ ଥାନା ରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ କରି ତଦନ୍ତ କରି ମଙ୍ଗଳବାର ଦିନ ଦୁଇ ଜଣ ଅଭିଯୁକ୍ତ ଙ୍କୁ ଗିରଫ କରିବା ରେ ସଫଳ ହୋଇଛି ପୋଲିସ। ସୂଚନା ଅନୁସାରେ, ସୋମବାର ବିଳମ୍ବିତ ରାତି ରେ ଇ-କାର୍ଟ ଗୋଦାମ ଗୃହ ର କାନ୍ଥ ରେ ଥିବା ସ୍କାଇଲେଟ ବାଟ ଦେଇ ଭିତରକୁ ପଶି ପ୍ରାୟ ୪୦ ହଜାର ଟଙ୍କା ର ସାମଗ୍ରୀ ଚୋରି କରିଥିବା ଜଣା ପଡିଛି। ଏ ନେଇ ଇ-କାର୍ଟ କମ୍ପାନି ର ସୁପରଭାଇଜର ରାଜେଶ ଦାସ ଖପ୍ରାଖୋଲ ପୋଲିସ ରେ ଅଭିଯୋଗ କରିବା ପରେ ପୋଲିସ ପ୍ରାଥମିକ ତଦନ୍ତ କରି ସାଇନଟିଫିକ୍ ଦଳ ଓ ସନ୍ଧାନୀ କୁକୁର ସହିତ ତଦନ୍ତ ଜାରି ରହିଥିବା ବେଳେ ଦୁଇଜଣ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ଖପ୍ରାଖୋଲ ଥାନା ଅନ୍ତର୍ଗତ ନୀତିଶ କୁମାର ବାରିକ ଓ ଖପ୍ରାଖୋଲ ଗାଁର ଅର୍ଜୁନ ନାଗ ବୋଲି ପୋଲିସ ସୂଚନା ଦେଇଛି।

## ବନ୍ଧୁକ କାରଖାନା ଉପରେ ଚଢ଼ାଉ, ଜଣେ ଗିରଫ



**ନୟାଗଡ଼,୩୦।୧୦(ସଂଚାର ବ୍ୟୁରୋ):** ନୟାଗଡ଼ ସଦରଥାନା ପୁଲିସ ଏକ ବନ୍ଧୁକ ନିର୍ମାଣ କାରଖାନା ଉପରେ ଚଢ଼ାଉ କରି ନିର୍ମାଣ ସାମଗ୍ରୀ ଏବଂ ବନ୍ଧୁକ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ସଦରଥାନା ମାଲିସାହି ଫାଣ୍ଡି ନିକଟସ୍ଥ ମାଲିସାହି ଗ୍ରାମର ବୀରବର ମହାରଣାଙ୍କ ପୁଅ କାବୁଲି ମହାରଣା । କାବୁଲି ଜଣେ ନିୟମିତ ବନ୍ଧୁକ ନିର୍ମାଣ କାରୀ ବୋଲି ନୟାଗଡ଼ ଏସପି ଏସ ସୁଶ୍ରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ୨୦୧୫ ମସିହା ଏବଂ ୨୦୨୦ ମସିହାରେ ପୁଲିସ ତାକୁ ଗିରଫ କରି ଆର୍ମ୍ସ ଆକ୍ଟରେ କୋର୍ଟ ଚାଲାଣ କରିଥିଲା । ଜାମିନରେ ଫେରିବା ପରେ ପୁଣି ସେ ନିଜ ଘରେ ବନ୍ଧୁକ ନିର୍ମାଣ କରୁଥିବା ସୂଚନା ମିଳିଥିଲା । ନୟାଗଡ଼ ଏସଡିପିଓ ସୁଦର୍ଶନ ଗାଙ୍ଗୋଇଙ୍କ ତତ୍ତ୍ୱବଧାନରେ ସଦରଥାନା ଅଧିକାରୀ ବିଜୟା ସାହୁଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ଅଭିଯୁକ୍ତଙ୍କଠାରୁ ନୂତନ ନିର୍ମାଣ ହୋଇଥିବା ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି । ଏହା ସହିତ ବନ୍ଧୁକ ନିର୍ମାଣ ପାଇଁ ସେ ପ୍ରସ୍ତୁତ କରି ରଖିଥିବା କାଠ, ଟିଗର ଏବଂ ନିର୍ମାଣ ସାମଗ୍ରୀ ଜବତ ହୋଇଛି । ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଏସପି ସୂଚନା ଦେଇଛନ୍ତି । ସେ ଏହା ମଧ୍ୟରେ କାହାକୁ ବନ୍ଧୁକ ବିକ୍ରି କରିଛି, ତାହାର ଅନୁସନ୍ଧାନ କରିବା ପାଇଁ ଅଭିଯୁକ୍ତକୁ ରିମାଣ୍ଡରେ ଅଣାଯିବ ବୋଲି ଏସପି କହିଛନ୍ତି । ଏହି ଚଢ଼ାଉରେ ସଦରଥାନା ଏସଆଇ ଧର୍ମେନ୍ଦ୍ର ଶିଆଳ ଏବଂ ଅନ୍ୟ ପୁଲିସ କର୍ମଚାରୀ ସାମିଲ ରହିଥିଲେ ।

## ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଆମ ବିଜ୍ଞାନ ମେଳା



**ବୈଶିଙ୍ଗା,୩୦।୧୦(ସଂଚାର ବ୍ୟୁରୋ):** ବୁଧବାର ଦିନ ପୂର୍ବାହ୍ନରେ ଖୁଣ୍ଟାପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ପିଲାମାନଙ୍କ ଦ୍ୱାରା ଆମ ବିଜ୍ଞାନମେଳା ଅନୁଷ୍ଠିତ ହୋଇ ଯାଇଛି । ଶିକ୍ଷା ପରିଷଦ ସଂଚାଳକ ଯୋଗେନ୍ଦ୍ର କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ବିଜ୍ଞାନମେଳାକୁ ଉଦ୍ଘାଟନ କରିଥିଲେ । ଶିକ୍ଷାକେନ୍ଦ୍ର ର ମୁଖ୍ୟ ଗୁରୁମା ରଞ୍ଜିତା ପତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବିଜ୍ଞାନମେଳାରେ ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ । ପୁରସ୍କାର ବିତରଣୀ ସଭାରେ ଜେଜେ ଗୁରୁଜୀ ଭାବେ ପରିଚିତ ମହେଶ୍ୱର ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛୋଟ ଛୋଟ ପିଲାମାନଙ୍କୁ ବିଜ୍ଞାନ ସମ୍ବନ୍ଧରେ ବୁଝାଇଥିଲେ । ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଡାଇରେକଟର କାହ୍ନୁ ଚରଣ ପତି ପିଲାମାନଙ୍କ ମନରେ କୁନି କୁନି ବୈଜ୍ଞାନିକ ଦିନେ କିପରି ବଡ ବୈଜ୍ଞାନିକ ହୋଇ ଦେଶର ମାନ ବଢାଇ ପାରିବେ ସେ ବିଷୟରେ ବିଭିନ୍ନ ଉଦାହରଣ ଦେଇଥିଲେ। ରୁପସା ସ୍ଥିତ ବୀଣାପାଣି ଶିକ୍ଷାକେନ୍ଦ୍ରର ପ୍ରଧାନ ଗୁରୁଜୀ ସୁରଜ ସାର ଯୋଗ ଦେଇ ଆଜିର ସାଧାରଣ ଶିକ୍ଷା ସହିତ ବିଜ୍ଞାନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି ପିଲାମାନଙ୍କୁ ବୁଝାଇଥିଲେ।ଅନ୍ୟ ଅତିଥି ଭାବେ ବିକ୍ରମ ସାର ଯୋଗ ଦେଇ ବିଜ୍ଞାନମେଳା ର ଉଦ୍ଦେଶ୍ୟ ସମ୍ବନ୍ଧରେ ସମ୍ୟକ ଧାରଣା ଦେଇଥିଲେ।ଏହି ବିଜ୍ଞାନମେଳାରେ ଜୁନିୟର ଓ ସିନିୟର ବିଭାଗରେ ମୋଟ ୫୬ ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇ ଥିଲା ।

## ମାଣ୍ଡିଆ ଚାଷୀଙ୍କୁ ପାଉଣା ମିଳିବାରେ ବିଳମ୍ବ



● ଅଭିଯୋଗ ପରେ ତଦନ୍ତ କଲେ ଉପଜିଲ୍ଲାପାଳ

**ପାଟଣାଗଡ,୩୦।୧୦(ସଂଚାର ବ୍ୟୁରୋ):** ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ମଖାପଦର ପଞ୍ଚାୟତ ର ଚାଷୀ ମାନେ ମାଣ୍ଡିଆ ଚାଷୀ କରିଥିଲେ ଗତ ବର୍ଷ ମାଣ୍ଡିଆ ଭଲ ଅମଳ ହୋଇଥିଲା ଏନେଇ ପ୍ରଶାସନ ପକ୍ଷରୁ , ସେହି ଗାଁ ରେ ମାଣ୍ଡିଆ କିଣିବା ପାଇଁ ମଣ୍ଡି ରେ ବ୍ୟବସ୍ଥା ହୋଇଥିଲା ତେବେ "ମାଣ୍ଡିଆ କିଣିବା ପାଇଁ ସେହି ଗାଁ ଶ୍ରୀ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ ଦାୟିତ୍ୱ ମିଳିଥିଲା ।,ସେହି ଗାଁ ର ମାଣ୍ଡିଆଚାଷୀ କ୍ଷୀର ସିନ୍ଧୁ ଭୋଇ ରମେଶ ଭୋଇ ସୁମିତ୍ରା ଭୋଇ ନେତ୍ରିକା ଭୋଇ ଗଜାନନ ଭୋଇ ନକୁଳ ଭୋଇ ଡମ୍ବରୁ ଭୋଇ ମମତା ମାଝୀ ଫୁଲମତି ମାଝୀ ରୁଥେନ୍ ନାଗ ଦୃମନ ଭୋଇ ଙ୍କ , ଠାରୁ ୧୬୧ କୁଇଣ୍ଟାଲ ମାଣ୍ଡିଆ କିଣାଯାଇଥିଲା ଏହାପରେ ମଣ୍ଡି ରୁ ଟିଡିସିସି ବିଭାଗ ମାଣ୍ଡିଆ ନେଇଥିଲେ ହେଲେ ଆଜକୁ ୮ମାସ ବିତିଗଲା ମାଣ୍ଡିଆ ଚାଷୀ ଙ୍କୁ ପାଉଣା ମିଳିନି ତେବେ ଚାଷୀ ମାନେ ତତ୍କାଳୀନ ଜିଲ୍ଲାପାଳ ଙ୍କ ଦ୍ୱାରସ୍ଥ ହୋଇ ଟିଡିସିସି ବିଭାଗ ର ଦାଇତ୍ୱହୀନତା କାର୍ଯ୍ୟନିର୍ବାହୀ ଅଧିକାରୀ ସନାତନ ମାଟିଆ ମାଣ୍ଡିଆ ଚାଷୀ ଙ୍କ ପାଉଣା ଦେଉନଥିବା ଅଭିଯୋଗ କରିଥିଲେ, ତତ୍କାଳୀନ ଜିଲ୍ଲାପାଳ ହେମାକାନ୍ତ ସୟ ବିଭାଗୀୟ ଅଧିକାରି ସନାତନ ମାଟିଆ ଙ୍କୁ ତାଗିଦ କରି ମାଣ୍ଡିଆ ଚାଷୀ ଙ୍କୁ ପାଉଣା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ହେଁ ଅଧିକାରୀ ଜଣକ ପାଉଣା ଦେବା ପାଇଁ ହଁ କହିବା ସତ୍ୱେ ଚାଷୀ ଙ୍କୁ ଠକି ଦେଇ ଦିନଦିନ ଗଡାଉଛନ୍ତି, ଅନ୍ୟପଟେ ମାଣ୍ଡିଆ ଚାଷୀ ମାନେ ଅର୍ଥ ଅଭାବରୁ ପରିବାର ଅନଟନ ଦିନ କାଟୁଛନ୍ତି, ତେବେ ଚାଷୀ ଙ୍କ କଥା କେହି ଶୁଣୁ ନ ଥିବା ବେଳେ ଏହି ସମସ୍ୟା କୁ ନେଇ ବାରମ୍ବାର ପ୍ରଶାସନ ର ଦ୍ୱାରସ୍ଥ ହେବାସହ ଚାଷୀ ମାନେ ଜିଲ୍ଲାପାଳ ମଧୁସୂଦନ ଦାସ ଓ କଳାହାଣ୍ଡି ସାଂସଦ ମାଳିଭିକା ସିଂ ଙ୍କୁ ଅବଗତ କରାଇଥିଲେ। ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ଙ୍କ ନତୃତ୍ୱ ରେ ମଖାପଦର ଗାଁ ପହଁଚିଥିଲେ ମାଣ୍ଡିଆ ମାଣ୍ଡିଆ ଚାଷୀ ଙ୍କୁ ଭେଟି ରାତ୍ରି ଯାଏଁ ଆଲୋଚନା କରିଥିଲେ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ୨୦ ବର୍ଷ କାରାଦଣ୍ଡ



**ଯାଜପୁର,୩୦।୧୦(ସଂଚାର ବ୍ୟୁରୋ):** ସୁକିନ୍ଦା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଯାଜପୁର ପୋକସୋ କୋର୍ଟ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡର ରାୟ ଶୁଣାଇଛନ୍ତି। ସୂଚନା ଅନୁସାରେ ୨୦୨୩ ମସିହା ମାର୍ଚ୍ଚ ୩ ତାରିଖରେ ସୁକିନ୍ଦା ଥାନା ଅଞ୍ଚଳରେ ଜଣେ ୭ ବର୍ଷୀୟ ନାବାଳିକା ସ୍କୁଲରୁ ଫେରି ଅପରାହ୍ନରେ ଘର ପାଖରେ ଖେଳୁଥିବା ବେଳେ ତାଙ୍କ ପଡୋଶୀ ରବିନ୍ଦ୍ର ମଲ୍ଲିକ(୫୦) ତାକୁ ଚକଲେଟ ଲୋଭରେ ଘର ଭିତରକୁ ଡାକି ଦୁଷ୍କର୍ମ କରିଥିଲା। ତେବେ ନାବାଳିକା ଗୁରୁତର ଅସୁସ୍ଥ ହୋଇ ଯାଜପୁର ମୁଖ୍ୟଚିକିତ୍ସାଳୟରେ ଚିକିତ୍ସିତ ହୋଇଥିବା ବେଳେ ନାବାଳିକା ମା ୫ ତାରିଖରେ ଲିଖିତ ଅଭିଯୋଗ କ୍ରମେ କେସ ନଂ ୪୬/୨୩ରେ ପୁଲିସ ଅଭିଯୁକ୍ତକୁ ଗିରଫ କରି ଦଫା ୩୭୬(ଏବି) ଓ ୪ (୨)ପୋକସୋ ଆକ୍ଟରେ କୋର୍ଟ ଚାଲାଣ କରିଥିଲା। ଡାକ୍ତରୀ ରିପୋର୍ଟ ଓ ୧୩ ଜଣ ସାକ୍ଷୀଙ୍କ ରାୟକୁ ଭିତ୍ତି କରି ମାନ୍ୟବର କୋର୍ଟ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ମାନ୍ୟବର ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ଅଭିଜିତ ପଲାଇ ରାୟ ଶୁଣାଇଛନ୍ତି। ଏଥି ସହିତ ୨ ହଜାର ଜରିମାନା ଅନାଦେୟ ୪ ମାସର ରାୟ ଶୁଣାଇଛନ୍ତି। ନାବାଳିକାକୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ମାମଲା ପରିଚାଳନା କରିଥିଲେ।

## ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ'



**ନୟାଗଡ଼,୩୦।୧୦(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ପ୍ରେସ୍ ଇନଫର୍ମେସନ୍ ବ୍ୟୁରୋ ପକ୍ଷରୁ ନୀଳମାଧବ କଲ୍ୟାଣ ମଣ୍ଡପରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ' ଅନୁଷ୍ଠିତ ହୋଇଛି। କେନ୍ଦ୍ର ଇନଫର୍ମେସନ୍ ଆଣ୍ଡ ବ୍ୟୁରୋ ରାଜ୍ୟ ଅଞ୍ଚଳ ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର୍ ଜେନେରାଲ ଅଖିଳ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେବା ସହ ଅଧ୍ୟକ୍ଷତା କରିଥିଲେ। ଏହି କର୍ମଶାଳାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରାଯିବା ସହ ଡାକ ବିଭାଗର ଭୂମିକା ଉପରେ ବିଶେଷ ଆଲୋଚନା ହୋଇଥିଲା। ଜଣେ ସରକାରୀ ଅଧିକାରୀ କୌଣସି ସ୍ଥାନରେ କାର୍ଯ୍ୟକରେ ଯୋଗଦେବା ପୂର୍ବରୁ ସେଠାକାର ସାମ୍ବାଦିକ କିଭଳି ବୋଲି ବୁଝିଥାନ୍ତି ବୋଲି ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ବକ୍ତବ୍ୟ ରଖିଥିଲେ। ଡାକ ବିଭାଗ ଅଧିନରେ ଜିଲାରେ ୨୨୮ ଟି ଡାକ କାର୍ଯ୍ୟାଳୟ ରହିଛି। ଆର୍ଥିକ କାରବାର ବୃଦ୍ଧି କରିବା ଦିଗରେ ଉପାନ୍ତ ଅଞ୍ଚଳରେ କାର୍ଯ୍ୟାଳୟ ଖୋଲାଯାଇଥିବା ନୟାଗଡ଼ ଡାକ ବିଭାଗ ଅଧୀକ୍ଷକ ଖଗେଶ୍ୱର ମଲ୍ଲିକ କହିଛନ୍ତି। ଡାକ ବିଭାଗରେ ଜିଲ୍ଲାର ୩ ଲକ୍ଷ ୩୯ହଜାର ୪୧୭ ଜଣ ଖାତାଧାରୀ ଯୋଡ଼ି ହୋଇଛନ୍ତି। ଜିଲା ଶିଳ୍ପ ଅଧିକାରୀ ତ୍ରିଲୋଚନ ବେହେରା ବିଶ୍ୱକର୍ମା ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ୨୦୨୩ରୁ ବିଶ୍ୱକର୍ମା ଯୋଜନା ଆରମ୍ଭ ହୋଇଥିବା ବେଳେ ଏଥିପାଇଁ କାରିଗରଙ୍କୁ ଚୟନ କରାଯାଇଛି। ମାଛ ଧରା ଜାଲ ବୁଣାକାର, କୁମ୍ଭାର, ମୃତ୍ତିକାର, ମୋଚି, ପାରମ୍ପରିକ ଖେଳନା ନିର୍ମାତା ପ୍ରମୁଖ ୧୮ ପ୍ରକାର କାରିଗର ଏଥିପାଇଁ ଆବେଦନ କରିପାରିବେ ବୋଲି କହିଥିଲେ। ଏହାପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ କାର୍ଯ୍ୟନକ୍ରମକୁ ପରିଚାଳନା କରିଥିବା ବେଳେ ଭୁବନେଶ୍ୱର ପିଆଇବି ଡେପୁଟି ଡାଇରେକ୍ଟର ମନୋଜ କୁମାର ଜାଲି ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଶରତ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଦୀପାବଳି ଉପଲକ୍ଷେ ମାଟି ଦୀପ ବାଣ୍ଟିଲେ ଯୁବ ସମାଜସେବୀ



**ବ୍ରହ୍ମପୁର,୩୦।୧୦(ସଂଚାର ବ୍ୟୁରୋ):** ଦିନକ ପରେ ଆସୁଛି ଦୀପାବଳି। ଏଥି ପାଇଁ ବଜାରରେ ଭଳିକି ଭଳି ଦୀପ ବିକ୍ରି ହେଉଛି। କିନ୍ତୁ ମାଟି ଦୀପ ତୁଳନାରେ କସମେଟିକ ଦୀପର ଚାହିଦା ବଢ଼ିବାରେ ଲାଗିଛି। ଫଳରେ କୌଳିକ ବୃତ୍ତି ଆପଣାଇ ପରିବାର ଚଳାଇବା କୁମ୍ଭାର ପରିବାର ପାଇଁ କାଠିକର ପାଠ ହୋଇପଡିଛି।ଏପରି କିଛି କୁମ୍ଭାର ପରିବାରଙ୍କ ନିକଟରୁ କିଣି ଆଣି ମାଟି ଦୀପ ବାଣ୍ଟିଲେ ବ୍ରହ୍ମପୁରର ଯୁବ ସମାଜସେବୀ ଏସ. ଅଜିତ କୁମାର ପାତ୍ର।ସ୍ଥାନୀୟ ଗାନ୍ଧୀ ନଗର ଛକ ଠାରେ ପ୍ରାୟ ପାଞ୍ଚ ହଜାର ମାଟିଦୀପ ବଣ୍ଟନ କରିଛନ୍ତି ଶ୍ରୀ ପାତ୍ର।ଦିନ ଥିଲା ମାଟି ସାମଗ୍ରୀ ବିକ୍ରି କରି ବେଶ ଦୁଇ ପଇସା ରୋଜଗାର କରୁଥିଲେ କୁମ୍ଭାର ସମ୍ପ୍ରଦାୟର ଲୋକେ।ସଂପ୍ରତି ପ୍ଲାଷ୍ଟିକ, ଷ୍ଟିଲ, ଚାଇନା ମାଟି ଭଳି ଘରୋଇ ଉପକରଣ ମିଳିବା ପରେ ମାଟି ସାମଗ୍ରୀର ଚାହିଦା କମିବାରେ ଲାଗିଛି। କେବଳ ପୂଜାପାର୍ବଣ, ଯାନିଯାତ୍ରା, ବିବାହ ଓ ବ୍ରତରେ ଖୋଜା ପଡ଼ିଥାଏ ମାଟି ତିଆରି ଦୀପ, ହାଣ୍ଡି ଇତ୍ୟାଦି। ତେଣୁ ଏହି କୌଳିକ ବୃତ୍ତି ଆପଣାଇ ପରିବାର ଚଳାଇବା କୁମ୍ଭାର ପରିବାର ପାଇଁ କାଠିକର ପାଠ ହୋଇପଡିଛି। ବର୍ତ୍ତମାନ ଅଳ୍ପ କିଛି ପରିବାର ମାଟି ସାମଗ୍ରୀ ତିଆରି କରି ନିଜ କୌଳିକ ବୃତ୍ତିକୁ ଆପଣାଇ ପରିବାର ଚଳାଉଛନ୍ତି। କିନ୍ତୁ ମାଟି ସାମଗ୍ରୀ ବିକ୍ରି କରି ପରିବାର ଚଳାଇବାରେ ସମସ୍ୟା ଦେଖାଦେଉଥିବା କୁମ୍ଭାର ସଂପ୍ରଦାୟର ପରିବାର କହିଛନ୍ତି। କିନ୍ତୁ ଯୁଗ ପରିବର୍ତ୍ତନ ସହିତ ଷ୍ଟିଲ, ପ୍ଲାଷ୍ଟିକ, ଫାଇବର ଭଳି ଘରୋଇ ସାମଗ୍ରୀର ଚାହିଦା ବୃଦ୍ଧି ପାଇବାରୁ ମାଟି ସାମଗ୍ରୀ ପ୍ରତି ଆଉ ଲୋକ ମନ ବଳାଇଲେଣି। ଏଥିଯୋଗୁଁ ମାଟି ସାମଗ୍ରୀର ଚାହିଦା କମିବାରେ ଲାଗିଛି । ଯଦି ପ୍ରଶାସନ ପକ୍ଷରୁ ମାଟି ସାମଗ୍ରୀ ବିକ୍ରୟ ପାଇଁ ବଜାର ବ୍ୟବସ୍ଥା କରାଯିବା ସହ କୁମ୍ଭାର ପରିବାରଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଏ ତେବେ ଏହି କୌଳିକ ବୃତ୍ତି ବଞ୍ଚି ରହିବ ଓ ଦୀପାବଳି ଦିନ ସମସ୍ତେ ଘରେ ଘରେ ମାଟି ଦୀପ ପ୍ରଜ୍ୱଳନ କରିବା ପାଇଁ ପାତ୍ର କହିଛନ୍ତି।

## ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ



**ନୟାଗଡ଼, ୩୦।୧୦ (ସଂଚାର ବ୍ୟୁରୋ):** ଗତ ୨୮ ତାରିଖ ଠାରୁ ଆରମ୍ଭ ହୋଇ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଯାଉଛି ଦୁର୍ନିତି ନିବାରଣ ସପ୍ତାହ । ଏହି ଉପଲକ୍ଷେ ଆଜି ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଦୁର୍ନିତି ନିବାରଣ ସପ୍ତାହ ପାଳିତ ହୋଇଛି । ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାଶ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଦୁର୍ନିତି ନିବାରଣ ବିଭାଗର ଡିଏସପି ସନ୍ଧ୍ୟାରାଣୀ ସାହୁ, ନୟାଗଡ଼ ଦୁର୍ନିତି ନିର୍ବାରଣ ବିଭାଗର ଡିଏସପି ପ୍ରତ୍ୟୁଷ ମହାପାତ୍ର, ଅବସର ପ୍ରାପ୍ତ ପୁଲିସ ଅଧିକାରୀ ଅମୂଲ୍ୟ ମହାନ୍ତି ଓ ପୁଲିସ ଟ୍ରେନିଂ ସ୍କୁଲର ପ୍ରିନ୍ସପାଲ ଭବେଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଆଜିର ମୁଖ୍ୟ ଆଲୋଚନା ରହିଥିଲା "ସତ୍ୟନିଷ୍ଠ ସଂସ୍କୃତି" ହିଁ ରାଷ୍ଟ୍ର ସମୃଦ୍ଧିର ଭିତି । ଏ ସମ୍ବନ୍ଧରେ ଅତିଥି ମାନେ ବିଭିନ୍ନ ଆଲୋଚନା କରିଥିଲେ । ଏହି ଅବସରରେ ଉପସ୍ଥିତ ଅତିଥି ଓ ସମସ୍ତ ବିଭାଗିୟ ଅଧିକାରୀ ମାନେ ଶପଥ ପାଠ କରିଥିଲେ । ମୁଁ ବିଶ୍ୱାସ କରେ ଯେ, ଆମ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠୁ ବଡ଼ ପ୍ରତିବନ୍ଧକ । ମୁଁ ବିଶ୍ୱାସ କରେ ଯେ, ଦୁର୍ନିତିର ମୂଳୋତ୍ପାଟନ ନିମନ୍ତେ ସମସ୍ତ ଅଂଶୀଦାର ଯଥା ସରକାର, ନାଗରିକ ସମୁଦାୟ ତଥା ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ । ମୁଁ ଅନୁଭବ କରେ ଯେ, ପ୍ରତ୍ୟେକ ନାଗରିକ ସବୁ ସମୟରେ ସତର୍କତା ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମକୁ ସମର୍ଥନ କରିବା ଉଚିତ୍ । ମୁଁ ସେଥିପାଇଁ ଶପଥ ନେଉଅଛି ଯେ, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବି ।